R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୩୪
ତିଥି: ଦ୍ୱାଦଶୀ
୦୮ ସେପ୍ଟେମ୍ବର ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 334
08 September 2026, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




## ବସନ୍ତ ବିଶ୍ୱାଳଙ୍କ ୨୩ତମ ଶ୍ରାଦ୍ଧ ଦିବସ

# ବସନ୍ତ ବାବୁଙ୍କ ସମୟାନୁବର୍ତ୍ତିତା, ପ୍ରତିବଦ୍ଧତା ଆଜିର ସଙ୍କଳ୍ପ ହେଉ

- ଜାନକୀ-ବସନ୍ତଙ୍କ ଯୋଡ଼ି ଦମ୍‌ଦାର ଥିଲା : ତନୟା
- ଭବିଷ୍ୟତ ପିଢ଼ି ବସନ୍ତ ବାବୁଙ୍କ ବିଷୟରେ ଜାଣିବାର ଆବଶ୍ୟକ ରହିଛି : ମନୀଷା
- ପ୍ରତିପକ୍ଷ ରାଜନେତାଙ୍କୁ ବସନ୍ତ ବାବୁ ଅଧିକ ସମ୍ମାନ ଦେଉଥିଲେ : ସଂଘମିତ୍ରା
- ଦଳ ମତରୁ ବହୁ ଉର୍ଦ୍ଧ୍ୱରେ ଥିଲେ ବସନ୍ତ ବାବୁ : ଇପ୍‌ସିତା
- ଓଡ଼ିଶା ଅପହଞ୍ଚ ଇଲାକାର ଭିତ୍ତିଭୂମିକୁ ସଜାଡ଼ିଥିଲେ ବସନ୍ତ ବାବୁ : ଐଶ୍ୱର୍ଯ୍ୟା




ଭୁବନେଶ୍ୱର, ୭।୯: ଓଡ଼ିଶାର ନବନିର୍ମାତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳ ଥିଲେ ଜଣେ ଦୂର ଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ । ତାଙ୍କର ସମୟାନୁବର୍ତ୍ତିତା ଓ ପ୍ରତିବଦ୍ଧତାକୁ ଆଜିର ଯୁବପିଢ଼ି ସଂକଳ୍ପ ଭାବେ ଗ୍ରହଣ କରିବାର ଆବଶ୍ୟକତା ରହିଛି । ଏହାକୁ ଗ୍ରହଣ କଲେ ରାଜ୍ୟର ଉନ୍ନତି ହେବାସହ ରାଜନୀତିରେ ଏକ ନୂତନ ଧାରା ସୃଷ୍ଟି ହେବ। ତାଙ୍କ କାର୍ଯ୍ୟଧାରାରେ ରହିଥିଲା ନିଷ୍ଠା ଓ ପ୍ରତିବଦ୍ଧତା । କୌଣସି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନବେଳେ ଏହାର ଲୋକାର୍ପଣ ତାରିଖ ସେ ଘୋଷଣା କରୁଥିଲେ । ଏହି ଦୂରଦୃଷ୍ଟି ସମ୍ପନ୍ନ ରାଜନେତାଙ୍କ କାର୍ଯ୍ୟ କରିବାର ଶୈଳୀ ଓ ସାଧାରଣତଃ ରାଜନୀତିରେ କ୍ୱଚିତ ଦେଖିବାକୁ ମିଳିଥାଏ ବୋଲି ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କ ୨୩ତମ ଶ୍ରାଦ୍ଧ ସଭାରେ ବକ୍ତାମାନେ ମତ ପ୍ରକାଶ କରିଥିଲେ।

ରାଜ୍ୟସ୍ତରୀୟ ବସନ୍ତ କୁମାର ବିଶ୍ୱାଳ ସ୍ମୃତି କମିଟି, ଭୁବନେଶ୍ୱର ପକ୍ଷରୁ ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କର ୨୩ତମ ଶ୍ରାଦ୍ଧ ଦିବସ ପାଳନ ହୋଇଛି। ଏଥର ଆୟୋଜକମାନେ ଶ୍ରାଦ୍ଧ ଦିବସ ସ୍ମୃତିଚାରଣ ସଭାକୁ ଏକ ନିଆରା ଢ଼ଙ୍ଗରେ ପାଳିବା ପାଇଁ ନିଷ୍ପତ୍ତି ନେଇଥିଲେ। ଆମର ପରବର୍ତ୍ତୀ ପିଢ଼ି ଅର୍ଥାତ୍ ଯୁବପିଢ଼ି ସ୍ୱର୍ଗତ ବିଶ୍ୱାଳଙ୍କ ସମ୍ପର୍କରେ ଅବଗତ କରାଇବା ଲାଗି ବିଭିନ୍ନ ରାଜନୈତିକ ଦଳର ଯୁବନେତୃତ୍ୱ ଓ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ମହିଳାମାନଙ୍କୁ ଅତିଥି ଭାବେ ଚୟନ କରାଯାଇଥିଲା। ସେମାନେ ମଧ୍ୟ ସ୍ୱର୍ଗତ ବିଶ୍ୱାଳଙ୍କର ସ୍ମୃତିଚାରଣ କରିଥିଲେ।

ଆୟୋଜିତ ଶ୍ରାଦ୍ଧ ସଭାରେ ସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ନାରାୟଣ ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମୟର ପରିଚାଳନା ସମ୍ପାଦକ ତଥା ପୂର୍ବତନ ସାଂସଦ ରଞ୍ଜୀବ ବିଶ୍ୱାଳ ମଞ୍ଚାସୀନ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ବକ୍ତା ଭାବେ ସମ୍ବାଦ ଓ କନକ ଟିଭିର ସମ୍ପାଦିକା ତନୟା ପଟ୍ଟନାୟକ, ଏଆଇସିସି ସଦସ୍ୟା ତଥା ଯୁବ କଂଗ୍ରେସ ନେତ୍ରୀ ମନିଷା ତ୍ରୀପାଠୀ, ବିଜେପି ମହିଳା ମୋର୍ଚ୍ଚା ରାଜ୍ୟ (୯ ପୃଷ୍ଠାରେ)

# ଆଜିଠୁ ମୁଖ୍ୟମନ୍ତ୍ରୀଙ୍କ ୫ ଦିନିଆ ୟୁଏଇ ଗସ୍ତ

## ପୁଞ୍ଜି ଆକର୍ଷଣ ଲାଗି ବୃହତ୍ତ ନିବେଶକ, ଶିଳ୍ପପତିଙ୍କ ସହ ଆଲୋଚନା

ଭୁବନେଶ୍ୱର, ୭।୯ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା କାଲି ଠାରୁ ମଧ୍ୟ ପ୍ରାଚ୍ୟ ରାଷ୍ଟ୍ର ସଂଯୁକ୍ତ ଆରବ ଏମିରେଟ୍‌ସ୍‌କୁ ପାଞ୍ଚ ଦିନିଆ ଗସ୍ତରେ ଯାଉଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ପୁଞ୍ଜି ଆକର୍ଷଣ ପାଇଁ ବିଭିନ୍ନ ନିବେଶକ ଓ ଶିଳ୍ପପତିଙ୍କ ସହିତ ଆଲୋଚନା କରିବେ । ଏହାସହିତ ପ୍ରବାସୀ ଓଡ଼ିଆଙ୍କୁ ସମ୍ବୋଧନ କରି ଓଡ଼ିଶାର ବିକାଶମୂଳକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିବା ସହିତ ଓଡ଼ିଶା ଏବଂ ୟୁଏଇ ମଧ୍ୟରେ ବାଣିଜ୍ୟିକ ଓ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେବାର କାର୍ଯ୍ୟକ୍ରମ ରହିଛି।

ଆସନ୍ତା କାଲି ମୁଖ୍ୟମନ୍ତ୍ରୀ ପ୍ରଥମେ ନୂଆଦିଲ୍ଲୀ ଯାଇ ସେଠାରୁ ଆବୁଧାବି ଯିବେ । ୯ ତାରିଖ ଦିନ ଇଣ୍ଟରନ୍ୟାସନାଲ ହୋଲ୍ଡିଂ କମ୍ପାନି, ଇଣ୍ଡିଆନ ବିଜନେସ ଆଣ୍ଡ ପ୍ରଫେସନାଲ ଗ୍ରୁପ୍, ପେଟ୍ରୋ କେମିକାଲ କ୍ଷେତ୍ରର ବୋରଗ୍ କମ୍ପାନୀ ଆଦି ବିଶ୍ୱସ୍ତରୀୟ କମ୍ପାନୀର ପ୍ରମୁଖ ନେତୃତ୍ୱ ଏବଂ ଅଧିକାରୀମାନଙ୍କ ସହିତ ଆଲୋଚନା କରିବେ । ସେଦିନ ସନ୍ଧ୍ୟାରେ ଦୁବାଇରେ 'ଗୋଟିଏ ଜିଲ୍ଲା, ଗୋଟିଏ ଉତ୍ପାଦ କାର୍ଯ୍ୟକ୍ରମ ଅଧୀନରେ ଉତ୍ପାଦିତ ଓଡ଼ିଶାର ବିଭିନ୍ନ ଦ୍ରବ୍ୟର ଏକ ପ୍ରଦର୍ଶନୀ ଉଦ୍‌ଘାଟିତ ହେବାର କାର୍ଯ୍ୟକ୍ରମ ରହିଛି ।

### ୧୧ରେ ପ୍ରବାସୀ ଓଡ଼ିଆଙ୍କୁ ସମ୍ବୋଧନ

୧୦ ତାରିଖ ଦିନ ୟୁଏଇର ଅର୍ଥନୀତି ତଥା ପର୍ଯ୍ୟଟନ ମନ୍ତ୍ରୀ ଏବଂ କାଉନ୍‌ସିଲ ଅଫ୍ ଇଣ୍ଟରନ୍ୟାସନାଲ ଇନ୍‌ଭେଷ୍ଟମେଣ୍ଟସ'ର ଅଧ୍ୟକ୍ଷ ଅବଦୁଲ୍ଲା ବିନ୍ ତକ୍ ଅଲ୍ ମାରିଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହାସହିତ ଇଣ୍ଡିଆନ ବିଜନେସ ଆଣ୍ଡ ପ୍ରଫେସନାଲ କାଉନସିଲ, ଏମିରେଟ୍ସ ଗ୍ଲୋବାଲ ଆଲୁମିନିଅମ୍‌ର ପ୍ରମୁଖ ନେତୃତ୍ୱମାନଙ୍କ ସହିତ ଆଲୋଚନା କରିବେ । ମିଡିଲ ଇଷ୍ଟ ରିସାଇକ୍ଲିଙ୍ଗ୍ ଆସୋସିଏସନ୍ ସହିତ ରାଉଣ୍ଡ ଟେବୁଲ ବୈଠକ, ଓଡ଼ିଶା ବିଜନେସ ଡେଲିଗେସନ୍ ସହିତ ଆଲୋଚନା ଆଦି କାର୍ଯ୍ୟକ୍ରମ ମଧ୍ୟ ରହିଛି।

୧୧ ତାରିଖ ଦିନ ଦୁବାଇରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍'ରେ ଉଦ୍ୟୋଗପତି ଓ ଶିଳ୍ପପତିମାନଙ୍କୁ ଭେଟି ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ବ୍ୟାପକ ସୁଯୋଗ ସମ୍ପର୍କରେ ଆଲୋଚନା କରିବେ। ଏହାସହିତ ପ୍ରବାସୀ ଓଡ଼ିଆ ମାନଙ୍କ ସହିତ ମଧ୍ୟ ଏକ ବ୍ୟାପକ ମତବିନିମୟ କାର୍ଯ୍ୟକ୍ରମ ରହିଛି । ୧୨ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରି ଆସିବେ।

ସୂଚନାଯୋଗ୍ୟ ଯେ, ଓଡ଼ିଶାକୁ ଶିଳ୍ପ କ୍ଷେତ୍ରରେ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିରନ୍ତର ଉଦ୍ୟମ ଜାରି ରହିଛି । ପୂର୍ବରୁ ସେ ଦେଶର ବିଭିନ୍ନ (୯ ପୃଷ୍ଠାରେ)

# ଓଡ଼ିଶା ଜନବିଶ୍ୱାସ ବିଲ୍ ୨.୦କୁ ମଞ୍ଜୁରୀ



- କ୍ୟାବିନେଟ୍‌ରେ ୧୮ ପ୍ରସ୍ତାବ ପାରିତ
- ବୋଇତ ଯୋଜନା ଲାଗି ୬୫୦ କୋଟି
- ସୌର ଓ ଅଣସୌର ପମ୍ପ ସିଷ୍ଟମରେ ଜଳସେଚନ ଲାଗି ୮୬୫୩ କୋଟି
- ବିଭିନ୍ନ ରାସ୍ତା ପ୍ରକଳ୍ପ ଲାଗି ୪୩୪.୭୨ କୋଟି
- କୋମତଲପେଟା-ମୁନିଗୁଡା-ତୁମୁଡ଼ିବନ୍ଧ ରାସ୍ତାର ଉନ୍ନତିକରଣ
- ବସୁଧା ଯୋଜନା ଲାଗି ୫୦୪୫ କୋଟି
- ଶ୍ରୀମନ୍ଦିର ଭୂମି ପରିଚାଳନା ନିୟମ ଅନୁମୋଦନ
- ବିଦ୍ୟୁତ୍ ସଞ୍ଚାଳନ ସୁଦୃଢ଼ୀକରଣ ଲାଗି ୧୫୯୪୮.୬୦ କୋଟି

ଭୁବନେଶ୍ୱର, ୭।୯ (ସବ୍ୟୁ) : ଓଡ଼ିଶା ଜନ ବିଶ୍ୱାସ ବିଲ୍ ୨.୦କୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଏହି ବିଲ୍ ବିଶ୍ୱାସଭିତ୍ତିକ ଶାସନକୁ ଆହୁରି ଘନିଷ୍ଠ କରିବ । ୧୧ ବିଭାଗର ପରିଚାଳିତ ୧୬ ରାଜ୍ୟ ଆଇନ୍‌ରେ ୬୨ ବ୍ୟବସ୍ଥାର ସଂଶୋଧନ କରାଯାଇଛି। ଫଳରେ ପ୍ରସ୍ତାବିତ ସଂସ୍କାରଗୁଡ଼ିକ, ଅନୁପାଳନ ବୋଝ, ମୋକଦମା ଏବଂ ପ୍ରକ୍ରିୟାଗତ ବିଳମ୍ବକୁ ହ୍ରାସ କରିବ। ନିୟାମକ ନିଶ୍ଚିତତା ଏବଂ ପ୍ରଶାସନିକ ଦକ୍ଷତାର ଉନ୍ନତି ଆଣିବ। ରାଜ୍ୟ କ୍ୟାବିନେଟ୍‌ରେ ଉପରୋକ୍ତ ପ୍ରସ୍ତାବ ସମେତ ୧୨ ବିଭାଗର ୧୮ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୧୨ ବିଭାଗର ୧୮ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ଶିଳ୍ପ ବିଭାଗ, ଅର୍ଥ ବିଭାଗର ଗୋଟିଏ ଲେଖାଏଁ ପ୍ରସ୍ତାବକୁ ଅନୁମୋଦନ (୯ ପୃଷ୍ଠାରେ)

# ଡିଜିପି ଚୟନ ବିବାଦ ମାମଲା : ୨୨ରେ ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ,୭।୯: ଓଡ଼ିଶା ଡିଜିପି ନିଯୁକ୍ତି ଶୁଣାଣି ମାମଲା ସୁପ୍ରିମକୋର୍ଟରେ ପୁଣି ଘୁଞ୍ଚିଛି । ଆସନ୍ତା ୨୨ ତାରିଖକୁ ପରବର୍ତ୍ତୀ ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟ ଧାର୍ଯ୍ୟ କରିଛନ୍ତି । ତେବେ ଏହି ମାମଲାରେ ନୂଆ ମୋଡ ଆସିଛି । ଡିଜିପି ନିଯୁକ୍ତି ମାମଲାରେ ଆଇପିଏସ ତଥା ଜେଲ ଡିଜି ସୁଶାନ୍ତ କୁମାର ନାଥ ଏହି ମାମଲାରେ ଇଣ୍ଟରଭେନସନ ଆବେଦନ (ଆଇଏ) ଦାଖଲ କରି ନିଜ ପକ୍ଷ ରଖିଛନ୍ତି । ଶ୍ରୀ ନାଥଙ୍କ ଓକିଲ କୋର୍ଟରେ ଯୁକ୍ତି ରଖି ରାଜ୍ୟ ସରକାରଙ୍କ ନିଷ୍ପତ୍ତିଙ୍କ ଉପରେ ପ୍ରଶ୍ନ ଉଠାଇବା ସହ ସରକାରଙ୍କ ଆଭିମୁଖ୍ୟ ଚ୍ୟାଲେଞ୍ଜ କରିଛନ୍ତି। ପରବର୍ତ୍ତୀ ଶୁଣାଣି ୨୨ ତାରିଖରେ ହେବ ବୋଲି ସୁପ୍ରିମକୋର୍ଟ ଧାର୍ଯ୍ୟ କରିଛନ୍ତି ।

ପ୍ରଧାନବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲା ବାଗଚୀ ଓ ଜଷ୍ଟିସ ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି କରିଥିଲେ। ତେବେ ଶୁଣାଣି ଆରମ୍ଭ ହେବା ମାତ୍ରେ ସୁଶାନ୍ତ ନାଥ ନିଜ ଓକିଲଙ୍କ

### ପକ୍ଷଭୁକ୍ତ ହେଲେ ଆଇପିଏସ୍ ସୁଶାନ୍ତ ନାଥ

ମାଧ୍ୟମରେ ପକ୍ଷଭୁକ୍ତ ହେବାକୁ କୋର୍ଟକୁ ଅନୁମତି ମାଗିଥିଲେ । ଖଣ୍ଡପୀଠ ଏଥିଲାଗି ତାଙ୍କୁ ସୁଯୋଗ ଦେଇଥିଲେ। ତାଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ । ଯେ, ଜଣେ ଡିଜି ପାହ୍ୟାଙ୍କ ବରିଷ୍ଠ ଅଫିସରଙ୍କ ନାମ ପ୍ରଥମ ପର୍ଯ୍ୟାୟରେ ସାମିଲ ହୋଇଥିଲା । ମାତ୍ର ବିନା କୌଣସି ପୂର୍ବ ସୂଚନାରେ ତାଙ୍କର ଇଣ୍ଟିଗ୍ରିଟି ସାର୍ଟିଫିକେଟ ପ୍ରତ୍ୟାହାର କରିବାକୁ ନେଇ ସେ (୯ ପୃଷ୍ଠାରେ)

# ସେପ୍ଟେମ୍ବର ୮ରୁ ୮୨୨ ନବନିଯୁକ୍ତ ମେଡିକାଲ ଅଫିସରଙ୍କ ଲାଗି ଅନଲାଇନ୍ ଚଏସ୍ ଲକିଂ

ଭୁବନେଶ୍ୱର, ୭।୯ (ସବ୍ୟୁ) : ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ୮୨୨ ଜଣ ମେଡିକାଲ ଅଫିସର, ଗ୍ରୁପ୍-ଏ (ଜୁନିଅର ବ୍ରାଞ୍ଚ)ଙ୍କ ପାଇଁ ଅନଲାଇନ୍ ଚଏସ୍ ଲକିଂ ପ୍ରକ୍ରିୟାର ତାରିଖ ଘୋଷଣା କରାଯାଇଛି । ସେପ୍ଟେମ୍ବର ୮, ୨୦୨୬ ଅପରାହ୍ଣ ୫ଟାରୁ ସେପ୍ଟେମ୍ବର ୧୧, ୨୦୨୬ ପୂର୍ବାହ୍ଣ ୧୦ଟା ପର୍ଯ୍ୟନ୍ତ ଅନଲାଇନ୍ ଚଏସ୍ ଲକିଂ ପ୍ରକ୍ରିୟା ଚାଲିବ । ଚଏସ୍ ଲକିଂ ସମ୍ପର୍କିତ ଆବଶ୍ୟକ ସୂଚନା ଓ ଅନଲାଇନ୍ ପ୍ରକ୍ରିୟା ପାଇଁ ୱେବସାଇଟ ପରିଦର୍ଶନ କରିବାକୁ କୁହାଯାଇଛି । ଏ ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ସ୍ୱାସ୍ଥ୍ୟ ବିଭାଗ ୱେବସାଇଟରେ ଉପଲବ୍ଧ ଅଛି ।

ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଚଏସ୍ ଲକିଂ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ସହ ଦିଆଯାଇଥିବା ସମସ୍ତ ନିର୍ଦ୍ଦେଶାବଳୀକୁ ଠିକ୍ ଭାବେ ପାଳନ କରିବାକୁ ସମସ୍ତ ୮୨୨ ଜଣ ନବନିଯୁକ୍ତ ମେଡିକାଲ ଅଫିସରଙ୍କୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

# ଆଇଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୭।୯ (ସବ୍ୟୁ) : ଆଇଏଏସ୍ ସ୍ତରରେ ଛୋଟ ଧରଣର ଅଦଳ ବଦଳ କରାଯାଇଛି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗର ପ୍ରମୁଖ ଶାସନ ସଚିବ ଭାବେ ନିଯୁକ୍ତି ଦିଆଯାଇଛି । ଶ୍ରୀ ବଶିଷ୍ଠ ସଂସଦୀୟ ବ୍ୟାପାର ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିଭଳି ଓଡ଼ିଶା ଖଣି ନିଗମର ପରିଚାଳନା (୯ ପୃଷ୍ଠାରେ)

# ପରିସ୍ରା କାରଣରୁ ତରଳୁଛି ଗ୍ଲେସିଅର



ଏଭରେଷ୍ଟ ବେସ୍ କ୍ୟାମ୍ପରେ ପର୍ବତାରୋହୀମାନେ ଛାଡ଼ି ଯାଉଥିବା ହଜାର ହଜାର ଲିଟର ପରିସ୍ରା ଏବଂ ଅନ୍ୟାନ୍ୟ ମାନବୀୟ କାର୍ଯ୍ୟକଳାପ ଯୋଗୁଁ ଉତ୍ପନ୍ନ ଉତ୍ତାପ, ଜଳବାୟୁ ପରିବର୍ତ୍ତନର ସାମ୍ନା କରୁଥିବା ଗ୍ଲେସିୟରର ତରଳିବା ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରୁଛି । 'ରିଜିଓନାଲ୍ ଏନଭାଇରନ୍‌ମେଣ୍ଟାଲ୍ ଚେଞ୍ଜ' ପତ୍ରିକାରେ ପ୍ରକାଶିତ ଏକ ଗବେଷଣା ରିପୋର୍ଟରୁ ଏହି ତଥ୍ୟ ମିଳିଛି । ଏହି ତଥ୍ୟା ଅନୁଯାୟୀ, ୨୦୨୩ରେ ବେସ୍ କ୍ୟାମ୍ପରେ ପ୍ରାୟ ୧,୬୦୦ଟି ଟେଣ୍ଟ, ରୋଷେଇ, ହିଟିଂ ଓ ବିଜୁଳି ପାଇଁ ବ୍ୟବହୃତ ଇନ୍ଧନ ଏବଂ ପ୍ରତିଦିନ ନିର୍ଗତ ହେଉଥିବା ୬,୦୦୦ ଲିଟରରୁ ଅଧିକ ପରିସ୍ରାରୁ ପ୍ରାୟ ୮୪୯,୧୭୪ ମେଗାଜୁଲ୍ ଉତ୍ତାପ ନିର୍ଗତ ହୋଇଥିଲା । ଯାହା ପ୍ରାୟ ୨,୪୯୨ ଟନ୍ ବରଫ ତରଳାଇବା ପାଇଁ ଯଥେଷ୍ଟ ଥିଲା । କେବଳ ପରିସ୍ରା ଯୋଗୁଁ ୧୫୪ ଟନ୍ ବରଫ ତରଳିଥିଲା । ୧୯୯୧ ରୁ ୨୦୨୩ ମଧ୍ୟରେ ବେସ୍ କ୍ୟାମ୍ପର ପୃଷ୍ଠଭାଗ ତାପମାତ୍ରା ବାର୍ଷିକ ହାରାହାରି ୦.୨୮ ଡିଗ୍ରୀ ସେଲସିୟସ ବୃଦ୍ଧି ପାଉଥିବା ଜଣାପଡିଛି । ପରିବେଶକୁ ଅଧିକ କ୍ଷତିରୁ ରକ୍ଷା କରିବା ପାଇଁ ଜିଓଗ୍ଲାସିଆଲ୍ ବିଜ୍ଞାନୀ ଖିମ୍ ଲାଲ୍ ଗୌତମଙ୍କ ନେତୃତ୍ୱରେ ହୋଇଥିବା ଏହି ଗବେଷଣାରେ ବେସ୍ କ୍ୟାମ୍ପକୁ ଗ୍ଲେସିଅର ଉପରୁ ହଟାଇ ନିକଟସ୍ଥ ଏକ ସ୍ଥାୟୀ ପଶ୍ଚିମ-ଦକ୍ଷିଣ ଅଞ୍ଚଳକୁ ସ୍ଥାନାନ୍ତର କରିବାକୁ ସୁପାରିସ କରାଯାଇଛି ।

## ସୋସିଆଲ କୋଟ୍ସ




ମୁଁ ଯାହାକୁ ପ୍ରସ୍ତୁତ କରୁଛି ତାହା ଭୋଗ ହାଲୱା ନୁହେଁ । ଭୋଗରେ ବିଭିନ୍ନ ପ୍ରକାରର ସାମଗ୍ରୀ ଭିନ୍ନଭିନ୍ନ ଉପାୟରେ ପ୍ରସ୍ତୁତ ହୋଇଥାଏ । ସେହିଭଳି ଏଭଳି ବ୍ୟକ୍ତି ମୋତେ ଜ୍ଞାନ ଦେବା ବନ୍ଦ କରନ୍ତୁ, ଯିଏ ନିଜ ପରିବାର ଉପରେ ବୋଝ ।

କଙ୍ଗନା ରାଣାୱତ, ଅଭିନେତ୍ରୀ



ଜୟପୁର ଆସିବା ସବୁବେଳେ ମୋ ପାଇଁ ଖାସ ରହିବ । ମହିଳାମାନଙ୍କ ପାଇଁ ଖେଳ ଏକ ଭଲ ଜିନିଷ । ସେମାନଙ୍କୁ ସବୁବେଳେ ଖେଳ ସହିତ ଯୋଡି ହୋଇ ରହିବାର ଆବଶ୍ୟକତା ରହିଛି ।

ମନୋଜ ଯୋଶୀ, ଅଭିନେତା



ଜେନ ଜି ଓ ଆମେ ଭିନ୍ନଭିନ୍ନ ହେଲେ ବି ଆମେ ଯୋଡି ହୋଇ ରହିଛୁ । ଆଜିକାଲି ଜେନେରେସନ ଗ୍ୟାପ କିଛି ସମସ୍ୟା ହୋଇ ରହିନାହିଁ ।

ଜାଭେଦ ଅଖତର, ଅଭିନେତା

# ନାଟକରେ ଅଭିନୟ ପାଇଁ ଅଜଗର ଦେଲା ଅଡିସନ

ନ୍ୟୁୟର୍କର ପ୍ରସିଦ୍ଧ ମେଟ୍ରୋପଲିଟାନ୍ ଅପେରାରେ ଏକ ନାଟକରେ ଅଭିନୟ କରିବା ପାଇଁ ଅଭିନେତାମାନଙ୍କ ସହ ସାପମାନେ ମଧ୍ୟ ଅଡିସନ୍ ଦେବାକୁ ପହଞ୍ଚିଥିଲେ ।



ଯେଉଁଥିରେ ମୋଜାର୍ଟଙ୍କ ଅପେରାରେ ଏକ ସଂକ୍ଷିପ୍ତ ଭୂମିକା ପାଇଁ ତିନୋଟି ଅଜଗରଙ୍କୁ ପରଖାଯିବା ପରେ 'ପ୍ରିନ୍ସେସ୍' ନାମକ ଏକ ଅଜଗରକୁ ବଛାଯାଇଛି । 'ନାଲା' ନାମକ ଅନ୍ୟ ଏକ ସାପକୁ ବିକଳ୍ପ ଭାବେ ରଖାଯାଇଛି । ସ୍ନେକ୍ ଚାର୍ମର୍ ଏବଂ ଅପେରା କଳାକାର ଜୋଇ ଜିଗଫେଲ୍ଡ ସାପଗୁଡ଼ିକୁ ହାତରେ ଧରି ସେମାନେ ମଣିଷ ଓ ମଞ୍ଚର ଆଲୋକ ଭିତରେ କେତେ ସହଜ ଅନୁଭବ କରୁଛନ୍ତି ତାହା ପରୀକ୍ଷା କରି ଏହି ଅଡିସନ୍ ନେଇଥିଲେ । ଏହି ନାଟକଟି ୧୮ଶ ଶତାବ୍ଦୀର ମହାନ ଅଷ୍ଟ୍ରିଆନ୍ ସଙ୍ଗୀତକାର ମୋଜାର୍ଟଙ୍କ ପ୍ରସିଦ୍ଧ ଅପେରା 'କୋଜି ଫାନ୍ ତୁତେ'ର ଏକ ନୂଆ ରୂପ । ଯେଉଁଥିରେ 'ପ୍ରିନ୍ସେସ୍'କୁ ରିହର୍ସଲ୍ ପାଇଁ ଚୟନ କରାଯାଇଛି ଏବଂ ଫାଇନାଲ୍ ସୋ' ପୂର୍ବରୁ ତାହାର ପ୍ରଦର୍ଶନକୁ ନିରୀକ୍ଷଣ କରାଯିବ । କାରଣ ମେଟ୍ରୋପୋଲିଟାନ୍ ଅପେରାରେ ପଶୁମାନଙ୍କୁ ମଧ୍ୟ ସେମାନଙ୍କ ଭୂମିକା, ଆକାର ଓ ମଞ୍ଚ ବ୍ୟବହାର ଆଧାରରେ ଚୟନ କରାଯାଇଥାଏ ।

# କବର ଖୋଳିବା ପାଇଁ ପ୍ରତିଯୋଗିତା

ହଙ୍ଗେରୀର ନ୍ୟାରେଗଶୂଫାଲୁ ସହରସ୍ଥିତ ଏକ ସାଧାରଣ କବରସ୍ଥାନରେ କବର ଖୋଳିବାର ଏକ ନିଆରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଯେଉଁଥିରେ ସବୁଠାରୁ ଦ୍ରୁତ ଏବଂ ସଠିକ୍ ମାପର କବର ଖୋଳିବା ପାଇଁ ୧୯ଟି ଟିମ୍ ଅଂଶଗ୍ରହଣ କରିଥିଲେ । ପ୍ରତି ଟିମରେ ଦୁଇଜଣ ଲେଖାଏଁ ସଦସ୍ୟ ଥିବା ଏହି ପ୍ରତିଯୋଗିତାରେ ଶୃଙ୍ଖଳା ଓ ଶକ୍ତ ମାଟିରେ ୧.୬ ମିଟର ଗଭୀର, ୨ ମିଟର ଲମ୍ବ ଏବଂ ୦.୮ ମିଟର ଓସାରର କବର ଖୋଳିବାର ନିୟମ ରହିଥିଲା । ହଙ୍ଗେରିୟାନ୍ ଆସୋସିଏସନ୍ ଅଫ୍ ସିମେଟ୍ରି ମେଣ୍ଟେନର୍ସ ଆଣ୍ଡ ଅପରେଟର୍ସ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ କବର ଖୋଳିବା କାମର ଦକ୍ଷତା ପ୍ରଦର୍ଶନ କରିବା । ଏହାସହ ମୃତ୍ୟୁ ଓ ଅନ୍ତିମ ସଂସ୍କାରକୁ ନେଇ ରହିଥିବା ସାମାଜିକ କୁସଂସ୍କାରକୁ କମ୍ କରିବା ଥିଲା । ଏହି ନିଆରା କମ୍ପିଟିସନରେ ରୋବର୍ଟ ନାଗୀ ଏବଂ ଲାସ୍‌ଜଲୋ କିସ୍ ୧ ଘଣ୍ଟା ୨୧ ମିନିଟ୍‌ରେ କବର ଖୋଳି ପ୍ରଥମ ସ୍ଥାନ ହାସଲ କରିଥିଲେ । ଏହାସହ ବିଜେତା ଭାବେ ୨ ଲକ୍ଷ ହଙ୍ଗେରିୟାନ୍ ଫୋରିଣ୍ଟ (ପ୍ରାୟ ୫୫ ହଜାର)ର ପୁରସ୍କାର ଜିତିଛନ୍ତି ।



## ଇତିହାସ

୧୫୦୪- ଇଟାଲୀର ଫ୍ଲୋରେନ୍ସରେ ମାଇକେଲ ଆଙ୍ଗେଲୋଙ୍କ ପ୍ରସିଦ୍ଧ କଳାକୃତି ଡେବିଡ୍‌ର ଲୋକାର୍ପଣ ।

୧୯୦୦- ଟେକ୍ସସ୍‌ରେ ହୋଇଥିବା ଝଡବାତ୍ୟାରେ ୬ ହଜାର ଲୋକଙ୍କ ମୃତ୍ୟୁ ।

୧୯୨୬- ମହାନ ସଙ୍ଗୀତକାର ଏବଂ ଗାୟକ ଭୁପେନ ହଜାରିକାଙ୍କ ଜନ୍ମ ।

୧୯୩୩- ୧୬ ହଜାରରୁ ଅଧିକ ଗୀତ ଗାଇଥିବା ଆଶା ଭୋଶଁଲେଙ୍କ ଜନ୍ମ ।

୧୯୫୨- ଜେନେଭାରେ କପିରାଇଟ୍ ପାଇଁ ପ୍ରଥମ ବିଶ୍ୱ ସମ୍ମିଳନୀରେ ଭାରତ ସମେତ ୩୫ଟି ଦେଶ ଅଂଶଗ୍ରହଣ କଲେ ।

୧୯୬୦- ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସ୍ୱାମୀ ଫିରୋଜ ଗାନ୍ଧୀଙ୍କ ଦେହାନ୍ତ ।

୧୯୬୬-ୟୁନେସ୍କୋ ତରଫରୁ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଶୁଭାରମ୍ଭ ।

୨୦୦୮- ଆମେରିକୀୟ ଫୋର୍ବ୍ସ ମାଗାଜିନ୍ ତରଫରୁ ଭାରତୀୟ ବିଲିଓନାରୀ ଲକ୍ଷ୍ମୀ ମିତ୍ତଲଙ୍କୁ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଆୱାର୍ଡରେ ସମ୍ମାନିତ ନେଇ ଘୋଷଣା ।

# ଟ୍ରୋଲରଙ୍କୁ ବିପାଶାଙ୍କର ଉଚିତ ଜବାବ



ଅଭିନେତ୍ରୀ ବିପାଶା ବସୁ ନିକଟରେ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି ଯେ ଝିଅ ଦେବୀଙ୍କ ଜନ୍ମ ପରେ ତାଙ୍କ ଓଜନ ଓ ଶରୀରକୁ ନେଇ ତାଙ୍କୁ ପ୍ରବଳ ଟ୍ରୋଲିଂର ସାମ୍ନା କରିବାକୁ ପଡ଼ିଥିଲା । ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ, ଆଜି ବି ମହିଳାଙ୍କ ଶରୀରକୁ ନେଇ ଗଢ଼ାଯାଇଥିବା ଚିନ୍ତାଧାରା ଅତ୍ୟନ୍ତ ବିଚିତ୍ର । ଯେଉଁଥିରେ ଜଣେ ୪୦ ବର୍ଷର ମହିଳା ସନ୍ତାନ ପ୍ରସବ କରିବା ପରେ ବି ୨୦ ବର୍ଷର ଯୁବତୀଙ୍କ ଭଳି ପୁରୁଣା ଶରୀର ଗଠନକୁ ଫେରିଆସନ୍ତୁ ବୋଲି ଆଶା କରାଯାଏ । ଆଉ ଏଥିରେ ବିଳମ୍ବ ହେଲେ ଲୋକେ ନିଷ୍ଠୁର ଭାବେ ଟ୍ରୋଲ୍ କରିଥାନ୍ତି । ୪୩ ବର୍ଷ ବୟସରେ ମା' ହୋଇଥିବା ବିପାଶା ନିଜ ଅନୁଭୂତି ଶେୟାର କରି ନିଜର ମତ ରଖିଛନ୍ତି । ସନ୍ତାନ ଜନ୍ମ ପରେ କିଛି ପାପରାଜି ତାଙ୍କର ଅଜବ ଫଟୋ ଉଠାଇଥିଲେ ଏବଂ ଜଣେ ମହିଳା ଶିଶୁର ଦେଖାଶୁଣା ସହ ଜୀବନଶୈଳୀ ଓ ନିଜସ୍ୱ ସମସ୍ୟା ଭିତରେ କେତେ ପରିଶ୍ରମ କରୁଛନ୍ତି ତାହା କେହି ଦେଖନ୍ତି ନାହିଁ । ତେବେ ଏସବୁ ସତ୍ତ୍ୱେ ସେ ଜଣେ ଆତ୍ମବିଶ୍ୱାସୀ ମହିଳା ହୋଇଥିବାରୁ କୌଣସି ଟ୍ରୋଲିଂ ତାଙ୍କୁ ଭାଙ୍ଗିପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । କେବଳ ବାହାରୁ ସୁନ୍ଦର ଦେଖାଯିବା ଅପେକ୍ଷା ଭିତରୁ ସୁସ୍ଥ ରହିବା ଏବଂ ନିଜକୁ ଭଲପାଇବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ବାର୍ତ୍ତା ଦେଇଛନ୍ତି ।

# ବାଜ ପକ୍ଷୀର ଦାମ୍ ୩.୮୫ କୋଟି

ଆବୁଧାବିରେ ଅନୁଷ୍ଠିତ ଅବୁଧାବି ଇଣ୍ଟରନ୍ୟାସନାଲ୍ ହଣ୍ଟିଂ ଆଣ୍ଡ ଇକ୍ୱେଷ୍ଟ୍ରିଆନ୍ ନିଲାମୀରେ 'କର୍ମୂଶା ପ୍ୟୋର୍ ଅଲ୍ଟ୍ରା ହ୍ୱାଇଟ୍' ନାମକ ଏକ ବିରଳ ଧଳା ବାଜପକ୍ଷୀ ନିଲାମ ହୋଇଛି । ଏହି ପକ୍ଷୀ ନିଜର ଦାମ ପାଇଁ ଖୁବ ଭାଇରାଲ ହେବାରେ ଲାଗିଛି । ଏହାର ମୂଲ୍ୟ ନିଲାମୀରେ ୩.୮୫ କୋଟି ରହିଥିବା ଜଣାପଡିଛି । ଏହାର ଧଳା ଡେଣା, ଶାରୀରିକ ଗଠନ, ପ୍ରାୟ ୧ କିଲୋ ଓଜନ ଏବଂ ୧୬.୫ ଇଞ୍ଚର ଆକାର ଏହାର ମୁଖ୍ୟ ବିଶେଷତା ରହିଥିଲା । ସୋସିଆଲ ମିଡିଆରେ ଥିବା ସୂଚନା ଅନୁସାରେ ଜଣେ ବ୍ୟକ୍ତି ନିଜର ଭାଣେଜୀଙ୍କ ପାଇଁ ଏହି ବିଜପକ୍ଷୀଟିକୁ କିଣିଛନ୍ତି ।



## ମେଷ



**ମେଷ:** କିଛି କାର୍ଯ୍ୟ ନେଇ ବିବାଦ, ବ୍ୟବସାୟରେ ସ୍ୱଳ୍ପ ଲାଭ, କର୍ମକ୍ଷେତ୍ରେ ଖୁସି ମିଳିବ, ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ, ଶରୀର ସୁସ୍ଥ, ଅଯଥା ଅଶାନ୍ତି, ଦାମ୍ପତ୍ୟସୁଖ, ବନ୍ଧୁବିରୋଧ । ଭରଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ପ୍ରଭୁ ହନୁମାନ ।

**ବୃଷ:** କାର୍ଯ୍ୟରେ ସଫଳ, ଶରୀର ସୁସ୍ଥ, ଅର୍ଥଲାଭ, ବନ୍ଧୁଲାଭ, ଶୁଭସମାଚାର, ଅଯଥା ଖର୍ଚ୍ଚାନ୍ତ, ଭ୍ରମଣଯୋଗ, ନୂତନ ଆୟ, ଦ୍ରବ୍ୟଲାଭ, ପାରିବାରିକ ସୁଖ, ବିଶିଷ୍ଟ କାର୍ଯ୍ୟରେ ଲାଭ, ସମ୍ପତ୍ତିଲାଭ । କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୨, ଆରାଧନା-ମହାଲକ୍ଷ୍ମୀ ।

**ମିଥୁନ:** ମାନସିକ ଅଶାନ୍ତି, ବନ୍ଧୁସମସ୍ୟା, ଅଯଥା ଚିନ୍ତା, କାର୍ଯ୍ୟରେ ଅସନ୍ତୋଷ, ଆଶାରେ ବାଧା, ଶୁଭଖବର, ଗୃହେ ଉତ୍ସବ, ଯାତ୍ରାରେ ସାବଧାନ, ଶରୀର ସୁସ୍ଥ, ବିଦ୍ୟାରେ ସଫଳ । ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ଶଙ୍କର ଭଗବାନ ।

**କର୍କଟ:** ଭ୍ରଭଣଯୋଗ, ସମ୍ମାନବୃଦ୍ଧି, ଆର୍ଥିକଖୁସି, ସମ୍ପତ୍ତିଲାଭ, ଉଚ୍ଚଆଶାରେ ବିଳମ୍ବ, ଗୃହେ ଶୁଭସମାଚାର, ଲୋକସମ୍ପର୍କରେ ଉନ୍ନତି, ଦାମ୍ପତ୍ୟସୁଖ, ଯାତ୍ରାରେ ସଫଳତା, ଶତ୍ରୁ ପରାଜିତ । ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୯, ଆରାଧନା-ପ୍ରଭୁ ହନୁମାନ ।

**ସିଂହ:** ସମ୍ମାନପ୍ରାପ୍ତି, ସମ୍ପର୍କରେ ଲାଭ, ଦୂରଯାତ୍ରା, ଉତ୍ସବପ୍ରତି ଆଗ୍ରହ, ଅତିଥି ଚର୍ଚ୍ଚା, ନୂତନ ଦ୍ରବ୍ୟଲାଭ, ବ୍ୟବସାୟରେ ଉନ୍ନତି, ଶୁଭ ସମାଚାର, କର୍ମକ୍ଷେତ୍ରେ ସମସ୍ୟା, ଶରୀର ସୁସ୍ଥ, ସ୍ୱାଦିଷ୍ଟ ଭୋଜନେ ଆନନ୍ଦ । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୮, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**କନ୍ୟା:** ଅଯଥା ଖର୍ଚ୍ଚ, ଶରୀର ଅସୁସ୍ଥ, ଉତ୍ସବପ୍ରତି ଆଗ୍ରହ, ଶୁଭଖବର, ପାରିବାରିକ କଳହ, ସମ୍ପତ୍ତି ବିବାଦ, ବିଶିଷ୍ଟ ବ୍ୟକ୍ତି ସହାୟତା, ଭ୍ରମଣଯୋଗ, ବ୍ୟବସାୟରେ ଶତ୍ରୁତା, ଅର୍ଥସମସ୍ୟା, ବନ୍ଧୁଲାଭ । ଉତ୍ତରାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା-ପ୍ରଭୁ ଜଗନ୍ନାଥ ।

**ତୁଳା:** ଚୋରିଭୟ, ମାନସିକ ଅବସାଦ, ଦୂରଯାତ୍ରା, ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ସମସ୍ୟା, ପାରିବାରିକ ଖୁସି, ଅର୍ଥଖର୍ଚ୍ଚ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦେବକାର୍ଯ୍ୟ, ଯାତ୍ରାରେ ସତର୍କ, ସନ୍ତାନସମସ୍ୟା, ବନ୍ଧୁଦର୍ଶନ । ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା-ମା' ବଗଳାମୁଖୀ ।

**ବିଛା:** ଦ୍ରବ୍ୟଲାଭ, ଶୁଭଖବର, ବ୍ୟବସାୟରେ ଲାଭ, ଭୂସମ୍ପତ୍ତିଲାଭ, ଉଚ୍ଚଆଶାରେ ବିଳମ୍ବ, ପାରିବାରିକ ସହଯୋଗ, ବିବାଦିତ କାର୍ଯ୍ୟରେ ବିଜୟ, ଶରୀର ସୁସ୍ଥ, ମାନସିକ ଶାନ୍ତି । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସୁନେଲି, ସଂଖ୍ୟା-୯, ଆରାଧନା-ଭଗବାନ ବିଷ୍ଣୁ ।

**ଧନୁ:** ବନ୍ଧୁ ସହଯୋଗ, ଦୂରଯାତ୍ରା, ପାରିବାରିକ ଖୁସି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଅଯଥା ଚିନ୍ତା, ଅର୍ଥସମସ୍ୟା, ସମ୍ପର୍କ ବୃଦ୍ଧି, ଭାତୃଭଗ୍ନୀଙ୍କ ସ୍ନେହ, ଦୂରଯାତ୍ରାରେ ସଫଳ, ସମ୍ମାନପ୍ରାପ୍ତି, ଦାମ୍ପତ୍ୟଖୁସି । ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ପିତାମାତାଙ୍କ ସେବା ।

**ମକର:** ପିଲାଙ୍କକଷ୍ଟ, ଅର୍ଥସମସ୍ୟା, ଶରୀର କଷ୍ଟ, ମାନସିକ ଅଶାନ୍ତି, ବିଶିଷ୍ଟ କାର୍ଯ୍ୟରେ ସନ୍ତୋଷ, ବନ୍ଧୁସହଯୋଗ, ଯାତ୍ରାରେ ସତର୍କ, ସମ୍ପତ୍ତିବିବାଦ, ଦ୍ରବ୍ୟଲାଭ, ବ୍ୟକ୍ତି ସହାୟତା । ଉତ୍ତରାଷାଢ଼ା ନକ୍ଷତ୍ର-ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୩, ଆରାଧନା-ଲକ୍ଷ୍ମୀନୃସିଂହ ।

**କୁମ୍ଭ:** କଳହଯୋଗ, ଦୂରଯାତ୍ରା, ଅର୍ଥଖର୍ଚ୍ଚ, ଅଯଥା ଅଶାନ୍ତି, ଶରୀର ଅସୁସ୍ଥ, ବନ୍ଧୁଲାଭ, ଦେବକାର୍ଯ୍ୟରେ ଶାନ୍ତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶୁଭସମ୍ବାଦ, ଉଚ୍ଚଆଶାରେ ବାଧା, ଲୋକସମ୍ପର୍କ ବୃଦ୍ଧି । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗେଣି, ସଂଖ୍ୟା-୮, ଆରାଧନା- ମା' ଭୁବନେଶ୍ୱରୀ ।

**ମୀନ:** ଆଶା ସଫଳ, ବନ୍ଧୁଲାଭ, ଦ୍ରବ୍ୟପ୍ରାପ୍ତି, ଗୃହେ ଉତ୍ସବ, ଦୂରଯାତ୍ରା, ସନ୍ତାନଖୁସି, ନୂତନ ନିଯୁକ୍ତି, ପାରିବାରିକ ସମସ୍ୟା, ଦାମ୍ପତ୍ୟଖୁସି, ବିଦ୍ୟାରେ ସଫଳ, ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହଯୋଗ, । ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୭, ଆରାଧନା- ମା' ଭଗବତୀ ।

ଭାଦ୍ରବ କୃଷ୍ଣ ପକ୍ଷ ଦ୍ୱାଦଶୀ
୮.୯.୨୦୨୬, ମଙ୍ଗଳବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

14001/149/2627

Government of Odisha

NEXT GLOBAL OUTREACH | UAE • 9-11 SEPTEMBER 2026

# ODISHA

## BUILDING INDIA'S NEXT GROWTH FRONTIER.

Two Years of Investment. Execution. Diversification.



**Shri Narendra Modi**
Prime Minister



**Shri Mohan Charan Majhi**
Chief Minister, Odisha

### TWO YEARS. INVESTMENT AT SCALE

| | | |
|---|---|---|
| **514** Projects Approved | **₹9.57** Lakh Crore Investment | **6.34** Lakh Employment Potential |

Across Traditional Strengths and a Rapidly Expanding New-Economy Portfolio.

### FROM APPROVALS TO ACTION

| | | |
|---|---|---|
| **151** Projects Groundbreaking & Inaugurated | **₹3.11** Lakh Crore Investment | **2.40** Lakh Employment Potential |

From Intent. to Approval. to Implementation.

## A DIVERSIFIED INDUSTRIAL DESTINATION

- Metals & Minerals
- Chemicals & Petrochemicals
- Renewable Energy Equipment
- Pharma & Life Sciences
- Lab-Grown Diamonds
- Textiles & Apparels
- Food Processing
- Critical Minerals & Rare Earths
- Aerospace & Defence
- Semiconductors & Electronics

### PORTS • RAIL • ROADS • POWER • INDUSTRIAL LAND

- **TOP 5** Among Large States NITI Aayog Investment Friendliness
- **RANKED NO. 1** Among Major States NITI Aayog Fiscal Health
- **3** Deep draft Ports
- Integrated Railway & Road
- **PROGRESSIVE POLICIES:** Competitive Incentives and future-ready Policy Framework
- **INVESTOR FACILITATION:** Dedicated Support from Approvals Through Operations
- Reliable Power & Water
- Industry Ready Land

## ODISHA ON THE GLOBAL INVESTMENT MAP

- Singapore Odisha Investors' Meet 2024
- Pravasi Bharatiya Divas 2025
- Utkarsh Odisha 2025
- Odisha Tex 2025
- Odisha Pharma Summit
- Odisha Foodpro 2026
- Gujarat Investors' Connect
- Hyderabad Investors' Connect
- Kolkata Investors' Connect
- Mumbai Investors' Connect
- Delhi NCR Investors' Connect

**AND NOW - UAE 2026**

## FRIDAY | 11 SEPTEMBER 2026

**Anantara Downtown Dubai Hotel | Business Bay | Dubai**

High-Level Business Interactions | Curated One-on-One Meetings

OIPR: 14001/14005/2/26-27/0009

SCAN TO REGISTER
ODISHA INVESTORS' MEET DUBAI

## INVEST IN ODISHA, INVEST IN FUTURE

ODISHA NEW OPPORTUNITIES

FICCI Industry Partner

To schedule your meeting :
meetings@investodisha.org

To know more :
www.investodisha.gov.in
Follow us on @InvestInOdisha /InvestOdisha

## ବସନ୍ତ ବିଶ୍ୱାଳଙ୍କ ୨୩ ତମ ଶ୍ରାଦ୍ଧବାର୍ଷିକ

# କଟକରେ ଦ୍ୱିତୀୟ ବାଇମୁଣ୍ଡିଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



କଟକ, (ସ୍ୱପ୍ର): ପୂର୍ବତନ ଉପମୁଖ୍ୟମନ୍ତ୍ରୀ, ଆଧୁନିକ ଓଡିଶାର ନିର୍ମାତା ତଥା ଦୈନୀକ ସମ୍ବାଦପତ୍ର ସମୟର ପ୍ରତିଷ୍ଠାତା ବସନ୍ତ କୁମାର ବିଶ୍ୱାଳଙ୍କ ୨୩ତମ ଶ୍ରାଦ୍ଧବାର୍ଷିକ ସୋମବାର ପାଳିତ ହୋଇଯାଇଛି । ଏହି ଉପଲକ୍ଷେ କଟକ ବାରବାଟୀ ଷ୍ଟାଡିୟମ ନିକଟସ୍ଥ ଦୟାଶ୍ରମ ରୋଡରେ ଥିବା ସ୍ୱର୍ଗତ ବିଶ୍ୱାଳଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତି ଚାରଣ କରାଯାଇଥିଲା । ସ୍ୱର୍ଗତ ବିଶ୍ୱାଳ ଥିଲେ ଆଧୁନିକ କଟକର ଅନ୍ୟତମ ନିର୍ମାତା, ରିଙ୍ଗବନ୍ଧ ବାନ୍ଧି କଟକ ସହରକୁ ବନ୍ୟା ଦାଉରୁ ରକ୍ଷା କରିଥିଲେ । ଲୋକେ ତାଙ୍କୁ ଦ୍ୱିତୀୟ ବାଇମୁଣ୍ଡି ବୋଲି କହୁଥିଲେ । ସେ ସିନା ନାହାନ୍ତି ହେଲେ କଟକବାସୀ ତାଙ୍କ ବାଇମୁଣ୍ଡିଙ୍କୁ ଝୁରୁଛନ୍ତି ବୋଲି ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ବହୁ ନେତୃମଣ୍ଡଳୀ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ କେଏମସି ମେୟର ସୁବାଷ ସିଂହ, ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ଓଡିଶା ଜନତା କଂଗ୍ରେସ ରାଜ୍ୟ ସଭାପତି ଇଂ ମହମ୍ମଦ ମୋକିମ, ପୂର୍ବତନ ସାଂସଦ ରଞ୍ଜୀବ ବିଶ୍ୱାଳ, ସମୟର ନିର୍ଦ୍ଦେଶିକା ତଥା ସ୍ୱର୍ଗତଃ ବିଶ୍ୱାଳଙ୍କ ସାନବୋହୂ ଅନିତା ମହାନ୍ତି, କଟକ ସଦର ବିଧାୟକ ପ୍ରକାଶ ସେଠୀ, ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ, କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ ସିଂ, ପୂର୍ବତନ ଡେପୁଟି ମେୟର ମଧୁ ସାହୁ, କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ବିଜେପି ନେତା ଲଲାଟେନ୍ଦୁ ବଡୁ, ହୃଷିକେଶ ଜେନା, ସମାଜସେବୀ ବିଶ୍ୱଜିତ ସୂର୍ଯ୍ୟବଂଶୀ, ଓଜେସି କଟକ ନଗର ସଭାନେତ୍ରୀ ଗିରିବାଳା ବେହେରା, ଆଶୀର୍ବାଦ ଫାଉଣ୍ଡେସନର ପ୍ରତିଷ୍ଠାତା ଦେବଦତ୍ତ ଧଳ, ସ୍ୱପ୍ନ ଫାଉଣ୍ଡେସନର ପ୍ରତିଷ୍ଠାତା ଶୁଧାଂଶୁ ପାତ୍ର, କର୍ପୋରେଟର ବିକାଶ ରଞ୍ଜନ ବେହେରା, ଇଂ ସୁବ୍ରତ ଘଡେଇ, ସନ୍ତୋଷ ଭୋଳ, ଅରବିନ୍ଦ ଜେନା, ସୌଭାଗିନୀ ଜେନା, ସୁଭାଶିତ ପଟ୍ଟନାୟକ, ଲିଜାରାଣୀ ରାଉତ, ମୀନା ସାହୁ, ଏମଡିଏ ସଭାପତି ସଞ୍ଜୟ ଜେନା, ମାନବେଶ ରାୟ, ସତ୍ୟବ୍ରତ ପଟ୍ଟନାୟକ, ସୁଶାନ୍ତ ପାତ୍ର, ଯୁଗଳ ନାୟକ, ସରୋଜ ରାଉତଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, କଟକ ସହର ବିଭିନ୍ନ ଦଳର ନେତୃମଣ୍ଡଳୀଙ୍କ ସମେତ ବହୁ ସଂଖ୍ୟାରେ କଟକବାସୀ ଯୋଗ ଦେଇ ସ୍ୱର୍ଗତ ବିଶ୍ୱାଳଙ୍କ ଗୁଣ କିର୍ତ୍ତନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ସାମ୍ବାଦିକ ସମୀର କର ପରିଚାଳନା କରିଥିଲେ ।

### ଦୟାଶ୍ରମ ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ

କର୍ମଯୋଗୀ ବସନ୍ତ କୁମାର ବିଶ୍ୱାଳଙ୍କ ୨୩ତମ ଶ୍ରାଦ୍ଧୋତ୍ସବରେ ସ୍ଥାନୀୟ ଦୟାଶ୍ରମ ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ଏଥିରେ ଓଡିଶା ଜନତା କଂଗ୍ରେସର ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମ, ପୂର୍ବତନ ସାଂସଦ ତଥା ସମୟର ପରିଚାଳନା ସମ୍ପାଦକ ରଞ୍ଜୀବ ବିଶ୍ୱାଳ, ସମୟର ନିର୍ଦ୍ଦେଶିକା ଅନିତା ମହାନ୍ତି ପ୍ରମୁଖ ଦୟାଶ୍ରମରେ ଥିବା ଅସହାୟ ବୃଦ୍ଧ, ବୃଦ୍ଧାଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ ସମୟର ପରିଚାଳନା ମଣ୍ଡଳୀ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।



# 'ସମୟ' ପରିସରରେ ସ୍ମୃତିଚାରଣ



ଭୁବନେଶ୍ୱର (ସବ୍ୟୁ): ନିର୍ମାଣ ଯୁଗର ସାରଥୀ, ଆଧୁନିକ ଓଡ଼ିଶାର ନିର୍ମାତା ତଥା 'ସମୟ'ର ପ୍ରତିଷ୍ଠାତା ବସନ୍ତ କୁମାର ବିଶ୍ୱାଳଙ୍କର ୨୩ତମ ଶ୍ରାଦ୍ଧବାର୍ଷିକୀ ସମୟ ପରିସରରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପ୍ରତ୍ୟୁଷରେ ତାଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ସମୟର ପରିଚାଳନା ସଂପାଦକ ତଥା ସ୍ୱର୍ଗତଃ ବିଶ୍ୱାଳଙ୍କର ସୁପୁତ୍ର ରଞ୍ଜୀବ ବିଶ୍ୱାଳ, ତାଙ୍କର ବୋହୂ ତଥା ସମୟର ନିର୍ଦ୍ଦେଶିକା ଅନିତା ମହାନ୍ତିଙ୍କ ସମେତ ସମୟର ମୁଖ୍ୟ ସଂପାଦକ ଗୁରୁ କଲ୍ୟାଣ ମହାପାତ୍ର, ଜେନେରାଲ ମ୍ୟାନେଜର ପ୍ରଦୀପ୍ତ କୁମାର ଲେଙ୍କା, ଜିଏମ୍ ଫାଇନାନ୍ସ ବିଜନ ପାଢ଼ି, ସଂପାଦକ ପପୁ ମହାନ୍ତି, ବାର୍ତ୍ତା ସଂପାଦକ ସାରଦା ଦେବତା, ମଳୟ ନାୟକ, ସମୟ ଲାଇଭ୍‌ର ଜିଏମ୍ ଶୁଭେନ୍ଦ୍ର ପଟ୍ଟନାୟକ, ସମୟର ପ୍ରକାଶକ ସତ୍ୟନାରାୟଣ ମହାନ୍ତି, ସମୟ ପଶ୍ଚିମ ଓଡ଼ିଶା ସଂସ୍କରଣର ମୁଖ୍ୟ ସତ୍ୟ ସୁନ୍ଦର ଭଞ୍ଜ, ବିଜ୍ଞାପନ ମ୍ୟାନେଜର ତୁଷାର ରାଉତରାୟ, ସମୀର ସାମଲଙ୍କ ସମେତ ସମୟ ଓ ସମୟ ଲାଇଭ୍‌ର ସମସ୍ତ କର୍ମଚାରୀ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ କରି ସ୍ୱର୍ଗତଃ ବିଶ୍ୱାଳଙ୍କ ସ୍ମୃତି ଚାରଣ କରିଥିଲେ ।



ସାଧ୍ୱୀ ରତମ୍ଭରା ଜୀଙ୍କ ଭଗବତ୍ କଥା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।



ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ପାଇଁ ୧.୩୦ କୋଟି ଟଙ୍କାର ଚେକ୍ ପ୍ରଦାନ କରାଯାଉଛି । ଭାରତୀୟ ଷ୍ଟେଟ ବ୍ୟାଙ୍କର ରାକେଶ କୁମାର ଯାଦବ ଏହି ଚେକ୍ ପ୍ରଦାନ କରୁଛନ୍ତି ।

### ଜାତୀୟ ଅନସୂଚିତ ଜନଜାତି ଆୟୋଗଙ୍କ ପୁରୀ ଜିଲ୍ଲା ଗସ୍ତ

ପୁରୀ, (ସବ୍ୟୁ) : ଜାତୀୟ ଅନସୁଚୀତ ଜନଜାତି ଆୟୋଗର ଅଧ୍ୟକ୍ଷ ଅନ୍ତର ସିଂ ଆର୍ଯ୍ୟ ଦୁଇ ଦିନିଆ ପୁରୀ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଗତ କାଲି ଅଧ୍ୟକ୍ଷ ଶ୍ରୀ ଆର୍ଯ୍ୟ ସର୍କିଟ ହାଉସ ଠାରେ ପହଞ୍ଚିବା ପରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ତାଙ୍କୁ ଓ ଅନ୍ୟ ସଦସ୍ୟ ମାନଙ୍କୁ ସ୍ୱାଗତ କରିଥିଲେ । ପରେ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଜିଲ୍ଲାପାଳ ଶ୍ରୀ ପରିଡା ପୁରୀ ଜିଲ୍ଲା ରେ ଅନସୁଚୀତ ଜନଜାତି ବିକାଶ, କଲ୍ୟାଣ ତଥା ଉନ୍ନୟନ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କମିଶନ ଙ୍କୁ ସୂଚନା ପ୍ରଦାନ କରିଥିଲେ ।ଜିଲ୍ଲା ରେ ୮ ଗୋଟି ଅନୁସୂଚୀତ ଜାତି ଓ ଜନଜାତି ବିଦ୍ୟାଳୟ ଓ ୧୦ ଗୋଟି ଅନୁସୂଚୀତ ଜାତି ଓ ଜନଜାତି ହଷ୍ଟେଲ ରହିଛି ।ସେଥିରୁ ୬ ଟି ଏସସି ଓ ଏସଟି ବିଭାଗ ଓ ୪ ଗୋଟି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପରିଚାଳିତ ବିଦ୍ୟାଳୟ ରେ ହଷ୍ଟେଲ ଚାଲୁଅଛି ।ସେମାନଙ୍କୁ ନିୟମିତ ଶିକ୍ଷା ଦାନ ସହ ସରକାରଙ୍କ ସ୍ଥିରୀକୃତ ଛାତ୍ର ବୃତ୍ତି ମଧ୍ୟ ପ୍ରଦାନ କରାଯାଉଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ ।ଅଧ୍ୟକ୍ଷ ଶ୍ରୀ ଆର୍ଯ୍ୟ ସମସ୍ତ କାର୍ଯ୍ୟ ର ସମୀକ୍ଷା କରିବା ସହ ବିଭିନ୍ନ ଯୋଜନା ର କାର୍ଯ୍ୟକାରିତା ସମ୍ପର୍କରେ ସନ୍ତୋଷ ପ୍ରକାଶ କରିଥିଲେ ।ପୂର୍ବରୁ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମ ଅଧିନରେ ଅଧ୍ୟକ୍ଷ ଶ୍ରୀ ଆର୍ଯ୍ୟ ଚାରାରୋପଣ କରିଥିଲେ ।

# ଡି'ବ୍ରଦର୍ସଙ୍କୁ ସୁପ୍ରିମକୋର୍ଟରୁ ମିଳିଲା ଜାମିନ

କଟକ,(ସବ୍ୟୁ) : ଦୁଇଟି ଅପରାଧିକ ମାମଲାରେ ଦୁର୍ଦ୍ଧାନ୍ତ ଅପରାଧୀ ଡି'ବ୍ରଦର୍ସ ସୁଶୀଲ କୁମାର ଧଳସାମନ୍ତ ଓ ସୁଶାନ୍ତ କୁମାର ଧଳସାମନ୍ତଙ୍କୁ ସୁପ୍ରିମକାର୍ଟରୁ ଜାମିନ୍ ମିଳିଛି । ଦୀର୍ଘ ଦିନର ବିଚାରାଧୀନ କାରାଦଣ୍ଡକୁ ଆଧାର କରି ସୁପ୍ରିମକାର୍ଟ ଉଭୟ ଭାଇଙ୍କୁ ଜାମିନ ପ୍ରଦାନ କରିଛନ୍ତି। ସୁପ୍ରିମ୍‌କୋର୍ଟର ବିଚାରପତି ଜଷ୍ଟିସ ସଞ୍ଜୟ କୁମାର ଏବଂ ଜଷ୍ଟିସ ସଞ୍ଜୀବ ସଚଦେବାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଏହି ଆଦେଶ ଦେଇଛନ୍ତି। ପୂର୍ବରୁ ଓଡ଼ିଶା ହାଇକୋର୍ଟ ୨୦୨୬ ଜାନୁଆରୀ ୨୯ ଏବଂ ଫେବୃଆରୀ ୧୧ରେ ଉଭୟଙ୍କ ଜାମିନ ଆବେଦନ ଖାରଜ କରିଦେଇଥିଲେ। ଏହି ଆଦେଶକୁ ଚାଲେଞ୍ଜ କରି ସେମାନେ ସୁପ୍ରିମକାର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମ୍‌କୋର୍ଟରୁ ଉଭୟଙ୍କୁ ଜାମିନ୍ ମିଳିବା ସତ୍ତ୍ୱେ ଏବେ ବି ଉଭୟଙ୍କର ଜେଲରୁ ବାହାରିବାର ବାଟ ସଫା ହୋଇନି । ବିଏନ୍‌ଏସ୍‌ଏସ୍‌ର ଧାରା ୧୧୦( ସୁରକ୍ଷା ପ୍ରତି ବିପଦ)ରେ ଉଭୟଙ୍କ ନାଁରେ ଡିସିପିଙ୍କ ଅଦାଲତରେ ଏକ ମାମଲା ରହିଛି । ସୁଶିଲ ଓ ସୁଶାନ୍ତଙ୍କ ବିରୋଧରେ କଟକ ଚାଉଳିଆଗଞ୍ଜ ଥାନାରେ ୨୦୧୬ ଫେବ୍ରୁଆରୀ ୩ରେ ଏଫଆଇଆର ରୁଜୁ ହୋଇଥିଲା । ଏଥିରେ ଆଇପିସିର ଧାରା ୩୮୭, ୧୨୦-ବି, ୩୪ ଏବଂ ଆର୍ମସ ଆକ୍ଟର ଧାରା ୨୫(୧ବି)(ଏ), ୨୫(୧ଏଏ), ୨୭ ଲାଗିଥିଲା । ସେହିପରି ମର୍କତନଗର ଥାନାରେ ୨୦୨୦ ଡିସେମ୍ବର ୨୬ରେ ରୁଜୁ ଏଫଆଇଆରରେ ଆଇପିସିର ଧାରା ୩୮୬, ୩୮୭, ୧୨୦-ବି ଏବଂ ଆର୍ମସ ଆକ୍ଟର ବିଭିନ୍ନ ଧାରା ଲାଗିଥିଲା । ସୁପ୍ରିମକୋର୍ଟ କହିଛନ୍ତି ଯେ, ଉଭୟ ମାମଲାର ବିଚାର ଆରମ୍ଭ ହୋଇଥିଲେ ମଧ୍ୟ ନିକଟ ଭବିଷ୍ୟତରେ ଏହା ଶେଷ ହେବାର ସମ୍ଭାବନା ନାହିଁ । ତେଣୁ ଦୀର୍ଘବର୍ଷ କାରାବାସକୁ ଦୃଷ୍ଟିରେ ରଖି ଏହି ପର୍ଯ୍ୟାୟରେ ସେମାନେ ଜାମିନ ପାଇବାକୁ ହକ୍‌ଦାର ବୋଲି ଖଣ୍ଡପୀଠ ମତ ଦେଇଛନ୍ତି । ଟ୍ରାଏଲ୍ କୋର୍ଟ ନିର୍ଦ୍ଧାରଣ କରିବାକୁ ଥିବା ଉପଯୁକ୍ତ ସର୍ତ୍ତ ଓ ନିୟମରେ ଉଭୟଙ୍କୁ ଜାମିନରେ ମୁକ୍ତ କରାଯିବ । ବିଚାର ପ୍ରକ୍ରିୟାରେ ସେମାନେ ସହଯୋଗ କରିବେ ଏବଂ ମାମଲାର ଶୁଣାଣିକୁ ଅନାବଶ୍ୟକ ଭାବେ ବିଳମ୍ବ କରିବେ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ତେବେ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ ଏହି ଆଦେଶରେ ମାମଲାର ମେରିଟ୍ ସମ୍ପର୍କରେ କୌଣସି ମତାମତ ଦିଆଯାଇନାହିଁ।

### ଦୁଇ ବୋଲେରୋ ପିକ୍‌ଅପ୍ ସହ ୧୧ ମଇଁଷି ଜବତ : ୬ ଗିରଫ

ଦଶପଲ୍ଲା,(ସବ୍ୟୁ): ରବିବାର ରାତିରେ ବେଆଇନ ଚାଲାଣ ହେଉଥିବା ୧୧ ଟି ମଇଁଷି ସହ ଦୁଇଟି ପିକ ଅପ ଗାଡିକୁ ଜବତ କରିଛି ବାଣୀଗୋଛା ପୋଲିସ । ଏହାସହ ଏହି ବେଆଇନି ମଇଁଷି ଚାଲାଣ ରେ ସମ୍ପୃକ୍ତ ଥିବା ୬ ଜଣ ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ବ୍ୟକ୍ତି ହେଉଛନ୍ତି କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ବୁଡେନି ଲାଇନପଡା ଗ୍ରାମର ଧରଣୀଧର କଂହର, ଦୁଃଶାସନ ଦିଗାଲ,ସାଲଗୁଡା ଗ୍ରାମର ସୁଶାନ୍ତ ନାଏକ,ଖଜୁରିପଡା ଥାନା ଡିମିଟିଖୋଲ ଗ୍ରାମର ଆଦିତ୍ୟ ମାଝୀ ( ଅଦିତ) , ବୌଧ ଜିଲ୍ଲା ପୁରୁଣାକଟକ ଥାନା ଅନ୍ତର୍ଗତ ମାଧପୁର ଗ୍ରାମର ମୁକୁନ୍ଦଦେବ ଦୀପା ଓରଫ କାନହୁ ବୋଲି ପୋଲିସ ସୂତ୍ର ରୁ ଜଣାପଡିଛି । ସେମାନଙ୍କ ଜାମିନ ନା ମଞ୍ଜୁର ହେବାରୁ ସେମାନଙ୍କୁ ଦଶପଲ୍ଲା ସବଜେଲ କୁ ପଠାଇ ଦିଆଯାଇଛି ।

## ମେରିଆ ବଜାରରେ ସିରିଜ୍ ଦୁର୍ଘଟଣା

# ବିଜେପି ନେତାଙ୍କୁ ମାଡ଼ମାରି ଲହୁଲୁହାଣ କଲେ ସ୍ଥାନୀୟ ଲୋକ

କଟକ,(ସବ୍ୟୁ): ସହରର ବ୍ୟସ୍ତବହୁଳ ମେରିଆ ବଜାର ଅଞ୍ଚଳରେ ଆଜି ଏକ ମର୍ମନ୍ତୁଦ ସିରିଜ୍ ଦୁର୍ଘଟଣା ଘଟିଛି । ବିଜେପିର ପୂର୍ବତନ ନଗର ସଭାପତି ଲାଲଟେନ୍ଦୁ ବଡୁଙ୍କ ଗାଡ଼ି ନିୟନ୍ତ୍ରଣ ହରାଇ ଏକାଧିକ ଯାନବାହାନ ଓ ଲୋକଙ୍କୁ ଧକ୍କା ଦେବା ଫଳରେ ଜଣେ ନାବାଳକ ଗୁରୁତର ହୋଇଛନ୍ତି । ଏହାସହିତ ଅନ୍ୟ ୩ ଜଣ ସାଧାରଣ ଯାତ୍ରୀ ମଧ୍ୟ ଆହାତ ହୋଇଛନ୍ତି । ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ ଉତ୍ତ୍ୟକ୍ତ ଜନସାଧାରଣ ବିଜେପି ନେତାଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଛନ୍ତି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ କବଳରୁ ଲଲାଟେନ୍ଦୁ ଉଦ୍ଧାର କରି ଥାନାକୁ ନେଇଥିଲା । ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ, ବିଜେପିର ପୂର୍ବତନ ନଗର ସଭାପତି ଲାଲଟେନ୍ଦୁ ବଡୁ ନିଜ କାର୍ ଯୋଗେ ବକ୍ସିବଜାର ପଟୁ ମେରିଆ ବଜାର ଆଡ଼କୁ ଆସୁଥିଲେ । ଏହି ସମୟରେ କୌଣସି କାରଣବଶତଃ ଗାଡ଼ିଟି ଅନିୟନ୍ତ୍ରିତ ହୋଇପଡ଼ିଥିଲା । ନିୟନ୍ତ୍ରଣ ହରାଇ କାର୍‌ଟି ରାସ୍ତାରେ ଯାଉଥିବା ଅନ୍ୟ ଗାଡ଼ି ଓ ପଦଚାରୀଙ୍କୁ ଗୋଟିଏ ପରେ ଗୋଟିଏ ବାଡ଼େଇ ଚାଲିଥିଲା । ଏହି ସିରିଜ୍ ଦୁର୍ଘଟଣାରେ ଜଣେ ନାବାଳକ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର ହୋଇଛନ୍ତି । ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିବା ବେଳେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ବଡ଼ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟ ୩ ଜଣ ଆହାତ ଯାତ୍ରୀଙ୍କୁ ମଧ୍ୟ ପ୍ରାଥମିକ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଗାଡ଼ି ଚାଳକ ତଥା ବିଜେପି ନେତା ଲାଲଟେନ୍ଦୁଙ୍କ ବେପରୁଆ ଗାଡ଼ି ଚାଳନାକୁ ନେଇ ଉପସ୍ଥିତ ଲୋକେ ଅତ୍ୟନ୍ତ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ । କିଛି କ୍ଷଣ ମଧ୍ୟରେ ଶହ ଶହ ଲୋକ ରୁଣ୍ଡ ହୋଇ ଲାଲଟେନ୍ଦୁଙ୍କୁ ଘେରି ଯାଇଥିଲେ ଏବଂ ସଂଘବଦ୍ଧ ଭାବେ ମାଡ଼ ମାରିବା ଆରମ୍ଭ କରିଦେଇଥିଲେ । ଲୋକଙ୍କ ଆକ୍ରମଣରେ ବିଜେପି ନେତାଜଣକ ଘଟଣାସ୍ଥଳରେ ହିଁ ଲହୁଲୁହାଣ ହୋଇପଡ଼ିଥିଲେ । ଘଟଣା ସମ୍ପର୍କରେ ଖବର ପାଇ ଦରଘବଜାର ଥାନା ପୁଲିସ ମେରିଆ ବଜାରରେ ପହଞ୍ଚିଥିଲା । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ଗୁରୁତର ଆହାତ ଲାଲଟେନ୍ଦୁ ବଡୁଙ୍କୁ ଉଦ୍ଧାର କରିଥିଲା । ଏହାପରେ ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରି ପରିସ୍ଥିତିକୁ ଆୟତ୍ତକୁ ଆଣିଥିଲା । ପୁଲିସର ତୁରନ୍ତ ପଦକ୍ଷେପ ଯୋଗୁଁ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ପରିବେଶ ଫେରିଆସିଛି । ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ଗାଡ଼ିର ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏହି ଦୁର୍ଘଟଣା ଘଟିଛି ନା ଚାଳକଙ୍କ ଅସାବଧାନତା ପାଇଁ ଏହା ହୋଇଛି, ସେ ନେଇ ପୁଲିସ ତଦନ୍ତ ଚଳାଇଛି ।

# ହାଇଟେକ୍‌ରେ ୯୨ ବର୍ଷୀୟ ବୃଦ୍ଧାଙ୍କ ଜଟିଳ ହାର୍ଟ ଅପରେସନ୍

ଭୁବନେଶ୍ୱର (ସବ୍ୟୁ): ଏକ ଜଟିଳ ତଥା ବିରଳ ଅସ୍ତ୍ରୋପଚାର କରି ଜଣେ ୯୨ବର୍ଷୀୟା ବୃଦ୍ଧାଙ୍କ ଜୀବନ ବଞ୍ଚାଇଛନ୍ତି ହାଇଟେକ୍ ମେଡିକାଲ କଲେଜ୍ ଓ ହସ୍ପିଟାଲର



ବିଶେଷଜ୍ଞ ଡାକ୍ତରୀ ଦଳ । ରାତି ପ୍ରାୟ ୨ଟାରେ ପ୍ରଫେସର ଡାକ୍ତର ରିତେଶ ଆଚାର୍ଯ୍ୟ ଓ ତାଙ୍କ ଟିମ୍ ଏହି ଅସ୍ତ୍ରୋପଚାର କରିଥିଲେ । ବୃଦ୍ଧାଙ୍କ ସାନପୁଅ ଅରୁଣ ପଣ୍ଡାଙ୍କ କହିବା ହେଲା ଯେ, ତାଙ୍କ ମାଆଙ୍କ ପ୍ରଥମେ ପ୍ରବଳ ଛାତି ଯନ୍ତ୍ରଣା, ବାନ୍ତି ଓ ଝାଳ ବାହାରିବା ପରେ ପରିବାର ଲୋକ ହାର୍ଟ ଆଟାକ୍ ସନ୍ଦେହ କରି ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ଓ ପ୍ରାରମ୍ଭିକ ଯାଞ୍ଚ ପରେ, ବୃଦ୍ଧାଙ୍କ ଡାହାଣପଟ ରକ୍ତନଳୀରେ ୧୦୦% ବ୍ଲକେଜ୍ ଥିବା ଜଣାପଡିଥିଲା ଓ ଅଧିକ ବୟସ କାରଣରୁ ଅନ୍ୟ ଡାକ୍ତରଖାନାଗୁଡ଼ିକ ଷ୍ଟେଣ୍ଟ ଲଗାଇବାକୁ ପଛଘୁଞ୍ଚା ଦେଇଥିବା ବେଳେ, ବୃଦ୍ଧାଙ୍କ ଅବସ୍ଥା କ୍ରମଶଃ ସଙ୍କଟାପନ୍ନ ହେବାରେ ଲାଗିଥିଲା, ତେଣୁ ପରିବାର ଲୋକ, ସଙ୍ଗେସଙ୍ଗେ ସଂପୃକ୍ତ ବୃଦ୍ଧାଙ୍କୁ ହାଇଟେକ୍ ମେଡିକାଲ୍‌ର ହୃଦରୋଗ ବିଭାଗରେ ଭର୍ତ୍ତି କରିଥିଲେ । ହାଇଟେକ୍‌ର ହୃଦରୋଗ ବିଭାଗର ବରିଷ୍ଠ ପ୍ରଫେସର ଡାକ୍ତର ରିତେଶ ଆଚାର୍ଯ୍ୟ ଓ ତାଙ୍କ ଟିମ୍ ତୁରନ୍ତ ପରୀକ୍ଷାନିରୀକ୍ଷା କରିଥିଲେ ଏବଂ ବିଳମ୍ବିତ ରାତି ପ୍ରାୟ ୨ଟାରେ ସଫଳତାର ସହ ବୃଦ୍ଧାଙ୍କ ହାର୍ଟରେ ଷ୍ଟେଣ୍ଟ ଲଗାଯାଇଥିଲା ଓ କିଛି ଘଣ୍ଟା ପରେ ବୃଦ୍ଧା ମହିଳା ଜଣକ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିଲା ଓ ଡାକ୍ତରଖାନାରେ ଦୁଇଦିନ ରହିବା ପରେ ବର୍ତ୍ତମାନସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିଛନ୍ତି, ବୃଦ୍ଧାଙ୍କ ପରିବାର ଲୋକ ହାଇଟେକ୍ ମେଡିକାଲ୍‌ର ଡାକ୍ତର ଏବଂ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି ଓ ହାଇଟେକ୍ ମେଡିକାଲ୍‌ରେ ପୂର୍ବରୁ ମଧ୍ୟ ଅନେକ ଜଟିଳ ଅସ୍ତ୍ରୋପଚାର କରାଯାଇ ରୋଗୀକୁ ସୁସ୍ଥ କରାଯାଇପାରିଛି, କାରଣ ହାଇଟେକ୍ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ ସବୁବେଳେ ରୋଗୀର ସୁସ୍ଥତାକୁ ଅଧିକ ଗୁରୁତ୍ୱ ଦେଇ ଆସିଛନ୍ତି, ତେଣୁ ଆଜିମଧ୍ୟ ହାଇଟେକ୍ ମେଡିକାଲ୍, ରୋଗୀ ଓ ସେମାନଙ୍କ ପରିବାରର ପ୍ରଥମ ପସନ୍ଦ ।

## ନାଲକୋର ସ୍ମେଲ୍ଟର ସମ୍ପ୍ରସାରଣ ପାଇଁ

# ଏମିରେଟ୍ସ ଗ୍ଲୋବାଲ୍ ଆଲୁମିନିୟମ ସହ ପ୍ରଯୁକ୍ତି ସହଭାଗିତା ଚୁକ୍ତି ସ୍ୱାକ୍ଷରିତ

ଭୁବନେଶ୍ୱର (ସବ୍ୟୁ): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଔଦ୍ୟୋଗ ନ୍ୟାସନାଲ ଆଲ୍ୟୁମିନିୟମ କମ୍ପାନୀ ଲିମିଟେଡ଼(ନାଲକୋ) ପକ୍ଷରୁ ଦୁବାଇ ସ୍ଥିତ ଏମିରେଟସ ଗ୍ଲୋବାଲ ଆଲ୍ୟୁମିନିୟମ(ଇଜିଏ) ସହିତ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି, ଯାହା ଦ୍ୱାରା ଓଡ଼ିଶାର ଅନୁଗୋଳଠାରେ ବାର୍ଷିକ ୦.୫ ନିୟୁତ ମେଟ୍ରିକ ଟନ ବ୍ରାଉନଫିଲ୍ଡ ସ୍ମେଲଟର ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ଇଜିଏ ର ୟୁଏଇ ବିକଶିତ ଡ଼ିଏକ୍ସ ପ୍ଲସ ଅଲ୍ଟ୍ରା ଆଲୁମିନିୟମ ସ୍ମେଲଟିଂ ପ୍ରଯୁକ୍ତି ବ୍ୟବହୃତ ହେବ । ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ଏବଂ ଇଜିଏ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅବଦୁଲନାସେର ବିନ୍ କଲବାନଙ୍କ ଉପସ୍ଥିତିରେ ଏହି ପ୍ରଯୁକ୍ତି ଲାଇସେନ୍ସିଂ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜଗଦୀଶ ଆରୋରା ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ) ନାଲକୋ ଏବଂ ଅଭୟ କୁମାର ବେହୁରିଆ, ନିର୍ଦ୍ଦେଶକ (ଅର୍ଥ) ମଧ୍ୟ ଉପସ୍ଥିତ ଥିଲେ । ନାଲକୋ ପକ୍ଷରୁ ମୁଖ୍ୟ ମହାପ୍ରବନ୍ଧକ (ପ୍ରକଳ୍ପ) ବିଜୁ କେ. ଏବଂ ଇଜିଏ ପକ୍ଷରୁ କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ - ମିଡଷ୍ଟ୍ରିମ୍, ଶ୍ରୀ ଅବଦଲ୍ଲା ଜାରୌନି ଏହି



ଚୁକ୍ତିନାମା ସ୍ୱାକ୍ଷର କରିଥିଲେ।

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟର ମାର୍ଗଦର୍ଶନ ଏବଂ ସମର୍ଥନରେ ବିଶ୍ୱସ୍ତରରେ ଏକ ପ୍ରତିଯୋଗିତାମୂଳକ ଆଲୁମିନିୟମ ଉତ୍ପାଦକ ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ନାଲକୋ ର ସ୍ମେଲ୍ଟର ସମ୍ପ୍ରସାରଣ କାର୍ଯ୍ୟରେ ଏହି ଚୁକ୍ତି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଚୁକ୍ତିନାମା ଅନୁଯାୟୀ, ଇଜିଏ ନାଲକୋକୁ ପ୍ରକଳ୍ପ କାର୍ଯ୍ୟାନ୍ୱୟନର ବିଭିନ୍ନ ପର୍ଯ୍ୟାୟରେ ବୈଷୟିକ ସହାୟତା ସହିତ ଡ଼ିଏକ୍ସ ପ୍ଲସ ଅଲ୍ଟ୍ରା ପ୍ରଯୁକ୍ତି କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ଲାଇସେନ୍ସ, ଜ୍ଞାନକୌଶଳ, ଡିଜାଇନ୍ ଏବଂ ସୂଚନା ପ୍ରଦାନ କରିବ । ଡ଼ିଏକ୍ସ ପ୍ଲସ ଅଲ୍ଟ୍ରା ପ୍ରଯୁକ୍ତି ଏକ ଉଚ୍ଚ-ଆମ୍ପେରେଜ୍ ଏବଂ ଦକ୍ଷ ଆଲୁମିନିୟମ୍ ସ୍ମେଲ୍ଟିଂ ପ୍ରଯୁକ୍ତି, ଯାହା ଉଚ୍ଚ ଉତ୍ପାଦକତା ଏବଂ ଉନ୍ନତ ଶକ୍ତି କାର୍ଯ୍ୟଦକ୍ଷତାକୁ ସମର୍ଥନ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି ପ୍ରଯୁକ୍ତି ଦ୍ୱାରା ନାଲକୋ ଏକ ଦକ୍ଷ ଏବଂ ପ୍ରତିଯୋଗିତାମୂଳକ ସ୍ମେଲ୍ଟର ବିକଶିତ କରିପାରିବ ବୋଲି ଆଶା କରାଯାଉଛି ।

ପ୍ରସ୍ତାବିତ ବ୍ରାଉନଫିଲ୍ଡ ସମ୍ପ୍ରସାରଣ ଦ୍ୱାରା ଅନୁଗୋଳରେ ପ୍ରତିବର୍ଷ ପ୍ରାୟ ୦.୫ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କ୍ଷମତା ବୃଦ୍ଧି ପାଇବ। ନାଲକୋର ବର୍ତ୍ତମାନ ଉତ୍ପାଦନ କ୍ଷମତା ସହିତ, ଏହି ସମ୍ପ୍ରସାରଣ କମ୍ପାନୀକୁ ବାର୍ଷିକ ପ୍ରାୟ ୧ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କ୍ଷମତା ଆଡ଼କୁ ଆଗେଇନେବ । ଏହି ଅବସରରେ, ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ, "ଇଜିଏ ର ଡ଼ିଏକ୍ସ ପ୍ଲସ ଅଲ୍ଟ୍ରା ପ୍ରଯୁକ୍ତି ସହିତ, ଆମର ଦୃଢ ବିଶ୍ୱାସ ଯେ, ଅନୁଗୋଳ ସ୍ମେଲ୍ଟର ସମ୍ପ୍ରସାରଣ ପ୍ରକଳ୍ପ ଭାରତର ଏକ ଦକ୍ଷତା ସମ୍ପନ୍ନ ତଥା ଅଗ୍ରଣୀ ଆଲୁମିନିୟମ୍ ସ୍ମେଲ୍ଟର ଭାବରେ ଉଭା ହେବ । ଏହି ପ୍ରଯୁକ୍ତି ବ୍ୟବହାର କମ୍ପାନୀର ଅଭିବୃଦ୍ଧି ଏବଂ ସମ୍ପ୍ରସାରଣ ଯୋଜନାକୁ ସମର୍ଥନ କରିବା ସହ ଭାରତର ଆଲୁମିନିୟମ୍ ଇକୋସିଷ୍ଟମକୁ ମଧ୍ୟ ସୁଦୃଢ଼ କରିବ । ପ୍ରସ୍ତାବିତ ସ୍ମେଲ୍ଟର ସମ୍ପ୍ରସାରଣ ଭାରତର ଅର୍ଥନୈତିକ ଅଭିବୃଦ୍ଧି, ପରିବେଶଗତ ଦକ୍ଷତା ଏବଂ ଏକ ବିକଶିତ ଭାରତ ଗଠନ ଦିଗରେ ମଧ୍ୟ ସହାୟକ ହେବ"। ନାଲକୋ ଏବଂ ଇଜିଏ ମଧ୍ୟରେ ହୋଇଥିବା ସହଭାଗୀତା କମ୍ପାନୀର ପ୍ରଯୁକ୍ତି ଦକ୍ଷତା, ଉତ୍ପାଦକତା ଏବଂ ଦୀର୍ଘସ୍ଥାୟୀ ଅଭିବୃଦ୍ଧି ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଅନୁଗୋଳ ଠାରେ ୦.୫ ନିୟୁତ ଟନ୍ ବ୍ରାଉନଫିଲ୍ଡ ସମ୍ପ୍ରସାରଣ ନାଲକୋ ର ଉତ୍ପାଦନ କ୍ଷମତାକୁ ଆହୁରି ସୁଦୃଢ଼ କରିବ ଏବଂ ଆଲୁମିନିୟମର ବର୍ଦ୍ଧିତ ଚାହିଦା ପୂରଣ ସହ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧିରେ ଯୋଗଦାନ ଦେବ ।

# ବସନ୍ତ ବିଶ୍ୱାଳଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ସମାରୋହ


ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି ଅତିଥି


ସ୍କାଉଟ୍ ଗାଇଡ୍ ପକ୍ଷରୁ ଶ୍ରଦ୍ଧାଞ୍ଜଳୀ


ବସନ୍ତ ବାବୁଙ୍କ ଅନୁଗାମୀମାନଙ୍କ ସହିତ ସମୟର ପରିଚାଳନା ସଂପାଦକ ରଞ୍ଜୀବ ବିଶ୍ୱାଳ






ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି 'ସମୟ'ର ପରିଚାଳନା ସଂପାଦକ ତଥା ବସନ୍ତ ବିଶ୍ୱାଳଙ୍କ ସୁପୁତ୍ର ରଞ୍ଜୀବ ବିଶ୍ୱାଳ




ସମ୍ବର୍ଦ୍ଧିତ ହେଉଛନ୍ତି ଅନ୍ୟ ଦୁଇ ଅତିଥି


ଅତିଥିମାନଙ୍କ ଗହଣରେ 'ସମୟ' ପରିଚାଳନା ସଂପାଦକ ରଞ୍ଜୀବ ବିଶ୍ୱାଳ ଓ ନିର୍ଦ୍ଦେଶିକା ଅନିତା ମହାନ୍ତି


ନିମନ୍ତ୍ରିତ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ନିର୍ଦ୍ଦେଶିକା ଅନିତା ମହାନ୍ତି


ସମ୍ମାନୀତ ହେଉଛନ୍ତି କ୍ରୀଡା ସାମ୍ବାଦିକ ଶକ୍ତି ପ୍ରକାଶ ନନ୍ଦ


ବିନ୍ଦୁସାଗରରେ ତିଳତର୍ପଣ


କଟକ ଶ୍ରଦ୍ଧାଞ୍ଜଳୀ ସଭାରେ ବିଧାୟକ ପ୍ରକାଶ ସେଠୀ


ସ୍ମୃତିଚାରଣ କରୁଛନ୍ତି ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ


କଟକବାସୀଙ୍କ ପକ୍ଷରୁ ମାଲ୍ୟାର୍ପଣ

# ବସନ୍ତ କୁମାର ବିଶ୍ୱାଳ ଥିଲେ ବିକାଶର ପୁରୁଷ

ଜଗତସିଂହପୁର, (ସବ୍ୟୁ): ଓଡିଶାର ବରପୁତ୍ର ତଥା ପୁର୍ବତନ ଉପ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କର ୨୩ତମ ଶ୍ରାଦ୍ଧ ବାର୍ଷିକୀ ଓ ଶ୍ରଦ୍ଧାଞ୍ଜଳି ସଭା ଆଜି ଜଗତସିଂହପୁର ଠାରେ ଅନୁଷ୍ଠିତ ହୋଇଯାଇଛି।ସଦର ମହକୁମା ସ୍ଥିତ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ବସନ୍ତ ବିଶ୍ୱାଳ ସ୍ମୃତି କମିଟି ଦ୍ୱାରା ଆୟୋଜିତ ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ଶ୍ରାଦ୍ଧୋତ୍ସବ ଓ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା। ସ୍ମୃତି କମିଟିର ଆବାହକ ଅଦ୍ୱୈତ୍ୟ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ପୁର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗ ଦେଇ ସ୍ୱର୍ଗତ ବସନ୍ତ ବିଶ୍ୱାଳ ଥିଲେ ଯୋଗଜନ୍ମା ପୁରୁଷ ବୋଲି କହିଥିଲେ। ସେ ଥିଲେ କର୍ମବୀର।ତାଙ୍କର ଚିନ୍ତାଧାରା, କମିଟ୍‌ମେଣ୍ଟ, କାର୍ଯ୍ୟ କରିବାର ଶୈଳୀରେ ଥିଲା ସ୍ୱତନ୍ତ୍ରତା।କଟକର ରିଂ ରୋଡ ଠାରୁ ଆରମ୍ଭ କରି ପାରାଦ୍ୱୀପରେ ଅଏଲ ରିଫାଇନାରୀ ପାଇଁ ଜମି ଅଧୀଗ୍ରହଣ ହେଉ କି ଇଫକୋ ସାର କାରଖାନା ହେଉ ସବୁ ତାଙ୍କରି ଉଦ୍ୟମରେ ସମ୍ଭବ ହୋଇ ପାରିଥିଲା।ସେ ଥିଲେ ବିକାଶର ପୁରୁଷ।ସବୁ କ୍ଷେତ୍ରରେ ତାଙ୍କର ଅବଦାନ ଆଜି ଓଡିଶା ଇତିହାସରେ ଲିପିବଦ୍ଧ ହୋଇ



ରହିଛି।ସଭାରେ ମୁଖ୍ୟ ବକ୍ତା ଭାବେ ପୁର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗ ଦେଇ କହିଥିଲେ ବସନ୍ତ ବାବୁ ଥିଲେ ଜଣେ ସେହିଭଳି ମହାନ ବ୍ୟକ୍ତିତ୍ୱ ଯେ କି ଆଗାମୀ ପିଢୀର ଆବଶ୍ୟକତାକୁ ମନ ଭିତରେ ରଖି ସାରା ରାଜ୍ୟରେ ପ୍ରକଳ୍ପ ନିର୍ମାଣର ସ୍ୱପ୍ନ ଦେଖିବା ସହିତ ତାହାକୁ ଖୁବ ଶିଘ୍ର ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଦେଉଥିଲେ।

ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଜ୍ୟୋତିଷ ଦାସ, ଜିଲ୍ଲା କଂଗ୍ରେସ ପୂର୍ବତନ ସଭାପତି ନଟବର ବାରିକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇ,ଜଗତସିଂପୁର ପଂଚାୟତ ସମିତି ଅଧ୍ୟକ୍ଷା କନକପ୍ରଭା ଲେଙ୍କା, ଜଗତସିଂପୁର ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ନାଉଗାଁ ପଂଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଦିଲୀପ ଲେଙ୍କା, ଜଗତସିଂପୁର ପଂଚାୟତ ସମିତି ଉପାଧ୍ୟକ୍ଷ ରତିରଞ୍ଜନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବସନ୍ତ ବିଶ୍ୱାଳଙ୍କ ଗୁଣଗାନ କରିଥିଲେ । ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକପ୍ରଶାନ୍ତ କୁମାର ମଲ୍ଲିକ ଅତିଥି ପରିଚୟ ଦେଇଥିଲେ ଓ ଶିକ୍ଷାବିତ ନିକୁଞ୍ଜ କିଶୋର ବେହେରା ସ୍ୱାଗତ ଭାଷଣ ଦେଇଥିଲେ । ଏହି ପ୍ରରିପେକ୍ଷୀରେ ଜିଲ୍ଲାର ମାଟ୍ରିକ ଟପର ଗାୟତ୍ରୀ ପଲେଇ, ବ୍ଲକ ମାଟ୍ରିକ ଟପର ସୌମ୍ୟ ରଞ୍ଜନ ତ୍ରିପାଠୀ, ଯୁକ୍ତ ଦୁଇ ବିଜ୍ଞାନ ଟପର ଓମ ପ୍ରକାଶ ସ୍ୱାଇଁ, ଯୁକ୍ତ ଦୁଇ କଳା ଟପ୍ପର ଇପ୍ସିତା ଦାସ, ଯୁକ୍ତ ଦୁଇ ବାଣିଜ୍ୟ ଟପର ନସରିନ ପର୍ବୀନ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଶିକ୍ଷାବିତ ଶରତ ଚନ୍ଦ୍ର ବାରିକ, ଶିକ୍ଷାବିତ ନିରଞ୍ଜନ ମହାନ୍ତି, ଶିକ୍ଷାବିତ ଅତୁଳ ବିକ୍ରମ ପ୍ରଧାନ, ସମାଜସେବୀ ଏସ କେ ଆସଲାମ ଅଲ୍ଲୀ ଓ ଦଶମ ଶ୍ରେଣୀ ଛାତ୍ରୀ ଅମ୍ରିତା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସରପଞ୍ଚ ଲିପକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବିଜୁ ଜନତା ଦଳ ଉପସଭାପତି ଦୀପ୍ତି ଦାସ, ବରିଷ୍ଠ ଆଇନଜୀବୀ ଦୋଳ ଗୋବିନ୍ଦ ଦାଶ, ବ୍ଲକ ସଭାପତି କାଳନ୍ଦୀ ପତି, ନଗର ସଭାପତି ପ୍ରିୟବ୍ରତ ମହାପତ୍ର, ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ,ଛାତ୍ର ନେତା ସୁନୀଲ ମାଟିଆ,ପୂର୍ବତନ ପାରିଷଦ ଦିଲ୍ଲୀପ ସିଂହ, ସୁବାସ ସାହୁ, ପାରିଷଦ ମନୋଜ ମହାନ୍ତି, ପାରିଷଦ ସୋନାଲି ସିଂହ, ଲକ୍ଷ୍ମୀପ୍ରିୟା ସାହୁ,କ୍ରିନ୍ସ ପ୍ରିୟା ପରିଜା, ସାଗରୀକା ଦାସ, ଅନାମ ଚରଣ ସେଠି, ମେନକା ବେହେରା, ଜୟନ୍ତୀ ମାହାଳି, କିରଣ କାନ୍ତି ଦାସ, ଜିଲ୍ଲା ଓକିଲ ସଙ୍ଘ ସମ୍ପାଦକ ସରୋଜ ବିଶ୍ୱାଳପୂର୍ବତନ ସରପଞ୍ଚ ଅଭିମନ୍ୟୁ ନାୟକପ୍ରମୁଖ ଉପସ୍ଥିତ ଥିଲେ ।

# ଚୋରି ଅଭିଯୋଗରେ ଦୁଇ ନାବାଳକ ସମେତ ୪ ଗିରଫ

ଧର୍ମଶାଳା, (ସବ୍ୟୁ): ଧର୍ମଶାଳା ଅନ୍ତର୍ଗତ ଥାନୁଆଳ କମ୍ୟୁନିଟି ହେଲଥ ସେଂଟରରୁ ଚୋରୀ ଅଭିଯୋଗରେ ପୁଲିସ ୨ ଜଣ ନାବାଳକଙ୍କ ସମେତ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଉଦ୍ଧାର କରିଛି। ସୂଚନା ମୁତାବକ ଗତ ୪ ତାରିଖ ରାତିରେ ଥାନୁଆଳ ଗ୍ରାମରେ ଥିବା କମ୍ୟୁନିଟି ହେଲଥ ସେଂଟର କବାଟ ତାଡି କେହି ଦୁର୍ବୃତ ଇନଭରର୍ଟର ବ୍ୟାଟେରୀ, ଫଂଖା, ଫ୍ରିଟର ଓ ସଫ୍ରିଟ ଲାଇଟ ଆଦି ଚୋରି କରିନେଇଥିଲେ। ଏନେଇ କମ୍ୟୁନିଟି ହେଲଥ ସେଂଟରର ଅଧିକାରୀ ଥାନୁଆଳ ଗ୍ରାମର ଟୁନିଲତା ଜେନା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୁଲିସ ୩୭୦/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇବା ସହ ଆଜି ଥାନୁଆଳ ଗ୍ରାମର ଚନ୍ଦନ ମଲିକ (୨୯), ସୋନୁ ମଲିକ(୧୯)ଙ୍କ ସମେତ ଉକ୍ତ ଗ୍ରାମର ଦୁଇଜଣ ନାବାଳକଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ଚୋରୀ ସାମଗ୍ରୀ ଉଦ୍ଧାର କରିବାରେ ସଫଳ ହୋଇଛି। ଆଜି ଦୁଇଜଣ ନାବାଳକଙ୍କୁ ଜୁଭେନାଇଲ କୋର୍ଟ ପଠାଇବା ସହିତ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ପ୍ରତାପ ଚନ୍ଦ୍ର ଦେବତା ସୂଚନା ଦେଇଛନ୍ତି।

# ଚାଉଳ ଚୋରି : କାର୍ଯ୍ୟାନୁଷ୍ଠାନ କେବେ

ନାଉଗାଁ,(ସବୁ) : ନାଉଗାଁ ବ୍ଲକ ଅନ୍ତର୍ଗତ ଗଜରାଜପୁର ପଂଚାୟତର ଗୋପାଳ ଜୀୟୁ ଉ.ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚାଉଳ ଚୋରି କରି ନେଉଥିବା ଘଟଣା ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ତଦନ୍ତ ଜାରି ରହିଥିଲା । ଉକ୍ତ ତଦନ୍ତ ଭାର ସିଆରସିସି ସୁକାନ୍ତ ଝଙ୍କାରଙ୍କୁ ପ୍ରଦାନ କରାଯାଇଥିଲା । ସ୍ଥାନୀୟ ଜନସାଧାରଣଙ୍କ ବୟନାନୁସାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ପ୍ରଧାନ ଛୁଟି ଦିନରେ ଚାଉଳ ଚୋରି କରି ନେଉଥିବା ଜଣାଯାଇଥିଲା । ସିଆରସିସି ରିପୋର୍ଟ ଭିତିରେ ପ୍ରଧାନ ଶିକ୍ଷକ କୈଳାସ ପ୍ରଧାନଙ୍କୁ ନିଲମ୍ବନ କରାଯିବ ବୋଲି ବ୍ଲକ ଶିକ୍ଷାଧିକାରୀ ଦିଲିପ କୁମାର ବଡପଣ୍ଡା ସୂଚନା ଦେଇଛନ୍ତି । ଏସଂକ୍ରାନ୍ତରେ ପ୍ରଧାନ ଶିକ୍ଷକଙ୍କର କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ । ସୂଚନାଯୋଗ୍ୟ ଯେ ସେପେଫମ୍ବର ୪ରେ ଜନ୍ମାଷ୍ଟମୀ ପାଇଁ ବିଦ୍ୟାଳୟ ଛୁଟି ରହିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚାଉଳ ବସ୍ତା ଗାଡିରେ ଲଦି ଯାଉଥିବା ବେଳେ ସ୍ଥାନୀୟ ଲୋକ ଦେଖିଥିଲେ । ପରେ ପ୍ରଧାନ ଶିକ୍ଷକ ତରବରିଆ ଭାବେ ଚାଉଳ ପଡିଥିବା ସ୍ଥାନକୁ ସଫା କରି ଚାଉଳକୁ ନାଳରେ ଫୋପାଡି ସେଠାରୁ ପଳାଇ ଯାଇଥିବା ଅଭିଯୋଗ ହୋଇଥିଲେ ।

# ଜେନାପୁର କଲେଜରେ ଲିଗାଲ ରାଇଟଓ ଆତ୍ମରକ୍ଷା ଶିବିର

କୁଆଖିଆ ,(ସବ୍ୟୁ): ଜେନାପୁର କଲେଜରେ ମହିଳା ସଶକ୍ତିକରଣ ଲିଗାଲ ରାଇଟ ସଚେତନତା ଓ ବାଳିକା ଆତ୍ମରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଜେନାପୁର କଲେଜରେ ମହିଳା ଇମ୍ପୋୱେରମେଣ୍ଟ ସେଲ କାର୍ଯ୍ୟକ୍ରମ ବରିଷ୍ଠ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ରଥଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଜେନାପୁର





ଥାନା ଅଧିକାରିଣୀ ନିରୁପମା ଜେନା ଯୋଗ ଦେଇ ପିଲାମାନେ କିପରି ଆଇନ ସଚେତନ ହେବେ ଓ ଆଇନ ଗତ ଅଧିକାର ଓ କର୍ତବ୍ୟକଣ ସେ ବିଷୟରେ କହିଥିଲେ । ଏଥିରେ ଅନ୍ୟତମ ଅତିଥି ଅଧକ୍ଷ୍ୟ ଚିତ୍ତ ରଞ୍ଜନ ଶତପଥୀ,ସମ୍ମାନିତ ଅତିଥି ଅଧ୍ୟାପକ ଦାମୋଦର ପଣ୍ଡାଯୋଗ ଦେଇ ବାଳିକା ପିଲାମାନଙ୍କପାଇଁ କି କି ଆଇନ କାର୍ଯ୍ୟ କରୁଛି ସେ ଉପରେ କହିଥିଲେ । ପ୍ରୋଗ୍ରାମ କୋ ଅର୍ଡିନେଟର ଶକ୍ତିଶ୍ରୀ ନନ୍ଦିତା ଦୋରା ଧନ୍ୟବାଦ ଅର୍ପଣ କରିଥିଲେ । ସଦସ୍ୟା ଅଧ୍ୟାପିକା ଦେବସ୍ମିତା ଦାସ, ଛାତ୍ରୀ ରାନୁ ମହାନ୍ତି, ସନ୍ଧ୍ୟା ରାଣୀ ବିଶ୍ୱାଳ ଉପସ୍ଥିତ ରହି ବାଳିକା ପିଲାମାନଙ୍କୁ ଏହି ଯୋଜନାର ରୂପରେଖ କହିଥିଲେ । ସେହିପରି ବାଳିକା ପିଲାମାନଙ୍କପାଇଁ ଆତ୍ମରକ୍ଷା ଶିବିର ୩ ତାରିଖ ରୁ ଆରମ୍ଭ ହୋଇଛି । ଏଥିରେ ଟେନର ଭାବେ ଜ୍ୟୋସ୍ନା ନନ୍ଦ ଯୋଗ ଦେଇ ପିଲାମାନଙ୍କୁ ଆତ୍ମରକ୍ଷା କୌଶଳର ପ୍ରଶିକ୍ଷଣ ଦେଇଥିଲେ । ଏଥିରେ ଅଧ୍ୟାପକ ଚିତ୍ତ ରଞ୍ଜନ ଜେନା,ଗ୍ରନ୍ଥାଗାରିକ ହରେକୃଷ୍ଣ ପାଲ,ପି ଇ ଟି ଶଙ୍କର୍ଷଣ ଦୋରା,ଡି ଇ ଓ ବିଶ୍ୱଜିତ ବେହେରାଙ୍କ ସହ ସମସ୍ତ କର୍ମଚାରୀ ଓ ସମସ୍ତ ଛାତ୍ରୀ ଉପସ୍ଥିତ ଥିଲେ ।

# ଆଧୁନିକ ଓଡ଼ିଶା ଗଠନର ଅନ୍ୟତମ ବିନ୍ଧାଣୀଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା,(ସବ୍ୟୁ) : ଆଧୁନିକ ଓଡ଼ିଶା ଗଠନର ଅନ୍ୟତମ ବିନ୍ଧାଣୀ, କର୍ମବୀର ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତକୁମାର ବିଶ୍ୱାଳଙ୍କ ୨୩ତମ ଶ୍ରାଦ୍ଧବାର୍ଷିକୀ ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ ପକ୍ଷରୁ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ତାଙ୍କର ଅମ୍ଳାନ ସ୍ମୃତିଚାରଣ ସହ ଜନସେବା, ରାଜନୈତିକ ଦୂରଦୃଷ୍ଟି ଏବଂ କେନ୍ଦ୍ରାପଡ଼ା ଓ ଓଡ଼ିଶା ପ୍ରତି ତାଙ୍କର ଅବିସ୍ମରଣୀୟ ଅବଦାନକୁ ସ୍ମରଣ କରାଯାଇଥିଲା ।ସକାଳେ ନୂଆ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଶନିଘାଟଠାରେ ତିଳତର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ବସ୍‌ଷ୍ଟାଣ୍ଡଠାରେ ସ୍ଥାପିତ ସ୍ୱର୍ଗତ ବିଶ୍ୱାଳଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ ସମ୍ମାନ ଜ୍ଞାପନ କରାଯାଇଥିଲା । ଏହାପରେ ଭାଗବତ ପ୍ରସାଦ ମହାନ୍ତିଙ୍କ ବାସସ୍ଥାନଠାରେ ଏକ ଭାବଗମ୍ଭୀର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା ।ଟ୍ରଷ୍ଟର ସଭାପତି ଗୁରୁ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶନାରେ ପ୍ରତିଭା ପୂଜା ସଂସଦର ସଭାପତି ପ୍ରଦୀପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ସମ୍ପନ୍ନ ହୋଇଥିଲା । କାର୍ଯ୍ୟକାରୀ ସଭାପତି ତଥା ପୌର



ସଭାର ବିରୋଧୀ ଦଳ ନେତା ଶରତ କୁମାର ବେହୁରାଙ୍କ ପ୍ରଯୋଜନାରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।ସଭାରେ ସୁଶୀଲ କୁମାର ସାମଲ, ସଦସ୍ୟ ମୁକ୍ତାର ଖାଁ, ଗୁଣନିଧି ଜଗତି, କୃଷ୍ଣ ପ୍ରସାଦ ଦାସ, ପୂର୍ବତନ ପୌରପାଳ ଆକବର ଅଲ୍ଲୀ, ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ କୁମାର ଦାସ, ସମାଜସେବୀ ଗୋଲେଖ ପଡ଼ିହାରୀ, ଡା. ଚୈତନ୍ୟ ଚରଣ ପରିଡ଼ା, ଶ୍ରୀ ପୀତବାସ ବେହେରା, ବରିଷ୍ଠ ସାମ୍ବାଦିକ ଶ୍ରୀ ପରେଶ ଦାସ, ଶ୍ରୀ ସନ୍ତୋଷ କୁମାର ବେହେରା ପ୍ରମୁଖଙ୍କ ସମେତ ରବି ନାରାୟଣ ଦାସ, ସଂଗ୍ରାମ ଜେନା, ରଜ କିଶୋର ରାଉତରାୟ, ସୁରେଶ ମର୍ଦ୍ଦରାଜ, ବିଜୟ ଜେନା, ତପୁ ରାଉତରାୟ, ନାରାୟଣ ବାରିକ, ରାମଚନ୍ଦ୍ର ପ୍ରଧାନ, ପ୍ରଶାନ୍ତ ପାତ୍ର, ଭାବଗ୍ରାହୀ ତ୍ରିପାଠୀ, ପ୍ରୀତି ରଞ୍ଜନ ବେହୁରା, ପୁଅ ମାନସିଂହ ପ୍ରମୁଖ ଯୋ ।ଗ ଦେଇଥିଲେ ।ଉପସ୍ଥିତ ବକ୍ତାମାନେ ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କ ବହୁମୁଖୀ ପ୍ରତିଭା, ଦୃଢ଼ ନେତୃତ୍ୱ, ରାଜନୈତିକ ଦୂରଦୃଷ୍ଟି ଓ ଜନସେବାର ଅନନ୍ୟ ଅବଦାନ ଉପରେ ଆଲୋକପାତ କରିଥିଲେ । ବିଶେଷକରି କେନ୍ଦ୍ରାପଡ଼ାର ସାମାଜିକ, ଶିକ୍ଷା, ଯୋଗାଯୋଗ ଓ ସାମଗ୍ରିକ ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ, କୃତି ଓ କୀର୍ତ୍ତି ସମ୍ପର୍କରେ ସ୍ମୃତିଚାରଣ କରାଯାଇଥିଲା ।ବକ୍ତାମାନେ କହିଥିଲେ ଯେ, ବସନ୍ତ କୁମାର ବିଶ୍ୱାଳ କେବଳ ଜଣେ ରାଜନେତା ନଥିଲେ ସେ ଥିଲେ ଜନସାଧାରଣଙ୍କ ସୁଖଦୁଃଖର ସାଥୀ ଓ କେନ୍ଦ୍ରାପଡ଼ାର ବିକାଶ ପାଇଁ ନିରନ୍ତର ସଂଗ୍ରାମ କରିଥିବା ଜଣେ ଜନନାୟକ । ସଭାପତି ପ୍ରଦୀପ କୁମାର ମହାନ୍ତି ତାଙ୍କ ଅଭିଭାଷଣରେ କହିଥିଲେ ଯେ, କର୍ମବୀର ବସନ୍ତ କୁମାର ବିଶ୍ୱାଳଙ୍କ ଭଳି ଜଣେ ଜନନାୟକଙ୍କ ସ୍ମୃତିକୁ ଚିରସ୍ଥାୟୀ କରିବା ଆମ ସମସ୍ତଙ୍କର ଦାୟିତ୍ୱ । ତାଙ୍କର କର୍ମମୟ ଜୀବନ ଓ ଆଦର୍ଶକୁ ନୂତନ ପିଢ଼ି ନିକଟରେ ପହଞ୍ଚାଇବା ଆବଶ୍ୟକ ।ଶେଷରେ ଶ୍ରୀ କମଳ କାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୁଗ୍ମଜନ ଅଭିଯୋଗ ଶୁଣାଣି

ରଘୁନାଥପୁର, (ସବ୍ୟୁ) :ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ରଘୁନାଥପୁର ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଆଜି ମୋଟ ୧୧୯ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୦୪ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୫ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମ୍ବନ୍ଧୀୟ ୯ ଟି, ଆବାସ ଯୋଜନା ସମ୍ପର୍କୀୟ ୧୮ ଟି ,ଜମିଜମା ସମସ୍ୟା ସମ୍ପର୍କୀୟ ୧୩ ଟି, ପୋଲିସ ସହାୟତା ପାଇବା ପାଇଁ ୩ ଟି, ଭତ୍ତା ପାଇବା ପାଇଁ ୨ ଟି ଏବଂ ଅନ୍ୟାନ୍ୟ ୧୬ ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୪୩ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା ବେଳେ ଜଇଶୋଳ ପଞ୍ଚାୟତର ଏକ ରାସ୍ତା ଦୀର୍ଘ ଦିନ ଧରି ଅବହେଳିତ ଅବସ୍ଥାରେ ରହିଥିବା ନେଇ ଏହି ଗ୍ରାମର ଶତାଧିକ ମହିଳା ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଉପସ୍ଥିତ ହୋଇଥିଲେ । ଏଥିରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ,ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ,ଘୁନାଥପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ବେହେରା, ରଘୁନାଥପୁର ତହସିଲଦାର ରାଜଲକ୍ଷ୍ମୀ ନାୟକ,ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ ।

# ବ୍ୟବସାୟୀଙ୍କ ବିୟୋଗରେ କୋଠପଦା ବଜାର ବନ୍ଦ

କୁଆଁପାଳ,(ସବ୍ୟୁ):ମାହାଙ୍ଗା ବ୍ଲକ ଅଂଚଳର ଅନ୍ୟତମ ପ୍ରମୁଖ ବ୍ୟବସାୟୀକ ପେଣ୍ଠସ୍ଥଳ କୋଠପଦା ବଜାରର ପୁରୁଖା ବ୍ୟବସାୟୀ ଭୀମସେନ ବେହାରୀ (୭୬)ଙ୍କର ଦେହାନ୍ତ ହୋଇଯାଇଛି। ସେ ଜଣେ ପରୋପକାରୀ ,ମେଳାପୀ ବ୍ୟକ୍ତି ଭାବେ ସ୍ଥାନୀୟ ଅଂଚଳରେ ବେଶ ଜଣାଶୁଣା ଥିଲେ। ସ୍ୱର୍ଗତ ବେହାରୀଙ୍କ ଦେହାନ୍ତରେ ଆଜି କୋଠପଦା ବଜାରର ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ବନ୍ଦ ରଖାଯାଇଥିଲା। ପୁତ୍ର ମନୋରଞ୍ଜନ ବେହାରୀ ମୁଖାଗ୍ନି ପ୍ରଦାନ କରିଥିବା ବେଳେ କବିତା ସାହୁ,ବେବିନା ବେହାରୀ,କଳ୍ପନା ସାହୁ ,ନିରଞ୍ଜନ ବେହାରୀ ,କ୍ଷୀରୋଦ ବେହାରୀ ,ଭାଇ ଅର୍ଜୁନ ବେହାରୀ ,ମଞ୍ଜୁଲତା ସାହୁ,ଅଞ୍ଜିଲତା ସାହୁ ,ରାମଚନ୍ଦ୍ର ସାହୁ,ନିତ୍ୟାନନ୍ଦ ସାହୁ,ନିରଞ୍ଜନ ସାହୁ,ପବିତ୍ର ସାହୁ,ବଟକୃଷ୍ଣ ବେହାରୀ,ମାଗୁଣି ବେହାରୀ,ଗୋର୍ୟରାଙ୍ଗ ବେହାରୀ ,ଅଭିରାମ ବେହାରୀ,ବଟକୃଷ୍ଣ ସାହୁ,ଗୋକୁଳାନନ୍ଦ ପୃଷ୍ଟି ,କାର୍ତରିକ ଚନ୍ଦ୍ର ବେହାରୀ ,ଗଣେଶ ଚନ୍ଦ୍ର ବେହାରୀ ,ଅଭିମନ୍ୟୁ ସାହୁ ,ଶରତ ସାହୁ,ଅନନ୍ତ କିଶୋର ସାହୁ,ଲକ୍ଷ୍ମଣ ସାହୁ ପ୍ରମୁଖଙ୍କ ସମତେ ବଜାର କମିଟିର ବ୍ୟବସାୟ ବୃନ୍ଦ ସ୍ୱର୍ଗତ ବେହାରୀଙ୍କ ଶେଷ ଦର୍ଶନ କରିବା ସହିତ ଅମର ଆତ୍ମାର ସଦଗତି କାମନା କରିଥିଲେ। ଏହି ଅବସରରେ ସ୍ୱର୍ଗତ ଭୀମସେନଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେନିଆଯାଇ ବଜାର ପରିକ୍ରମା କରାଯାଇଥିଲା।

# ବିଜେଡିର ଜୋନସ୍ତରୀୟ ସାଙ୍ଗଠନିକ ବୈଠକ

ସାଲେପୁର ,(ସବ୍ୟୁ) : ସାଲେପୁର ବିଜୁ ଜନତା ଦଳ ପକ୍ଷରୁ ରବିବାର ଅପରାହ୍ନରେ ରାଇସୁଂଗୁଡା ପଂଚାୟତ ସ୍ଥିତ କୈଳାସ ମଣ୍ଡପରେ ୪୫ନମ୍ବର ଜୋନର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସାଲେପୁର ବ୍ଲକ ବିଜେଡି ସଭାପତି ନାରାୟଣ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଶାନ୍ତ ବେହେରା ଯୋଗ ଦେଇ ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଦଳର ସମର୍ଥିତ ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ କିଭଳି ଭାବରେ ବିଜୟ ଲାଭ କରିବେ ସେଥିପ୍ରତି ୪୫ନମ୍ବର ଜୋନର ସମସ୍ତ ନେତୃମଣ୍ଡଳୀ ଦଳୀୟ କର୍ମୀ ଓ ଶୁଭେଚ୍ଛୁ ମାନେ ଆଜି ଠାରୁ ଦଳୀୟ ସଂଗଠନ ପ୍ରତି ଯନିବାନ ରହିବା ଉଚିତ ବୋଲି ପ୍ରକାଶ କରିଥିଲେ । ପ୍ରତ୍ୟେକ ପଂଚାୟତର ନେତୃବୃନ୍ଦ ପ୍ରତିଦିନ କିଛି ପରିବାର ସହିତ ଯୋଡି ହୋଇ ତାଙ୍କର ସୁଖ ଦୁଃଖରେ ସାମିଲ ହୋଇ ତୃଣମୂଳ ସ୍ତରରୁ ଦଳୀୟ ସଂଗଠନକୁ ମଜଭୁତ କରିବାକୁ ଉପଦେଶ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ବ୍ଲକ ଅଧକ୍ଷ ରାମଚନ୍ଦ୍ର ଭୋଇ, ବ୍ଲକ ବିଜେଡି ସଭାପତି ଅନନ୍ତ ପ୍ରଧାନ, ବଳିଷ୍ଠ ବିଜେଡି ନେତା ଦିଲୀପ ଦାଶ, ରମେଶ ଜେନା, ଚିତ୍ତରଞ୍ଜନ ମହାନ୍ତି ଯୋଗ ଦେଇ ବିଜେପି ସରକାରର ବିଫଳତା ଓ ମିଥ୍ୟା ପ୍ରତିଶ୍ରୁତିକୁ ତୀବ୍ର ସମାଲୋଚନା କରିବା ସହିତ ଅଂଚଳ ର ବିକାଶ ପାଇଁ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥୀ ବିଜୟୀ ହେବାର ଆବଶ୍ୟକତା ଜରୁରୀ ବୋଲି ମତ ପ୍ରକାଶ କରିଥିଲେ ।ଏହି କାଯ୍ୟକ୍ରମ ରେ ସମିତି ସଭ୍ୟ ଅମରେନ୍ଦ୍ର ବେହେରାଙ୍କ ସମେତ ମଳଶାସନ ଓ ନର୍ଦା ପଂଚାୟତର ଏକ ହଜାରରୁ ଉର୍ଦ୍ଧ ଛାମୁଆ କର୍ମୀ ସାଙ୍ଗଠନିକ ବୈଠକରେ ଯୋଗ ଦେଇଥିଲେ ।

# ହାତୀ ଗ୍ରାମ ଜଙ୍ଗଲ ଛାଡି ଯାଉନାହିଁ

ଦାନଗଦି,(ସବ୍ୟୁ):ସୁକିନ୍ଦା ରେଞ୍ଜ ଅଧିନସ୍ଥ ସୁନାଝର ପାହାଡକୁ ଲାଗି ରହିଥିବା ଧଉରାସାହି (ସୁକରଣ) ଗ୍ରାମରେ ହାତୀ ପଶି କେତେକ ଘର ଆଂଶିକ ଭାଙ୍ଗିବା,କଦଳୀ ବଗିଚା ଓ ମକା ଏବଂ ଧାନ ଫସଲକୁ ନଷ୍ଟ କରୁଥିବାର ଦେଖିବାକୁ ମିଳିଛି । ସୁଚନା ମୁତାବକ ପ୍ରାୟ ୪ରାତିହେବ ଏକ ବଣୁଆ ଦନ୍ତାହାତୀ ଗୋଠ ଛଡାହୋଇ ସୁକିନ୍ଦା ରେ ଅଂଚଳରେ ରହିଛି । ବର୍ଷା ଋତୁ ଯୋଗୁଁ ପାହାଡଗୁଡିକ ବିଭିନ୍ନ ଝାଟି ଓ ଲତାରେ ଘଞ୍ଚ ହୋଇଯାଇଛି । ସେହି ଘଞ୍ଚଜଙ୍ଗଲ ଭିତରେ ହାତୀ ଦିନରେ ଲୁଚି ରହିଥାଏ ।ସନ୍ଧ୍ୟାହେଲେ ଜଙ୍ଗଲରୁ ବାହାରି ଗ୍ରାମରେ ପଶିଥାଏ । ଗ୍ରାମବାସୀମାନେ ହାତୀ ଭୟରେ ସନ୍ଧ୍ୟାହେଲେ କେହି ଘରୁ ବାହାରି ନଥାନ୍ତି । ଅନ୍ୟପକ୍ଷରେ ହାତୀ ଯେଉଁ ଅଂଚଳରେ ରହିଥାଏ ସେହି ଅଂଚଳକୁ ବିଦ୍ୟୁ ସଂଯୋଗ ବିଚ୍ଛିନ୍ନ କରାଯାଇଥାଏ । ହାତୀ କୌଣସି କ୍ଷତି ନକରିବା ଏବଂ ଏହି ଅଂଚଳରୁ ତଡି ଦେବାକୁ ସୁକିନ୍ଦା ରେଞ୍ଜ ବନବିଭାଗ ପକ୍ଷରୁ ସଜାଗ ଥିବା ରେଞ୍ଜର ସତ୍ୟବ୍ରତ ପ୍ରଧାନଙ୍କ ଠାରୁ ପ୍ରକାଶ । ହାତୀଟିର ଗତିକୁ ଲକ୍ଷ୍ୟକରି ବନବିଭାଗ କର୍ମଚାରୀମାନେ ଦିନରାତି ଜଗିରହିବା ସହିତ କିପରି ଏହି ଅଂଚଳରୁ ତଡିଦେବା ପ୍ରୟାସ ଜାରି ରହିଛି । ଏହି ଘଟଣା ସଂପର୍କରେ ଓଲିଆ ଗ୍ରାମପଂଚାୟତ ସରପଂଚ ସିଦ୍ଧେଶ୍ୱର ସିଏ ଲୋକମାନଙ୍କ ନିକଟରେ ପହଂଚି ଭୟଭିତ ନହେବା ସହିତ ହାତୀର କୌଣସି କ୍ଷତି ନକରିବାକୁ ସଚେତନ କରାଇଥିଲେ ଏବଂ କ୍ଷତି ହୋଇଥିବା ଲୋକମାନଙ୍କର କ୍ଷତିପୁରଣ ଦେବାକୁ ଦାବୀ କରିଥିଲେ ।

# ବସନ୍ତ ବିଶ୍ୱାଳଙ୍କ ୨୩ତମ ଶ୍ରାଦ୍ଧବାର୍ଷିକୀ ଓ ଶ୍ରଦ୍ଧାଞ୍ଜଳି ସଭା


ଝଙ୍କଡ଼ ,(ସବ୍ୟୁ): ତିର୍ତ୍ତୋଲ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ତେନ୍ତୁଳିପଦା ସ୍ଥିତ ଏକ ଘରୋଇ ମଣ୍ଡପରେ ଓଡ଼ିଶାର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ତଥା ଆଧୁନିକ ଓଡ଼ିଶାର ପ୍ରମୁଖ ବିନ୍ଧାଣି ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କ ୨୩ତମ ବାର୍ଷିକ ଶ୍ରାଦ୍ଧୋତ୍ସବ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି ।ପ୍ରାତଃ ସମୟରେ ମହାନଦୀ ଠାରେ ତିଳତର୍ପଣ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ଓପିସିସି ଉପ-ସଭାପତି ଲଲାଟେନ୍ଦୁ ମହାପାତ୍ର, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା ଓପିସିସି ମିଡିଆ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ, ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକ ଏବଂ ଓପିସିସି କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମଲ୍ଲିକ ଯୋଗଦେଇଥିଲେ । ବକ୍ତାମାନେ ସ୍ୱର୍ଗତ ବିଶ୍ୱାଳଙ୍କ ଓଡ଼ିଶା ପ୍ରତି ଅବଦାନ ବିଷୟରେ ଆଲୋକପାତ କରିଥିଲେ ଏବଂଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ସ୍ମୃତିଚାରଣ କରିଥିଲେ ।



ଏହି ଅବସରରେ ସମାଜସେବୀ ରବିନ୍ଦ୍ର ବେହେରା, ଶାନ୍ତିଲତା ଦାଶ, ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ସ୍ୱାଇଁ ଓ ସାମ୍ବାଦିକ ବନ୍ଧୁମାନଙ୍କୁ ସମ୍ମାନିତ କରାଯାଇଥିଲା ।ବ୍ଲକ କଂଗ୍ରେସ ସଭାପତି ସଫି ଆଜମ୍‌ଙ୍କ ତତ୍ତ୍ୱାବଧାନରେ ଓ ବ୍ଲକ କଂଗ୍ରେସ ଉପ-ସଭାପତି ଜିତେନ୍ଦ୍ର କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଜିଲ୍ଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଦସ୍ୟ ଲକ୍ଷ୍ମୀଧର ଦାଶ, ଉପ-ସଭାପତି ମହମ୍ମଦ ଅବଦୁଲ ଓ୍ୱାହିଦ, ପ୍ରଶାନ୍ତ ଦାସ, ଅଶ୍ୱିନୀ ସ୍ୱାଇଁ , ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଶୁଭ ନାରାୟଣ ନାୟକ, ଧନଞ୍ଜୟ ସୂତାର, ସମ୍ପାଦକ ସରୋଜିନୀ ପରିଜା, ର୍ତିତ୍ତୋଲ ବ୍ଲକ କଂଗ୍ରେସ କମିଟି ଉପ-ସଭାପତି ରଞ୍ଜନ ମହାପାତ୍ର, ସୁଶାନ୍ତ ନାୟକ, ଅତହର ଅଲ୍ଲୀ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, କୁଜଙ୍ଗ ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ଦାସ, ମଣିଜଙ୍ଗା ସରପଞ୍ଚ ଶଶଧର ମଲ୍ଲିକ, ଗରାମ ସରପଞ୍ଚ ପ୍ରଦ୍ୟୁମ୍ନ କିଶୋର ଚୟନୀ, ତିର୍ତ୍ତୋଲମାଧବ ସମିତି ସଭ୍ୟ ସୁନିଶ୍ଚିତା ସାହୁ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ନିହାର ରଞ୍ଜନ ନାୟକ, ନିହାର ରଞ୍ଜନ ଦାସ, ଜୋନ ସଭାପତି ଶୁଭାଶିଷ ସ୍ୱାଇଁ , ଧ୍ରୁବଚରଣ ପରିଡା, ଅଜୟ ବସ୍ତିଆ, ବିଜୟ କୁମାର ପୃଷ୍ଟି, ସତ୍ୟରଞ୍ଜନ ସାହୁ, ରମେଶ ସ୍ୱାଇଁ , ବ୍ରଜ କିଶୋର ମଲ୍ଲିକ, ମାନସ ନନ୍ଦ, ପ୍ରତାପ ଚୌଧୁରୀ, ନିରଞ୍ଜନ ମହାନ୍ତି, ପ୍ରଦୀପ୍ତ ଶତପଥୀ, ଶଙ୍କର ଦାସ, ମନୋଜ ବେହେରା, ସୁକାନ୍ତ ସେଠୀ, ଗଗନ ସାହୁ, ସୁରେଶ ମଲ୍ଲିକ, ମଳୟ ବାରିକଙ୍କ ସମେତ ଶତାଧିକ ବସନ୍ତ ପ୍ରେମୀଯୋଗଦେଇଥିଲେ । ପରିଶେଷରେ ଗରାମ ପଞ୍ଚାୟତ କଂଗ୍ରେସ ସଭାପତି ଚିତ୍ତରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରାଦ୍ଧ ଦିବସରେ ବସନ୍ତ ବିଶ୍ୱାଳଙ୍କ ସ୍ମୃତିଚାରଣ

ନାଉଗାଁ,(ସବୁ): ନାଉଗାଁ ବଜାରସ୍ଥିତ ବସ୍‌ଷ୍ଟାଣ୍ଡ ଠାରେ ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ କର୍ମବୀର ବସନ୍ତ ବିଶ୍ୱାଳଙ୍କ ୨୩ତମ ଶ୍ରାଦ୍ଧ ଦିବସ ଭକ୍ତିପୂତ ପରିବେଶରେ ପାଳିତ ହୋଇଯାଇଛି । ବସନ୍ତ ବିଶ୍ୱାଳ ସ୍ମୃତି କମିଟି, ନାଉଗାଁ ଏବଂ "ସମୟ' ପରିବାର ପକ୍ଷରୁ ଏହି ସ୍ମୃତିସଭାର ଆୟୋଜନ କରାଯାଇଥିଲା । ଏହି ଅବସରରେ ବସନ୍ତ ବାବୁଙ୍କ ବହୁମୁଖୀ ପ୍ରତିଭା, ନବ ଓଡ଼ିଶା ନିର୍ମାଣରେ ତାଙ୍କର ଅବଦାନ ଏବଂ ଆଧୁନିକ ଓଡ଼ିଶା ଗଠନରେ ତାଙ୍କ ଭୂମିକାକୁ ସ୍ମରଣ କରାଯାଇଥିଲା । ବସନ୍ତ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ସମବେତ ନିରବ ପ୍ରାର୍ଥନା ଓ ଓଁକାର ଧ୍ୱନି ମାଧ୍ୟମରେ ତାଙ୍କ ପ୍ରତି ଭକ୍ତିପୂତ



ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ ଯୋଗ ଦେଇଥିବା ବେଳେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ତଥା ନାଉଗାଁ ବ୍ଲକ କଂଗ୍ରେସ କମିଟି ସଭାପତି ବିଚିତ୍ରାନନ୍ଦ ଲେଙ୍କା, ବିଜୁ ଜନତା ଦଳ ବ୍ଲକ ସଭାପତି ନିରଞ୍ଜନ ବେହୁରା, ଯୁବନେତା ଗୌରାଙ୍ଗ ଦାଶ, କୃଷକ ନେତା ଅଶୋକ ସ୍ୱାଇଁ, ରାଜକିଶୋର ରାଉତ, ଜ୍ୟୋତିରଞ୍ଜନ ପରିଡ଼ା, ଶାରଦା ମହାନ୍ତି, ବିଜୟ ମହାନ୍ତି, ଦେବଜ୍ୟାତି ମହାନ୍ତି, ଛାତ୍ରନେତା ସୁନୀଲ କୁମାର ମାଟିଆ, ଯୁବନେତା ଜିତେନ୍ଦ୍ର ମହାନ୍ତି, ରବୀନ୍ଦ୍ର ଲେଙ୍କା, ଅକ୍ଷୟ ଲେଙ୍କା, ଅଭୟ ବିଶ୍ୱାଳ, ନାରାୟଣ ଲେଙ୍କା, ବ୍ରହ୍ମାନନ୍ଦ ଲେଙ୍କା, ଜନ୍ମେଜୟ ନାୟକ ଓ ବିରଞ୍ଚି ନାରାୟଣ ପରିଡ଼ା, ଭ୍ରମରବର ଗୋଛାୟତ ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ସ୍ମୃତିଚାରଣ କରିଥିଲେ । ଶେଷରେ ବସନ୍ତ ବିଶ୍ୱାଳ ସ୍ମୃତି କମିଟିର ଆବାହକ ମନୋଜ କୁମାର ନାୟକ ସମସ୍ତ ଅତିଥି, ଆୟୋଜକ ଓ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭିଜିଲାନ୍ସ ହାତରେ ଧରା ପଡିଲେ ସିଉଳା ଆର ଆଇ, ଏଆରଆଇ





ପିପିଲି ,(ସବ୍ୟୁ): ସୋମବାର ମଧ୍ୟାହ୍ନ ରେ ୩୫ ହଜାର ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଲେ ପିପିଲି ତହସିଲ ଅନ୍ତର୍ଗତ ସିଉଳା ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ କଲ୍ୟାଣୀ ଜେନା ଏବଂ ସହକାରୀ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରା । ଘଟଣା ସ୍ଥଳରୁ ଜଣାଯାଏ ସିଉଳା ମୌଜା ର ଜନୈକ ଜମି ମାଲିକ ରଶ୍ମି ରଞ୍ଜନ ପଣ୍ଡା କ୍ରୟ କରିଥିବା ଜମିର ମ୍ୟୁଟେସନ ଏବଂ ଚାଷ ଜମିର କିସମ ପରିବର୍ତ୍ତନ କରି ଘରବାରି କରିବା ପାଇଁ ସିଉଳା ଆର ଆଇଙ୍କୁ ବାରମ୍ବାର ଅନୁରୋଧ କରି ଆସୁଥିଲେ ମଧ ଉକ୍ତ ଟଙ୍କା ନଦେଲେ କାର୍ଯ୍ୟ ହୋଇ ପାରିବ ନାହିଁ ବୋଲି ରାଜସ୍ୱ ଅଧିକାରୀ ସମୟ ଗଡ଼ାଇ ଚାଲିଥିଲେ ।ଏସମ୍ପର୍କରେ ଅଭିଯୋଗକାରୀ ଭିଜିଲାନ୍ସ ଜଣାଇଥିଲେ ଏବଂ ଯୋଜନା ମୁତାବକ ସୋମବାର ମଧ୍ୟାହ୍ନରେ ଦୁଇ ରାଜସ୍ୱ ଅଧିକାରୀଙ୍କୁ ଜମି ମାଲିକ ଉକ୍ତ ୩୫ ହଜାର ଟଙ୍କା ଦେଉଥିବା ସମୟରେ ସେଠାରେ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନଙ୍କ ହାତରେ ଅଧିକାରୀ ଦ୍ୱୟ ଧରା ପଡ଼ିଥିଲେ । ଭିଜିଲାନ୍ସ ଟିମ ଉକ୍ତ ଆର ଆଇ କାର୍ଯ୍ୟାଳୟ ସହିତ ଅଭିଯୁକ୍ତଙ୍କ ବ୍ରହ୍ମକୁଣ୍ଡି, ଅଚ୍ୟୁତପୁର, ଭୁବନେଶ୍ୱର ରସୁଲଗଡ଼ ଠାରେ ଥିବା ଘର ଉପରେ ଚଢ଼ାଉ କରି ଛାନ୍ଭିନ୍ନ କରିଛନ୍ତି ଏବଂ ଭିଜିଲାନ୍ସ ଅଭିଯୁକ୍ତ ଅଧିକାରୀ ଦ୍ୱୟଙ୍କୁ ଅଟକ ରଖି ଅଧିକ ତଦନ୍ତ ଚଳାଇଛନ୍ତି । ପୂର୍ବରୁ ପିପିଲି ତହସିଲ କାର୍ଯ୍ୟାଳୟ ଏବଂ ଏହା ଅନ୍ତର୍ଗତ ଆର ଆଇ କାର୍ଯ୍ୟାଳୟ ଗୁଡିକ ଲାଞ୍ଚ କାରବାର ଏବଂ ଦଲାଲ ରାଜ ପାଇଁ ଚର୍ଚ୍ଚାରେ ରହି ଆସୁଥିବା ବେଳେ ଆଜି ଚଢ଼ାଉ ଏହା ସତ୍ୟରେ ପ୍ରମାଣିତ ହୋଇଛି ବୋଲି ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

# ରେଳ ଓଭରବ୍ରିଜ ଜମି ଅଧିଗ୍ରହଣ ଉଚ୍ଛେଦ ମାମଲା

## କ୍ଷତିପୂରଣ ବଢ଼ାଇବା ସହ ପୁନର୍ବାସ ଦାବି

ସାକ୍ଷୀଗୋପାଳ ,(ସବ୍ୟୁ):। ସାକ୍ଷୀଗୋପାଳରେ ପ୍ରସ୍ତାବିତ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଜମି ଅଧିଗ୍ରହଣକୁ ନେଇ ପ୍ରଭାବିତ ବ୍ୟବସାୟୀଙ୍କ ମଧ୍ୟରେ ଉଚ୍ଛେଦ ଆଶଙ୍କା ବଢ଼ିଛି । ଗତ ଜୁଲାଇ ୨୮ରେ ଅଧିଗ୍ରହଣ ଓ ପୁନର୍ବାସ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପରେ ପ୍ରସ୍ତାବିତ କ୍ଷତିପୂରଣ ରାଶିକୁ ନେଇ ଆପତ୍ତି ଉଠାଇଛି ସାକ୍ଷୀଗୋପାଳ ବଜାର ବ୍ୟବସାୟୀ ସଂଘ । ଏନେଇ ସୋମବାର ଦିନ ସଂଘ ପକ୍ଷରୁ ଜିଲ୍ଲାପାଳ, ପୁରୀଙ୍କୁ ଦାବିପତ୍ର ଦିଆଯାଇଛି ।ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା ପାଇଁ ସଂଘର ପ୍ରତିନିଧିମାନେ ଯାଇଥିଲେ । ତେବେ ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ପୁରୀ ଉପଜିଲ୍ଲାପାଳ ସୁଶାନ୍ତ କୁମାର ପତି ଓ ଭୂମି ଅଧିଗ୍ରହଣ ଅଧିକାରୀ ଲୋପାମୁଦ୍ରା ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।ସଂଘର ଦାବି ଅନୁଯାୟୀ, ପ୍ରସ୍ତାବିତ ଅଧିଗ୍ରହଣରେ ପ୍ରଭାବିତ ହେବାକୁ ଥିବା ବ୍ୟବସାୟୀଙ୍କ ଜମି, ଦୋକାନ, ନିର୍ମାଣ, ଉପକରଣ ଓ ବ୍ୟବସାୟିକ କ୍ଷତିର ସଠିକ ଆକଳନ କରାଯାଇନାହିଁ । ବର୍ତ୍ତମାନ ପ୍ରସ୍ତାବରେ ମାସିକ ଯେତିକି ଟଙ୍କା କ୍ଷତିପୂରଣ ବ୍ୟବସ୍ଥା ରହିଛି ଏହାକୁ ବଢ଼ାଇବାକୁ ସଂଘ ଦାବି କରିଛି । ଉଚ୍ଛେଦ ପୂର୍ବରୁ ଅଧିଗ୍ରହଣ ପ୍ରକ୍ରିୟା ସମ୍ପୂର୍ଣ୍ଣ କରି କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ବ୍ୟବସାୟୀ ସଂଘ ଦାବି କରିଛି । ନୂଆ ସ୍ଥାନରେ ଦୋକାନ ନିର୍ମାଣ ଓ ବ୍ୟବସାୟ ଆରମ୍ଭ ପର୍ଯ୍ୟନ୍ତ ଆର୍ଥିକ ସହାୟତା ସହ ପ୍ରଭାବିତ ବ୍ୟବସାୟୀଙ୍କ ଥଇଥାନ ପାଇଁ ବିକଳ୍ପ ସ୍ଥାନ ଯୋଗାଇଦେବାକୁ ଦାବି ହୋଇଛି । ଜମି ଓ ଘର ହରାଇବାକୁ ଥିବା ମାଲିକଙ୍କୁ ମଧ୍ୟ ନିୟମାନୁସାରେ ଉପଯୁକ୍ତ କ୍ଷତିପୂରଣ ଦେବାକୁ ସଂଘ ଦାବି କରିଛି ।ଦକ୍ଷେପ ନିଆଯିବ ।

# ଟ୍ରାନ୍ସଫରମର ପୋଡ଼ି: ଦୁଇ ଦିନ ଅନ୍ଧାର ପରେ ଗ୍ରାମବାସୀଙ୍କ ରାସ୍ତାରୋକ



ଆଠଗଡ ,(ସବ୍ୟୁ): ବଜ୍ରପାତରେ ଗାଁରେ ଟ୍ରାନ୍ସଫରମର ପୋଡ଼ି ଗଲା । ଦୁଇ ଦିନ ଅନ୍ଧାରରେ ରହିଲେ ଗାଁ ଲୋକେ । ବିଦ୍ୟୁତ ବିଭାଗ ପକ୍ଷରୁ ଗୋଟିଏ ୧୦୦କେଭି ବିଦ୍ୟୁତ ଟ୍ରାନ୍ସଫରମର ନେବାପାଇଁ କହୁଥିଲେ । କିନ୍ତୁ ବିଦ୍ୟୁତ ଗ୍ରାହକଙ୍କ ଚାହିଦା ଅନୁସାରେ ଠିକ ଭାବରେ ଭୋଲଟେଜ ପାଉ ନ ଥିବା ଯୋଗୁଁ ୨୫୦ କେଭି ବିଦ୍ୟୁତ ଟ୍ରାନ୍ସଫରମର ବସାଇବା ପାଇଁ ଗ୍ରାମବାସୀମାନେ ଦାବି କଲେ । କିନ୍ତୁ ନିୟମର ଦ୍ୱାହି ଦେଇ ବିଦ୍ୟୁତ ବିଭାଗ ଏହା ନ କରିବାରୁ ଗ୍ରାମବାସୀମାନେ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ପଶି ଜବରଦସ୍ତ ୨୫୦ କେଭି ଟ୍ରାନ୍ସଫରମର ନେଇ ଯାଇଥିବା ଆଠଗଡ଼ ଥାନାରେ ଅଭିଯୋଗ କଲେ ବିଦ୍ୟୁତ ବିଭାଗୀୟ କର୍ତ୍ତୃପକ୍ଷ । ପୋଲିସ ଟ୍ରାନ୍ସଫରମରକୁ ଜବତ କରିବା ପରେ ଅନ୍ୟ ଉପାୟ ନ ପାଇ ଗ୍ରାମବାସୀମାନେ ଆଠଗଡ଼ ସାପୁଆ ବ୍ରିଜ ନିକଟରେ ରାସ୍ତା ରୋକ କରିଥିଲେ । ଏଭଳି ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି ଆଠଗଡ଼ ଥାନା ଅନ୍ତର୍ଗତ ବାସୁଦେବପୁର ଗ୍ରାମରେ । ଗ୍ରାମବାସୀ ମାନେ ଆଠଗଡ଼ ସାପୁଆ ବ୍ରିଜ ନିକଟରେ ରାସ୍ତା ଉପରେ ଟାୟାର ଜାଳି ଗଛ ପକାଇ ରାସ୍ତା ଅବରୋଧ କରିବା ପରେ ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ମୋଟର ଅଟକି ରହିଥିଲା । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ବୁଝାସୁଝା କରିବା ସହିତ ଆଠଗଡ ଥାନା ରେ ବିଦ୍ୟୁତ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ଗ୍ରାମବାସୀମାନଙ୍କ ସହିତ ଆଲୋଚନା କରିବା ପରେ ମଧ କୌଣସି ସୁଫଳ ମିଳି ପାରି ନ ଥିବା ଜଣାପଡିଛି ।ଏ ବାବଦରେ ଆଠଗଡ଼ ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀ ଜିତେନ୍ଦ୍ର କୁମାର ମହାପାତ୍ରଙ୍କୁ ପଚାରିବାରୁ ବଜ୍ରପାତରେ ଟ୍ରାନ୍ସଫରମର ପୋଡ଼ି ଯାଇଥିବା ସ୍ୱୀକାର କରିଛନ୍ତି । ଟ୍ରାନ୍ସଫରମର କ୍ଷମତା ବଢ଼ାଇବା ପାଇଁ ୧୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ହେବ । ସେଥିପାଇଁ ଉପଯୁକ୍ତ ନିୟମ ଅନୁସାରେ ଏବଂ ଗ୍ରାମବାସୀଙ୍କ ସହଯୋଗରେ ହୋଇ ପାରିବ ବୋଲି କହିଛନ୍ତି । ତେବେ ସେହି ସମୟ ପର୍ଯ୍ୟନ୍ତ ୧୦୦ କେଭି ବିଦ୍ୟୁତ ଟ୍ରାନ୍ସଫରମରରେ ବିଦ୍ୟୁତ ଯୋଗାଣ ହୋଇ ପାରିବ । ତେବେ ପୋଲିସ ହେପାଜତରୁ ସାଧାରଣ ଲୋକ ବିଦ୍ୟୁତ ଟ୍ରାନ୍ସଫରମର ନେଇ ଯିବାକୁ ନେଇ ଆଠଗଡ଼ ପୋଲିସ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ଖବର ଲେଖା ହେବା ବେଳକୁ ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିଶଜିତ ମହାନ୍ତି ଙ୍କ କାର୍ଯ୍ୟାଳୟରେ ଏ ବାବଦରେ ଏକ ବୈଠକ ଚାଲିଥିବା ଥାନା ଅଧିକାରୀ ସୁମତି କୁମାରୀ ମହାନ୍ତି ସୂଚନା ଦେଇଛନ୍ତି ।

# ଓଏଭି ସତ୍ୟବାଦୀରେ ଏଆଇ ରୋବୋଟିକ୍ସର ଆଲୋଚନାଚକ୍ର

ସାକ୍ଷୀଗୋପାଳ ,(ସବ୍ୟୁ): ବିଜ୍ଞାନ ଏବଂ ଗବେଷଣା କୌଣସି ଦେଶର ଉନ୍ନତିକୁ ତ୍ୱରିତ କରିଥାଏ । ସତ୍ୟବାଦୀସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଓସି ଏ ସି (ଓକାକ) ଏବଂ ଓ କେସ ଏଲ ର ମିଳିତ ସହାୟତାରେ ଏକ ଦିବସୀୟ ଆଲୋଚନାଚକ୍ରର ଆୟୋଜନ ହୋଇଥିଲା । ଏହି ଆୟୋଜନରେ ଯୋଗ ଦେଇଥିଲେ ଜିଲ୍ଲାସ୍ତରୀୟ ସଂଯୋଜକ ନିରଞ୍ଜନ ମହାପାତ୍ର ଏବଂ ତାଙ୍କୁ ସହଯୋଗ କରିଥିଲେ ଏ ଏଲ ସି ମୁଖ୍ୟ ବସନ୍ତ କୁମାର ମିଶ୍ର । ତିନୋଟି ପର୍ଯ୍ୟାୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଇଣ୍ଟରନେଟ ସମ୍ବନ୍ଧୀୟ ଆଲୋଚନା, ଦ୍ୱିତୀୟ ପର୍ଯ୍ୟାୟରେ କୃତ୍ରିମ ବୁଦ୍ଧିମତା(ଏଆଇ) ର ବ୍ୟବହାର ଏବଂ ଶେଷ ପର୍ଯ୍ୟାୟରେ ସାଇବର ସୁରକ୍ଷା ନେଇ ଶିକ୍ଷାର୍ଥୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା । ଶିକ୍ଷାର୍ଥୀ ଏହି ଆଲୋଚନାରେ ଭାଗ ନେଇ ବହୁ ଶିକ୍ଷଣୀୟ ତଥ୍ୟ ସହ ଅବଗତ ହୋଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ପାଢ଼ୀ ଆୟୋଜନ ନିମନ୍ତେ ସମସ୍ତ ସହାୟତା ଯୋଗାଇ ଦେଇଥିଲେ । ପରିଶେଷରେ ଶିକ୍ଷାର୍ଥୀମାନଙ୍କୁ ଅଂଶଗ୍ରହଣ ନିମନ୍ତେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

# ମାସ ଆଉଟରିଚ' ପକ୍ଷରୁ ସଫଳ ବ୍ୟକ୍ତିତ୍ୱଙ୍କୁ "ଉଦ୍ୟୋଗୀ ଉତ୍କର୍ଷ




ବାଲିଅନ୍ତା (ସବ୍ୟୁ): ଇଂରାଜୀ ପତ୍ରିକା "ମାସ ଆଉଟରିଚ' ପକ୍ଷରୁ ଭୁବନେଶ୍ୱରସ୍ଥିତ ଗୀତ ଗୋବିନ୍ଦ ସଦନ ପରିସରରେ "ଉଦ୍ୟୋଗୀ ଉତ୍କର୍ଷ ସମ୍ମାନ' ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପତ୍ରିକାର ସମ୍ପାଦକ ମୀର ଅହମ୍ମଦ ଅଲ୍ଲୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ , ପଞ୍ଚାନନ କାନୁନଗୋ, ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ତଥା ବିଶିଷ୍ଟ ପରିବେଶବିତ ଦିଲ୍ଲୀପ ଶ୍ରୀଚନ୍ଦନ , ସମାଜସେବୀ ସୁରେଶ କୁମାର ପଣ୍ଡା , ଅଭିନେତା ଚନ୍ଦନ କର , ରଶ୍ମିରଂଜନ ମହାପାତ୍ର ,ନିରୋଜାଲକ୍ଷ୍ମୀ ମହାପାତ୍ର , ସୃଷ୍ଟି ସୌମେନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରତିଭାବାନ ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ୧୨ ଜଣ ଉଦୀୟମାନ ତଥା ସଫଳ ବ୍ୟକ୍ତିତ୍ୱଙ୍କୁ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ "ଉଦ୍ୟୋଗୀ ଉତ୍କର୍ଷ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା ।କାର୍ଯ୍ୟକ୍ରମଟିକୁ ଆଙ୍କର ବୁଲବୁଲ ପରିଚାଳନା କରିଥିବା ବେଳେ ହର ପ୍ରସାଦ ମହାପାତ୍ର, ପ୍ରଜ୍ଞା ପରମିତା ମହାନ୍ତି , ମାନସ ରଂଜନ ସାହୁ, ସେକ ସେହନଓ୍ୱାଜ ହୁସେନ, ଜଗନ୍ନାଥ ସାହୁ, ମନୋଜ କୁମାର ସାହୁ, କାହ୍ନୁଚରଣ ମହାପାତ୍ର, ରଶ୍ମି ସାହୁ, ଶୁଭଶ୍ରୀ ସାହୁ, ଦେବାଶିଷ ଡାକୁଆ, ସରୋଜ କୁମାର ପ୍ରଧାନ, ବିଷ୍ଣୁ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# କବିତା ଏକ ଈଶ୍ୱର ଦତ୍ତ କଳା




ଭୁବନେଶ୍ୱର,(ସବ୍ୟୁ): ରଜ୍ୟର ଅନ୍ୟତମ ଅଗ୍ରଣୀ ସାହିତ୍ୟାନୁଷ୍ଠାନ ସାରସ୍ୱତ ସମାଜ, ଓଡିଶା ଭୁବନେଶ୍ୱରର ସେପେଟମ୍ବର ମାସ ମାସିକ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ ରବିବାରସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । କବି ଯୋଗେନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେୟୁନିଟ ୩ସ୍ଥିତ ଗୋଦାବରୀଶ ସାହିତ୍ୟ ସଂସଦର ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ଗୀତିକାର କଣ୍ଠଶିଳ୍ପୀ ତଥା କବୟିତ୍ରୀ ଶ୍ରୀମତୀ ସ୍ନେହଲତା ପାଢ଼ୀ ଯୋଗଦେଇଥିଲେ । ସେ ତାଙ୍କ ବକ୍ତବ୍ୟରେ କବିତା ଏକ ଈଶ୍ୱର ଦତ୍ତ କଳା । କବି ନିଜମନଗହନର ଅନୁଭୂତି କବିତାରେ ପାଠକଙ୍କ ନିକଟରେ ବାଢିଦିଏ ଏବଂ ତାହା ପାଠକୀୟ ଆଦୃତି ଲାଭ କଲେ କବିର ଶ୍ରମ ସାର୍ଥକ ହୋଇଥାଏ ବୋଲି ମତ ପ୍ରକାଶ କରିଥିଲେ । ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ପ୍ରତିଦିନ ଓଡିଆ ପୁସ୍ତକ ପ୍ରକାଶିତ ହେଉଛି ଆମେ ଅନ୍ତତଃ ମାସକୁ ଗୋଟିଏ ଓଡିଆ ପୁସ୍ତକ କିଣିବା ପାଇଁ ପ୍ରତିଶୃତି ବଦ୍ଧ ହେବା ଉଚିତ । ଯାହାଫଳରେ ଲେଖକ ଓ ପ୍ରକାଶକ ପ୍ରୋତ୍ସାହିତ ହୁଅନ୍ତେ ବୋଲି ମତପ୍ରକାଶ କରିଥିଲେ । ତତ୍ପରେ ବିଶିଷ୍ଟ କଣ୍ଠଶିଳ୍ପୀତଥା କବୟତ୍ରୀ ଶ୍ରୀମତୀ ସୌଦାମିନୀ ସାମନ୍ତରାୟ ସଂଯୋଜନାରେ ସର୍ବଶ୍ରୀ ରଜନୀକାନ୍ତ ପଟ୍ଟନାୟକ, ସନ୍ତୋଷ କୁମାର ଦାସ, ଶରତ ସାହୁ, ଜୟ ଜଗବନ୍ଧୁ ପାତ୍ର, ଚିନାରୀ ମୋହନ ପାତ୍ର, ଡ. ଉଷାରାଣୀ ଆଚାର୍ଯ୍ୟ,ପ୍ରିୟ ରଞ୍ଜନ ସାହୁ, ଶ୍ରୀମନ୍ତ ନନ୍ଦ, ଇଂ ଲଡୁକିଶୋର ପଢିଆରୀ, ପବିତ୍ର ମୋହନ ବାରିକ, ଜଗନ୍ନାଥ ନାୟକ, ଆହ୍ଲାଦିନୀ, ମିହିର କୁମାର ରଥ ଶର୍ମା, ଯୁଧିଷ୍ଠିର ପ୍ରଧାନ, ରବିନ୍ଦ୍ର କୁମାର ପ୍ରଧାନ, ସୁଜାତା ଆଚାର୍ଯ୍ୟ, ହରପ୍ରିୟା ରାଉତରାୟ, ପିତାମ୍ବର ଭୋଇ, ବାସନ୍ତୀ ତ୍ରିପାଠୀ ଓ ଦେବରାଜ ନାୟକ ଶ୍ରୁତିମଧୁର କବିତା ପାଠ କରିଥିଲେ । ଉପ ସଭାପତି ଶ୍ରୀ ନିଖିଳ କୁମାର ବଳବନ୍ତ ରାୟ ଆସର ପରିଚାଳନାରେ ସହଯୋଗ କରିଥିଲେ । ସର୍ବଶେଷରେ ବରିଷ୍ଠ କବି ଶ୍ରୀ ଅଲେଖ ଚରଣ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ ବୋଲି ସମ୍ପାଦକ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ ପ୍ରକାଶ କରିଛନ୍ତି ।

# ଯୁବ ଜାଗ୍ରତ ମଞ୍ଚର ନୂତନ କାର୍ଯ୍ୟାଳୟ ଉଦଘାଟିତ




ଫୁଲନଖରା ,(ସବ୍ୟୁ): ସାମାଜିକ ସଂଗଠନ ଯୁବ ଜାଗ୍ରତ ମଞ୍ଚ ପକ୍ଷରୁ କଟକ ସଦର ଥାନା ଅନ୍ତର୍ଗତ ମହୀଧରପଡ଼ା ସ୍କୁଲ ଛକ ନିକଟରେ ନୂତନ କାର୍ଯ୍ୟାଳୟ ଉ"ାଟନ ସହ ଏକ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହ ଆୟୋଜିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ କେବଳ ଏକ ନୂତନ କାର୍ଯ୍ୟାଳୟ ଉ"ାଟନରେ ସୀମିତ ନ ରହି ସମାଜସେବା, ପରିବେଶ ସୁରକ୍ଷା ଏବଂ ଯୁବଶକ୍ତିର ସାମୂହିକ ଜାଗରଣର ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜାତୀୟ ମାନବାଧିକାର କମିସନଙ୍କ କୋର କମିଟି ସଦସ୍ୟ ମନୋଜ ଜେନା ଯୋଗଦେଇଥିବା ବେଳେ ନିଆଳି ସଙ୍କୁଳ ପ୍ରମୁଖ ତଥା ଟ୍ରଷ୍ଟି ଉମାକାନ୍ତ କର, ପୂର୍ବତନ ସରପଞ୍ଚ ଅଶୋକ କୁମାର ଦାଶ ଏବଂ ଯୁବ ଜାଗ୍ରତ ମଞ୍ଚର ସଭାପତି କଳ୍ପତରୁ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ନୂତନ କାର୍ଯ୍ୟାଳୟକୁ ଉ"ାଟନ କରିଥିଲେ ।ନୂତନ କାର୍ଯ୍ୟାଳୟଟି ଆଗାମୀ ଦିନରେ ଯୁବ ଜାଗ୍ରତ ମଞ୍ଚର ସାମାଜିକ, ସାଂସ୍କୃତିକ ଓ ଜନକଲ୍ୟାଣମୂଳକ କାର୍ଯ୍ୟକଳାପର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଚିତ ହେବ ବୋଲି ଉପସ୍ଥିତ ଅତିଥିମାନେ ଆଶାବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟାଳୟ ମାଧ୍ୟମରେ ଅଞ୍ଚଳର ଯୁବପିଢ଼ିଙ୍କୁ ସଂଗଠିତ କରି ବିଭିନ୍ନ ଜନହିତକର କାର୍ଯ୍ୟ, ସାମାଜିକ ସଚେତନତା, ପରିବେଶ ସୁରକ୍ଷା ଏବଂ ଅସହାୟ ଲୋକଙ୍କ ସେବା ଦିଗରେ ଯୁବ ଜାଗ୍ରତ ମଞ୍ଚ ଆହୁରି ଦୃଢ଼ ପଦକ୍ଷେପ ନେବ ବୋଲି ଆଲୋଚନା ହୋଇଥିଲା ।ଏହି ଅବସରରେ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ଅରଡିଆପଦା ଠାରୁ ଅରିଲୋ ମୁଖ୍ୟ ରାସ୍ତା ପାଶ୍ୱର୍ରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ଯୁବ ଜାଗ୍ରତ ମଞ୍ଚର ସଭାପତି କଳ୍ପତରୁ ଖୁଣ୍ଟିଆଙ୍କ ଦୂରଦୃଷ୍ଟି, ନେତୃତ୍ୱ ଓ ସମାଜସେବା ପ୍ରତି ଥିବା ଆନ୍ତରିକ ଆଗ୍ରହ ଏହି କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା ।ସଭାପତି କଳ୍ପତରୁ ଖୁଣ୍ଟିଆ କେବଳ ଜଣେ ସଂଗଠନର ନେତୃତ୍ୱ ନେଉଥିବା ବ୍ୟକ୍ତି ନୁହନ୍ତି ସେ ଯୁବପିଢ଼ିଙ୍କୁ ସମାଜର ମୁଖ୍ୟଧାରା ସହିତ ଯୋଡ଼ିବାର ଏକ ଦୃଢ଼ ପ୍ରୟାସ କରୁଥିବା ସାମାଜିକ କର୍ମୀ ଭାବେ ନିଜର ପରିଚୟ ସୃଷ୍ଟି କରିଛନ୍ତି । ନିଜ ସହଯୋଗୀ ଓ ସଦସ୍ୟମାନଙ୍କୁ ସାଥିରେ ନେଇ ଏକ ସୁଦୃଢ଼ ସଂଗଠନ ଗଢ଼ିବା ଏବଂ ସମାଜ ପାଇଁ କିଛି ସକାରାତ୍ମକ କାର୍ଯ୍ୟ କରିବାର ଯେଉଁ ଅଭିଳାଷ ସେ ପ୍ରଦର୍ଶନ କରୁଛନ୍ତି ।ଏହି ଅବସରରେ ଆୟୋଜିତ ସଭାକାର୍ଯ୍ୟରେ ଯୁବ ଜାଗ୍ରତ ମଞ୍ଚର ସମ୍ପାଦକ ଅରୁଣ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନୁପମା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ସ୍ୱାଧୀନଚେତା ମହାନ୍ତି, ଆଇନଜୀବୀ କବିନାରାୟଣ ଜେନା, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସୁଜାତା ସାହୁ, ସୁଧାଂଶୁ ବାଳା ପ୍ରଧାନ, ଧିରେନ୍ଦ୍ର ସାହୁ, ସୁମିତ୍ରା ଦାସ, କୈଳାସଚନ୍ଦ୍ର ସାହୁ, ପ୍ରିୟଦର୍ଶିନୀ ସ୍ୱାଇଁ, ବେଣୁଧର ସାହୁ, ବିନାୟକ ବେହେରା, ଦିଲ୍ଲୀପ ବେହେରା, ବିଭୂତି ପଟ୍ଟନାୟକ, ଦୁର୍ଗା ପ୍ରସାଦ ମହାନ୍ତି, ପ୍ରମୁଖଙ୍କ ସମେତ ଯୁବ ଜାଗ୍ରତ ମଞ୍ଚର ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ପୋଖରୀରେ ବୁଡ଼ି ମୃତ

ଭାପୁର, (ସବ୍ୟୁ): ନୟାଗଡ଼ଜିଲ୍ଲା ଫତେଗଡ ଥାନା ଅନ୍ତର୍ଗତ ଭାପୁର ବ୍ଲକ ଅଧୀନ ପଦ୍ମାବତୀ ପଞ୍ଚାୟତ ଝଗଡପଡା ଗ୍ରାମର ବିନୋଦ କୁମାର ସ୍ୱାଇଁ (୫୨)ଙ୍କ ର ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି । ସେ ପଦ୍ମାବତୀ ଜଗନ୍ନାଥ ପୋଖରୀରେ ଭାସୁଥିବା ଦେଖି ସ୍ଥାନୀୟ ବାସିନ୍ଦାମାନେ ଅଗ୍ନିଶମ ବିଭାଗକୁ ଜଣାଇଥିଲେ । ଅଗ୍ନିଶମ କର୍ମଚାରୀ ପହଞ୍ଚି ବିନୋଦକୁ ଉଦ୍ଧାର କରି ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । କାର୍ଯ୍ୟରତ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ । ପୋଲିସ ପହଞ୍ଚି ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଖଣ୍ଡପଡ଼ା ମେଡିକାଲକୁ ପଠାଇ ଦେଇଥିଲା । ଏହି ଅଭାବନୀୟ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକଛାୟା ଖେଳିଯାଇଛି। ମୃତ ବିନୋଦ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଦାବି ହୋଇଛି।

# କାଳୀୟଦଳନ ବେଶରେ ସାକ୍ଷୀଗୋପାଳ

ସାକ୍ଷୀଗୋପାଳ ,(ସବ୍ୟୁ): ଭାଦ୍ର କୃଷ୍ଣପକ୍ଷ ଏକାଦଶୀ ତିଥି ଅବସରରେ ସୋମବାର ଦିନ ସାକ୍ଷୀଗୋପାଳ ମନ୍ଦିରରେ ପରମ୍ପରା କ୍ରମେ ସାକ୍ଷୀଗୋପାଳ ଠାକୁରଙ୍କ କାଳୀୟଦଳନ ନୀତି ଅନୁଷ୍ଠିତ ହୋଇଛି । ଏହି ଅବସରରେ ସାକ୍ଷୀଗୋପାଳ ଠାକୁର କାଳୀୟ ଦଳନ ଶେରେ ସିଂହାସନ ଉପରେ ସପ୍ତଫେଣୀ ନାଗ ଉପରେ ନୃତ୍ୟରତ ଭଙ୍ଗୀରେ ବିରାଜମାନ କରିଥିଲେ । ଠାକୁର ବାମ ହସ୍ତରେ କାଳୀୟ ନାଗ ଲାଞ୍ଜ ଧରିଥିଲେ । ଠାକୁରଙ୍କ ମସ୍ତକରେ କିରିଟ, ହସ୍ତରେ ବଂଶୀ, ନାସାରେ ଗଜମୁକ୍ତା, କର୍ଣ୍ଣରେ କୁଣ୍ଡଳ ଓ ପୀତବସ୍ତ୍ର ପରିଧାନ କରିଥିଲେ । ଗୋଧନ ବାହୁଡ଼ା ଭୋଗପରେ ସାକ୍ଷୀଗୋପାଳ ଙ୍କ ବିଜେପ୍ରତିମା ମଦନ ମୋହନ ଦେବ ଓ ଲବଣି ଚୋରା ଠାକୁର ବିମାନରେ ରଙ୍ଗଣିସାହି ସ୍ଥିତ ଲବଣିଖିଆ ମଣ୍ଡପକୁ ବିଜେ କରିଥିଲେ ।ମହାଭୋଇ କୁଳର କୂଳବଧୂମାନେ ଠାକୁରଙ୍କୁ ବନ୍ଦାପନା କରିଥିଲେ । ଏହି ବିଧି ସମ୍ପନ୍ନ ପରେ ଠାକୁର ବିମାନ ଯୋଗେ ରାଧାକୁଣ୍ଡକୁ ବିଜେ କରିବା ପରେ ସେଠାରେ ପନ୍ତିଭୋଗ, ଆଳତି ,ଉପଚାର ଅନୁଷ୍ଠିତ ହୋଇଥିଲା । ଠାକୁରଙ୍କ ଏହି ଲୀଳାରେ ଜଣେ ସେବାୟତ ଶ୍ରୀ କୃଷ୍ଣ ବେଶରେ ,ମଣ୍ଡଣି ସୁଆଁସିଆ ସେବକ କାଳୀୟ ନାଗ ବେଶରେ ଓ ଅନ୍ୟ ଜଣେ ବିଶୋଇ ସେବକ ଗରୁଡ ବେଶରେ ଦେବନୀତି ସମ୍ପନ୍ନ କରିଥିଲେ ।

# କଳାଙ୍ଗ ପଞ୍ଚାୟତରେ ବ୍ଲକ ପ୍ରଶାସନ



ବୋଲଗଡ଼ , (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାରେ ପ୍ରତ୍ୟେକ ସୋମବାର ଦିନ ବ୍ଲକ ପ୍ରଶାସନ ପକ୍ଷରୁ ସର୍ବସାଧାରଣଙ୍କ ବିଭିନ୍ନ ସମସ୍ୟାକୁ ସମାଧାନ କରିବାକୁ ପ୍ରତେକ ଗ୍ରାମପଞ୍ଚାୟତ ମୁଖ୍ୟାଳୟରେ ପହଞ୍ଚୁଛି । ସରକାରଙ୍କର ୨୫ଗୋଟି ବିଭାଗର ଅଧିକାରୀ ଓ କର୍ମଚରୀମାନେ ସେଠାରେ ପହଞ୍ଚି ଜନସଧାରଣଙ୍କ ବିଭିନ୍ନ ସମସ୍ୟାକୁ ତତ୍କାଳ ସମାଧାନ କରୁଛନ୍ତି । ଏହି ପରିପ୍ରେକ୍ଷିରେ ସୋମବାର ଦିନ କଳାଙ୍ଗ ଗ୍ରାମପଂଚାୟତରେ ପଲ୍ଲିରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ୨୭ ଗୋଟି ବ୍ୟକ୍ତିଗତ ଓ ସାମୁହିକ ଆପତ୍ତି ଅଭିଯୋଗ ମଧ୍ୟରୁ ତୁରନ୍ତ ୨୧ଟି ସମସ୍ୟାର ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୁ ବ୍ଲକର ବିଡ ଅଧିକାରୀ ପ୍ରଶାନ୍ତ କୁମାର ବିଶ୍ୱାଳ ଉ"ାଟନ କରିଥିଲେ । ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ରତିକାନ୍ତି ରାଉତରାୟ, ନାଏବ ସରପଞ୍ଚ ପ୍ରଭାତ କୁମାର ସଓ୍ୱାଇଁ, ନିର୍ବାହୀ ଅଧିକାରୀ ସଂଗ୍ରାମ କେଶରୀ ସିଂ, ଏ.ଡି.ଇ.ଓ ନବଘନ ବିଶାଳ ପ୍ରମୁଖ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଓ୍ୱାର୍ଡ ମେମ୍ବର, ଅଙ୍ଗନ ଓ୍ୱାଡି କର୍ମୀ, ଏସ.ଏଚଜି ମହିଳା, ଓ ଅନେକ ସାମାଜିକ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଯୌତୁକ ନିର୍ଯାତନା : ନାବାଳିକା ମୃତ, ସ୍ୱାମୀ ଗିରଫ

ବାରଙ୍ଗ,(ସବ୍ୟୁ): ବିବାହର ମିଥ୍ୟା ପ୍ରଲୋଭନ ଦେଖାଇ ନାବାଳିକାକୁ ଫସାଇ ନେବା ପରେ ଯୌତୁକ ନିର୍ଯାତନାରେ ଜୀବନ ଗଲା । ଏଭଳି ହୃଦୟ ବିଦାରକ ଘଟଣା ଘଟିଛି ନନ୍ଦନକାନନ ଥାନା ଅଞ୍ଚଳରେ ।ମୃତ ନାବାଳିକା ହେଲେ ଜସ୍ମିନ । ବୟସ ମାତ୍ର ୧୭ ବର୍ଷ ୬ ମାସ । ନୟାଗଡ଼ର ପ୍ରଭାତ ପ୍ରଧାନଙ୍କ ଝିଅ ବୋଲି ସୂଚନା ମିଳିଛି । ବାପା ପ୍ରଭାତ ଅଭିଯୋଗ ପରେ ଥାନା ପୋଲିସ ମୃତ ଜସ୍ମିନ ର ସ୍ୱାମୀ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଶାଶୁ,ଶଶୁର ଓ ଦିଅର ଫେରାର ହୋଇଯାଇଥିବାର ଜଣାପଡିଛି । ପ୍ରକାଶ ଯେ,ନୟାଗଡ଼ର ପ୍ରଭାତ ପ୍ରଧାନ ନାମକ ବ୍ୟକ୍ତି ନନ୍ଦନକାନନ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ଝିଅ ଜସ୍ମିନଙ୍କ ବୟସ ୧୭ ବର୍ଷ ୬ ମାସ ବୟସ ହୋଇଥିବା ବେଳେ ଦଶପଲ୍ଲାଶ୍ରୀରାମଚନ୍ଦ୍ରପୁର ଗ୍ରାମର ସିଲୁ ବିଶ୍ୱାଳ(୩୦) ନାମକ ଯୁବକ ବିବାହର ମିଥ୍ୟା ପ୍ରତିଶ୍ରୁତି ଓ ପ୍ରଲୋଭନ ଦେଇ ତାଙ୍କ ଝିଅକୁ ନେଇଯାଇଥିଲେ । ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ପାଇନଥିଲେ ଏବଂ ଏ ସମ୍ପର୍କରେ ଦଶପଲ୍ଲା ଥାନାରେ ରିପୋର୍ଟ ଦାଖଲ କରିଥିଲେ । ପରବର୍ତ୍ତୀ ସମୟରେ ସିଲୁର ପରିବାର ଲୋକ ଜସ୍ମିନଙ୍କୁ ଯୌତୁକଜନିତ ନିର୍ଯାତନା ଦେବା ଆରମ୍ଭ କରିଥିଲେ ।ଯାହାଫଳରେ ରବିବାର ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ମୃତକଙ୍କ ବାପା ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ ।ପୋଲିସ କେସ ନଂ-୩୭୬ରେ ଏକ ମାମଲା ରୁଜୁ କରି ରବିବାର ସ୍ୱାମୀ ସିଲୁ ବିଶ୍ୱାଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଶଶୁର, ଶାଶୁ ଏବଂ ଦିଅର ଫେରାର ହୋଇଯାଇଥିବାର ଜଣାପଡିଛି ।



# ୯୦ ବର୍ଷର ବିଶ୍ୱାସ ସହ ଆଗକୁ ବଢୁଛି କେଡିସିଜି



ଭୁବନେଶ୍ୱର,(ସବ୍ୟୁ) : ସ୍ୱଚ୍ଛତା, ବିଶ୍ୱାସ ଓ ଉତ୍କୃଷ୍ଟ କାରିଗରୀର ୯୦ ବର୍ଷର ଗୌରବମୟ ଯାତ୍ରା ପୂରଣ କରିଛି ଓଡ଼ିଶାର ପ୍ରମତିଷ୍ଠିତ ଅଳଙ୍କାର ପ୍ରତିଷ୍ଠାନ ଖିମଜୀ ଦୟାଭାଇ କୋ. ଗ୍ରୁପ୍ (କେଡିସିଜି) । ଦୀର୍ଘ ନଅ ଦଶନ୍ଧି ଧରି ସମୃଦ୍ଧ ପରମ୍ପରା, ଉତ୍ତମ ଗୁଣବତ୍ତା ଓ ପିଢ଼ି ପରେ ପିଢ଼ି ଗ୍ରାହକଙ୍କ ସହ ଗଢ଼ିଉଠିଥିବା ସମ୍ପର୍କ ଏହି ଗ୍ରୁପକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି ।୧୯୩୬ ମସିହାରେ ବାରିପଦାରୁ ଆରମ୍ଭ ହୋଇଥିବା ଏହି ବ୍ୟବସାୟଆଜି ଚାରିପିଢ଼ି ଧରି ଏକ ବହୁ-ବ୍ରାଣ୍ଡ ଅଳଙ୍କାର ବ୍ୟବସାୟରେ ପରିଣତ ହୋଇଛି । ଖିମଜୀ ଦୟାଭାଇ, ଛତ୍ରଭୁଜ ଦୟାଭାଇ ନନ୍ଦ ଏବଂ ତାଙ୍କ ଭାଇମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ବ୍ୟବସାୟର ମୂଳ ନୀତି ଥିଲା-ସଠିକ୍ ଓଜନ, ଶୁଦ୍ଧ ସୁନା ଓ ଉଚିତ ମୂଲ୍ୟ ପ୍ରଦାନ । ୯୦ ବର୍ଷ ପୂର୍ତ୍ତି ଅବସରରେ ଗ୍ରୁପରଐତିହ୍ୟ, ମୂଲ୍ୟବୋଧ ଓ ଦୀର୍ଘସ୍ଥାୟୀ ଗ୍ରାହକ ସମ୍ପର୍କକୁ ନେଇ ବିଭିନ୍ନ ଅଭିଯାନ ଆୟୋଜନ କରାଯାଉଛି । ବାରିପଦା, ଭୁବନେଶ୍ୱର, ବାଲେଶ୍ୱର ଓ ଭଦ୍ରକରେ ବର୍ଷପୂର୍ତ୍ତି ଅବସରର ବିଭିନ୍ନ ଅନୁଭୂତିକୁ ମଧ ଏହି ଅଭିଯାନରେ ସ୍ଥାନ ଦିଆଯାଇଛି । ଏହି ଅବସରରେ ଖିମଜୀ ଦୟାଭାଇ କୋ. ଗ୍ରୁପ୍ର ସିଇଓ ନିଶିତ ନନ୍ଦ କହିଛନ୍ତି, ୯୦ ବର୍ଷ କେବଳ ଏକ ମାଇଲଖୁଣ୍ଟ ନୁହେଁ । ଏହା ପିଢ଼ି ପରେ ପିଢ଼ି ଗ୍ରାହକ ଆମ ଉପରେ ରଖିଆସିଥିବା ବିଶ୍ୱାସର ଉତ୍ସବ । ବାରିପଦାର ଏକ ଷ୍ଟୋରରୁ ଆରମ୍ଭ ହୋଇଥିବା ଆମର ଯାତ୍ରା ଆଜି ଚାରି ପିଢ଼ି ମଧ୍ୟରେ ଏକ ବହୁ-ବ୍ରାଣ୍ଡ ଅଳଙ୍କାର ବ୍ୟବସାୟରେ ପରିଣତ ହୋଇଛି । ଆମର ୨୦୨୮ ଯୋଜନାରେ ୫୦୦ କୋଟି ଟଙ୍କା ଟର୍ଣ୍ଣଓଭର ଲକ୍ଷ୍ୟ, ଓଡ଼ିଶା ବାହାରେ ବ୍ୟବସାୟ ବଢ଼ାଇବା ଏବଂ ନୂଆ ଉଚ୍ଚମାନର ବୁଟିକ୍ ଖୋଲିବା ଯୋଜନା ରହିଛି । ବ୍ୟବସାୟକୁ ଆହୁରି ଆଗକୁ ବଢ଼ାଇବା ପାଇଁ ଗ୍ରୁପ୍ ପକ୍ଷରୁ ଦୁଇଟି ନୂଆ ଜୁଏଲେରୀ ବ୍ରାଣ୍ଡଯୁଲରି ଡଟ କମ ଏବଂ ଅର୍ଣ୍ଣିକାର ଶୁଭାରମ୍ଭ କରାଯାଇଛ ।ଗ୍ରୁପ୍ର ପ୍ରିମିୟମ୍ ଜୁଏଲେରୀ ବ୍ରାଣ୍ଡ ଅର୍ଣ୍ଣିକା ଏହାର ପୁରୁଣା ପରମ୍ପରା ଓ କାରିଗରୀକୁ ଆଧୁନିକ ଶୈଳୀରେ ଉପସ୍ଥାପନ କରୁଛି ।

## ସମ୍ପାଦକୀୟ

# ଓଡ଼ିଶାରେ ସର୍ବାଧିକ ମେଲେରିଆ ରୋଗୀ

ଅନେକ ବର୍ଷ ତଳେ ଓଡ଼ିଶାରେ ମଶାଙ୍କ ଉପଦ୍ରବ ଯୋଗୁଁ ପ୍ରବଳ ମେଲେରିଆ ରୋଗ ବ୍ୟାପୁଥିଲା । ଅନେକ ଲୋକ ଏପରି ରୋଗରେ ଆକ୍ରାନ୍ତ ହେଉଥିଲେ, ମରି ବି ଯାଉଥିଲେ । ସେତେବେଳେ ବିଜ୍ଞାନ, ଗବେଷଣା ଓ ଚିକିତ୍ସାପଦ୍ଧତି ଏତେ ଉନ୍ନତ ଅବସ୍ଥାରେ ନଥିଲା । ମଶାଙ୍କ ଉପଦ୍ରବ ଯୋଗୁଁ ଓଡ଼ିଶାର ଲୋକେ ଏପରି ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିଲେ ଏବଂ ଓଡ଼ିଶା ଆସିବାକୁ ପର୍ଯ୍ୟଟକମାନେ ଡରୁଥିଲେ ।

ଏବେ ତ ସ୍ୱଚ୍ଛତା ଅଭିଯାନରେ ମଶା ବ୍ୟାପିବାର ସମ୍ଭାବନା ଖୁବ୍ ଅଳ୍ପ ହେବା କଥା । ନୂତନ ଔଷଧ ଓ ନୂତନ ଗବେଷଣା ପଦ୍ଧତିରେ ଏବଂ ଘର ଭିତରେ ମଶା ପ୍ରବେଶ କରିବାର ସହଜ ପଦ୍ଧତି ନଥିବାରୁ ଏବେ ମେଲେରିଆ ବା ଫାଇଲେରିଆ ପରି ରୋଗ ବ୍ୟାପିବାର ସମ୍ଭାବନା ପ୍ରାୟ ନାହିଁ । ତଥାପି ଆମ ରାଜ୍ୟରେ ମେଲେରିଆ ରୋଗ ବଢ଼ି ବଢ଼ି ଚାଲିଛି । ଅନେକ ମେଲେରିଆ ଜ୍ୱରରେ ଆକ୍ରାନ୍ତ । ଭାରତରେ ସର୍ବାଧିକ ମେଲେରିଆ ରୋଗୀ ଏବେ ଓଡ଼ିଶାରୁ ବୋଲି ଜଣାଯାଇଛି ।

**ଓଡ଼ିଶାର ମାଲକାନଗିରି ଜିଲ୍ଲାରେ ସର୍ବାଧିକ ମେଲେରିଆ ରୋଗୀ ପ୍ରାୟ ୭,୫୦୦ ଚିହ୍ନଟ ହୋଇଥିବାବେଳେ ଆଦିବାସୀ ଅଧ୍ୟୁଷିତ କଳାହାଣ୍ଡି, କନ୍ଧମାଳ, ରାୟଗଡା, କୋରାପୁଟ, ନବରଙ୍ଗପୁର ଓ ମୟୂରଭଞ୍ଜ ଜିଲ୍ଲାମାନଙ୍କରେ ଅଧିକାଂଶ ମେଲେରିଆ ରୋଗୀ ଚିହ୍ନଟ ହୋଇଥିବା ଅନୁଧ୍ୟାନରୁ ଜଣାଯାଇଛି । ରାଜ୍ୟ ସରକାର ସର୍ବାଧିକ ରୋଗୀଥିବା ମାଲକାନଗିରି ଜିଲ୍ଲା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହି ରୋଗର ନିରାକରଣ କରିବାକୁ ଉଦ୍ୟମ ଆରମ୍ଭ କରିଥିବା ଏକ ଶୁଭ ସୂଚନା ।**

ଅନୁଧ୍ୟାନରୁ ଜଣାଯାଇଛି ଯେ ଚଳିତ ବର୍ଷ ଆରମ୍ଭରୁ ଜୁଲାଇ ମାସ ପର୍ଯ୍ୟନ୍ତ ଭାରତରେ ପ୍ରାୟ ଲକ୍ଷେ ନ ହଜାର ରୋଗୀଙ୍କୁ ଚିହ୍ନଟ କରାଯାଇ ପାରିଛି ଏବଂ ୨୬ ଜଣ ଏହି ରୋଗରେ ପ୍ରାଣ ହରାଇଛନ୍ତି । ମାତ୍ର ଆମ ରାଜ୍ୟ ଓଡ଼ିଶାରେ ୩୦ ହଜାର ୨୬୮ ଜଣ ରୋଗୀ ଜାନୁଆରୀରୁ ଜୁଲାଇ ମାସ ମଧ୍ୟରେ ଚିହ୍ନଟ ହୋଇଛନ୍ତି ଏବଂ ସେଥିଯୋଗୁଁ ପାଞ୍ଚ ଜଣ ମଧ୍ୟ ପ୍ରାଣ ହରାଇଛନ୍ତି । ଓଡ଼ିଶା ତଳକୁ ଝାଡଖଣ୍ଡରେ ୨୬ ହଜାର ୩୯୯ ଜଣ ରୋଗୀଙ୍କୁ ସେହି ସମୟ ମଧ୍ୟରେ ଚିହ୍ନଟ କରାଯାଇଛି ଓ ଏହି ରୋଗ ଯୋଗୁଁ ପାଞ୍ଚ ଜଣ ପ୍ରାଣ ମଧ୍ୟ ହରାଇଛନ୍ତି ।

ଓଡ଼ିଶାରେ ୨୦୨୨ରୁ ୨୦୨୪ ଏହି ଦୁଇ ବର୍ଷ ମଧ୍ୟରେ ମେଲେରିଆ ରୋଗୀଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ି ଚାଲିଥିଲା । ୨୦୨୨ ମସିହାରେ ଓଡ଼ିଶାରେ ମେଲେରିଆ ରୋଗୀଙ୍କ ସଂଖ୍ୟା ୨୩ ହଜାର ୭୭୦ ଥିବାବେଳେ ୨୦୨୪ରେ ୬୮ ହଜାର ୬୯୩କୁ ତାହା ବୃଦ୍ଧି ପାଇଥିଲା ।

ଓଡ଼ିଶାର ମାଲକାନଗିରି ଜିଲ୍ଲାରେ ସର୍ବାଧିକ ମେଲେରିଆ ରୋଗୀ ପ୍ରାୟ ୭,୫୦୦ ଚିହ୍ନଟ ହୋଇଥିବାବେଳେ ଆଦିବାସୀ ଅଧ୍ୟୁଷିତ କଳାହାଣ୍ଡି, କନ୍ଧମାଳ, ରାୟଗଡା, କୋରାପୁଟ, ନବରଙ୍ଗପୁର ଓ ମୟୂରଭଞ୍ଜ ଜିଲ୍ଲାମାନଙ୍କରେ ଅଧିକାଂଶ ମେଲେରିଆ ରୋଗୀ ଚିହ୍ନଟ ହୋଇଥିବା ଅନୁଧ୍ୟାନରୁ ଜଣାଯାଇଛି । ରାଜ୍ୟ ସରକାର ସର୍ବାଧିକ ରୋଗୀଥିବା ମାଲକାନଗିରି ଜିଲ୍ଲା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହି ରୋଗର ନିରାକରଣ କରିବାକୁ ଉଦ୍ୟମ ଆରମ୍ଭ କରିଥିବା ଏକ ଶୁଭ ସୂଚନା । ମାତ୍ର ମେଲେରିଆ ବ୍ୟାପୁଥିବା ଜିଲ୍ଲାମାନଙ୍କରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧିକ ସତର୍କ ଦୃଷ୍ଟି ଦେବା ଉଚିତ । ଅନେକ ସ୍ଥାନରେ କୀଟନାଶକ ମଶାରୀ ଯୋଗାଇ ଲୋକମାନଙ୍କୁ ଏଥିପ୍ରତି ସତର୍କ କରାଇବା ପରେ ମଧ୍ୟ ଏହି ରୋଗର ନିରାକରଣ ସମ୍ଭବତଃ ଠିକ୍ ଭାବେ କରାଯାଇ ପାରୁ ନାହିଁ । ସବୁଠାରୁ ବଡ଼ କଥା ହେଉଛି ସଚେତନତା ସୃଷ୍ଟି । ଜନସାଧାରଣଙ୍କୁ ବିଭିନ୍ନ ଗଣମାଧ୍ୟମରେ ଏ ବିଷୟରେ ସଚେତନ କରାଯାଇ ପାରିଲେ ଏହି ରୋଗର ନିରାକରଣ କରାଯାଇ ପାରନ୍ତା ।

ଭାରତରେ ଓଡ଼ିଶାରେ ସର୍ବାଧିକ ମେଲେରିଆ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲେ ମଧ୍ୟ ଝାଡଖଣ୍ଡ, ଛତିଶଗଡ଼, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଓ ମିଜୋରାମ ପ୍ରଭୃତି ରାଜ୍ୟରେ ମେଲେରିଆ ରୋଗ ବ୍ୟାପି ସାଧାରଣ ଜୀବନଯାତ୍ରାକୁ ଅସ୍ତବ୍ୟସ୍ତ କରି ପକାଇଛି । ଏଥିରୁ ନିସ୍ତାର ପାଇବା ପାଇଁ ରାଜ୍ୟ ସରକାର ବେଳହୁଁ ଏଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡିବ ।

**ଆପଣମାନେ ଯଦି ସମଗ୍ର ପୃଥିବୀର ସାହିତ୍ୟ ଅଧ୍ୟୟନ କରିବାକୁ ଚାହାଁନ୍ତି ତାହାହେଲେ ତହିଁରେ ଜଗତର କେହି ବାଧା ଦେଇପାରିବେ ନାହିଁ । କିନ୍ତୁ ଇଂରାଜୀ ସାହିତ୍ୟ ଅଧ୍ୟୟନ କରିବାରେ କମ୍ ସମୟ ଖର୍ଚ୍ଚ କରିବାକୁ ଆପଣମାନଙ୍କୁ ମୋର ଅନୁରୋଧ କରିବାର କାରଣ ଏହି ଯେ ଆପଣମାନେ ନିଜ ମାତୃଭାଷା ଅଧ୍ୟୟନ କଲେ ଅଧିକ ସ୍ୱାଭାବିକ ରୀତିରେ ସେହି ଉପକାର ପାଇପାରିବେ ।**

**(ମହାତ୍ମା ଗାନ୍ଧି)**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ମନେପଡନ୍ତି କର୍ମବୀର ବସନ୍ତ କୁମାର ବିଶ୍ୱାଳ



**ହିମାଂଶୁ ଶେଖର ଆଚାର୍ଯ୍ୟ**

ସମୟ ଓ ଜୁଆର କାହାକୁ ଅପେକ୍ଷା କରେ ନାହିଁ । ବିସ୍ମୃତିର ପାଣିକନା ସମୟ ସ୍ଲେଟରୁ ଅନେକ ଲେଖା ପୋଛି ଦେଲେ ବି ଏମିତି କିଛି ଲେଖା ରହିଯାଏ ଯାହା ପୋଛି ହୁଏନା । ତାହା ସ୍ମୃତି ହୋଇ ରହିଯାଏ । ଏଭଳି ଏକ ଦୁଃଖଦ ସ୍ମୃତି ହେଉଛି ଓଡ଼ିଶାର ଅନ୍ୟତମ ବରପୁତ୍ର, କିମ୍ବଦନ୍ତୀ ପୁରୁଷ ତଥା କର୍ମବୀର ବସନ୍ତ କୁମାର ବିଶ୍ୱାଳଙ୍କ ମହାପ୍ରୟାଣ । ତାଙ୍କର ୬୭ ବର୍ଷର କର୍ମମୟ ଜୀବନର ଅବସାନ ଘଟିଲା ୨୦୦୩ ମସିହା ସେପ୍ଟେମ୍ବର ୭ ତାରିଖରେ । ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଓ ସାଲିସ୍ ବିହୀନ ଜନନେତା ଭାବେ ସେ ଯେତିକି ପରିଚିତ ଥିଲେ, ଜଣେ ଦକ୍ଷସଂଗଠକ ଏବଂ ସାହିତ୍ୟ ଓ ସଂସ୍କୃତିର ମୁଖ୍ୟ ପୃଷ୍ଠପୋଷକ ଭାବେ ସେତିକି ବିଦିତ ଥିଲେ । ଏପରିକି ତାଙ୍କ ଦକ୍ଷତା, କାର୍ଯ୍ୟକୁଶଳତା ଓ ରାଜ୍ୟ ସରକାରରେ ତାଙ୍କର ଅଖଣ୍ଡ ପ୍ରଭାବ ଯୋଗୁଁ ସେତେବେଳେ ତାଙ୍କୁ ସମସ୍ତେ ମାନି ଆସୁଥିଲେ । ବସନ୍ତ ବିଶ୍ୱାଳ ଆଜି ଆମ ଗହଣରେ ନାହାଁନ୍ତି ସତ, ହେଲେ ଓଡ଼ିଶାର ପ୍ରତିଟି କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସେ ସଦା ସ୍ମରଣୀୟ ହୋଇ ରହିବେ ।

ଅନନ୍ୟ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବସନ୍ତ ବିଶ୍ୱାଳ । ତାଙ୍କୁ କେବଳ ରାଜନୀତିକ ଦୃଷ୍ଟିଭଙ୍ଗୀରେ ଦେଖିଲେ ଚଳିବ ନାହିଁ । ତାଙ୍କୁ ସ୍ମରଣ କଲେ ଓଡ଼ିଶା ରାଜନୀତି, ସାହିତ୍ୟ ଓ ସଂସ୍କୃତିର ବହୁ ଘଟଣାବହୁଳ ଚିତ୍ର ସ୍ମୃତିପଟରେ ଉଙ୍କିମାରେ । ନିଜର ଅସାଧାରଣ ବ୍ୟକ୍ତିତ୍ୱ ଓ ପରାକାଷ୍ଠା ଯୋଗୁଁ ତାଙ୍କ ମନ୍ତ୍ରୀତ୍ୱ କାଳ ଓଡ଼ିଶା ପାଇଁ ଏକ ସୁବର୍ଣ୍ଣ ଯୁଗଥିଲା କହିଲେ ଭୁଲ୍ ହେବନାହିଁ । ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ସ୍ୱକୀୟତା, ସାହସ ଓ ନିର୍ଭୀକତା ପରିସ୍ଫୁଟ ହୋଇଥିଲା । ଏକାଧାରରେ ସେ ଥିଲେ ଜଣେ ରାଷ୍ଟ୍ରନୀତିଜ୍ଞ, ସୁସଂଗଠକ, ଦୀନଦୁଃଖୀ ଦରିଦ୍ରଙ୍କ ଦରଦୀ ନେତା, ସାହିତ୍ୟ ଓ ସଂସ୍କୃତି ପ୍ରସାର-ପ୍ରଚାରର ମୁଖ୍ୟ ପୁରୋଧା ସର୍ବୋପରି ଶିଳ୍ପ ବିକାଶର ଅନନ୍ୟ ବିନ୍ଧାଣୀ । ଲଢିବା ଥିଲା ତାଙ୍କ ରକ୍ତରେ । ଥରେ ସେ ଯେଉଁ କାମରେ ହାତ ଦେଉଥିଲେ ତାହାକୁ ପୂରଣ କରିବା ପର୍ଯ୍ୟନ୍ତ ନିଷ୍ଠାପର ଉଦ୍ୟମ ଜାରି ରଖୁଥିଲେ । ଏହାହିଁ ଥିଲା ତାଙ୍କର ବିଶେଷତ୍ୱ ।

ବସନ୍ତ ବିଶ୍ୱାଳଙ୍କର ରାଜନୈତିକ ଜୀବନ ବେଶ୍ ଚଳଚଞ୍ଚଳ ଥିଲା । ୧୯୭୭ ମସିହାରୁ ୨୦୦୩ ମସିହା ପର୍ଯ୍ୟନ୍ତ ପ୍ରାୟ ତିନିଦଶନ୍ଧି ଧରି ସେ ଓଡ଼ିଶାର ରାଜନୀତିକୁ ପ୍ରଭାବିତ କରିଥିଲେ । ୧୯୭୭ ମସିହାରୁ ୧୯୮୮ ମସିହା ପର୍ଯ୍ୟନ୍ତ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କୋଷାଧ୍ୟକ୍ଷ ଥିଲେ ସେ । ୧୯୮୦, ୧୯୯୦ ଓ ୧୯୯୫ ମସିହାରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରୁ ଓଡ଼ିଶା ବିଧାନସଭାକୁ ତିନି ତିନିଥର ନିର୍ବାଚିତ ହେବାର ସୌଭାଗ୍ୟ ଲାଭ କରିଥିଲେ । ଯେଉଁ ନିର୍ବାଚନ ମଣ୍ଡଳୀରୁ ତାଙ୍କ ପୂର୍ବରୁ ନିଶାମଣି ଖୁଣ୍ଟିଆଙ୍କ ଠାରୁ ଆରମ୍ଭ କରି ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ପରି ବିଶିଷ୍ଟ ଜନନାୟକମାନେ ପ୍ରତିନିଧିତ୍ୱ କରିଥିଲେ । ୧୯୮୦ରୁ ୧୯୮୫ ଓ ପରେ ୧୯୯୫ରୁ ୨୦୦୦ମସିହାରେ ବିଭିନ୍ନ ପର୍ଯ୍ୟାୟରେ ଓଡ଼ିଶା ସରକାରଙ୍କର ଗୃହ, ନଗର ଉନ୍ନୟନ, ଅର୍ଥ, ଜଳସମ୍ପଦ, ଯୋଜନା ଓ ସମନ୍ୱୟ, ସଂସଦୀୟ ବ୍ୟାପାର, ସମବାୟ ଓ କୃଷି ମନ୍ତ୍ରୀ ଭାବେ କାର୍ଯ୍ୟକରି ସେ ତାଙ୍କର ଦକ୍ଷତା ପ୍ରମାଣିତ କରି ପାରିଥିଲେ । ଉଲ୍ଲେଖ୍ୟଯୋଗ୍ୟ ଯେ, ୧୯୯୫ରୁ ୧୯୯୯ ମସିହା ପର୍ଯ୍ୟନ୍ତ ସେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଥିଲେ । ପ୍ରଶାସନକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ୧୩ଟି ଜିଲ୍ଲାକୁ ୩୦ଟି ଜିଲ୍ଲାରେ ପରିଣତ କରିଥିବା ବେଳେ ବସନ୍ତ କୁମାର ବିଶ୍ୱାଳ ଏହି ନବଗଠିତ ଜିଲ୍ଲାକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଥିଲେ । କଟକ ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ରିଙ୍ଗ୍ ବନ୍ଧ ନିର୍ମାଣରେ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଆଜି ମଧ୍ୟ ପ୍ରଶଂସନୀୟ । ବିଶେଷ କରି ଏହା ହେଉଛି କଟକ ବାସୀଙ୍କ ପ୍ରତି ବସନ୍ତ ବିଶ୍ୱାଳଙ୍କ ସର୍ବଶ୍ରେଷ୍ଠ ଅବଦାନ । ଏଥି ସହିତ କଟକ, ଭୁବନେଶ୍ୱର ଓ ରାଉରକେଲା ଆଦି ସହରର ଭିତ୍ତିଭୂମିର ବିକାଶ ସହ ଏହାର ଶ୍ରୀବୃଦ୍ଧି ସାଧନ ପାଇଁ ତାଙ୍କର ସମୟୋଚିତ ପଦକ୍ଷେପ ଏବେବି ଉଦାହରଣୀୟ ହୋଇ ରହିଛି ।



**କଟକରେ ନିର୍ମିତ ସାରଳା ଭବନ ତାହାର ଜ୍ୱଳନ୍ତ ଉଦାହରଣ । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଫଳତା ସାର୍ଥକ ଜନମତ ଉପରେ ନିର୍ଭର କରେ ବୋଲି ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ଜନମତକୁ ପ୍ରତିଫଳିତ କରିବା ପାଇଁ ସେ ପ୍ରତିଷ୍ଠା କରିଥିଲେ ପ୍ରଥମ ରଙ୍ଗୀନ ଦୈନିକ ସମ୍ବାଦ ପତ୍ର 'ସମୟ' ଯାହା ଆଜି ସମ୍ବାଦପତ୍ର ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।**

ତାଙ୍କ ମନ୍ତ୍ରୀତ୍ୱ ସମୟରେ ଓଡ଼ିଶା ଯେପରି ପ୍ରଗତି ପଥରେ ଆଗେଇ ପାରିବ ସେଥିପାଇଁ ସେ ସଦା ସଜାଗ ଥିଲେ ଏବଂ ଓଡ଼ିଶାର ସାମଗ୍ରିକ ବିକାଶରେ ତାଙ୍କର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ଥିଲା । ଆଧୁନିକ ଓଡ଼ିଶାର ମର୍କତ କେଶରୀ ଭାବେ ଇତିହାସରେ ତାଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

ସେହିପରି ଓଡ଼ିଶାର ସାମଗ୍ରିକ ବିକାଶ କଥା ଚିନ୍ତା କରୁଥିବା ବେଳେ ନିଜ ନିର୍ବାଚନ ମଣ୍ଡଳୀ ତିର୍ତ୍ତୋଲ ଓ ଜଗତସିଂହପୁର ଜିଲ୍ଲାକୁ କିପରି ଆଗୁଆ କରାଯାଇପାରିବ ସେଥିପାଇଁ ସେ ସଦା ଚେଷ୍ଟିତ ଥିଲେ । ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ଗାଁ ଗଣ୍ଡା ଓ ଗଳିକନ୍ଦିର ମାଟି କାଦୁଅ ରାସ୍ତାକୁ ପିଚୁ ରାସ୍ତାରେ ପରିଣତ କରି ସେ ଗମନାଗମନକୁ ସୁଗମ ଓ ସହଜ କରିଥିଲେ । ଖାଲି ସେତିକି ନୁହେଁ, ନଦୀ ନାଳ ଘେରା ବିଚ୍ଛିନ୍ନ ଗ୍ରାମଗୁଡିକୁ ସଂଯୋଗୀକରଣ ପାଇଁ ସେ ବିଭିନ୍ନ ସ୍ଥାନରେ ପୋଲ ନିର୍ମାଣ କରି ବିକାଶର ବାଟ ଫିଟାଇଥିଲେ । ଏଥି ସହିତ ତିର୍ତ୍ତୋଲରେ ସୂତା ମିଲ୍ ଓ ରାହାମାରେ ଲୁଗାବୁଣା ମିଲ୍ ପ୍ରତିଷ୍ଠା କରି ବେକାର ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ସହ ଜିଲ୍ଲାରେ ଶିଳ୍ପ ବିକାଶର ମୂଳଦୁଆ ପକାଇଥିଲେ । ଏଥିସହିତ ଶିକ୍ଷାର ବିସ୍ତାର ପାଇଁ ତିର୍ତ୍ତୋଲର ଆଦିକବି ସାରଳା ଦାସ ମହାବିଦ୍ୟାଳୟ ଓ ରାହାମାର ସାରଳା ମହାବିଦ୍ୟାଳୟର ବିକାଶରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଥିଲା । ସେହିପରି ନବଗଠିତ ଜଗତସିଂହପୁର ଜିଲ୍ଲାର ପ୍ରଗତିର ସେ ହିଁ ମୁଖ୍ୟ ନାୟକ ଥିଲେ । ଜଗତସିଂହପୁରର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ପ୍ରସାରଣ, ଆବାସିକ କାର୍ଯ୍ୟାଳୟ ନିର୍ମାଣ, ସର୍କିଟ ହାଉସର ପ୍ରତିଷ୍ଠା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ନୂତନ ଗୃହ ନିର୍ମାଣ ତାଙ୍କ ଦୂରଦୃଷ୍ଟି ସଂପନ୍ନ ଆଭିମୁଖ୍ୟର ପରିଚୟ ଦିଏ । ସେଥିପାଇଁ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ଜନସାଧାରଣ ଓ ଜିଲ୍ଲାବାସୀ ତାଙ୍କ ପାଖରେ ସଦା ଋଣୀ ହୋଇ ରହିବେ ।

ଜଣେ ଦକ୍ଷ ସଂଗଠକ ଭାବେ ବସନ୍ତ କୁମାର ବିଶ୍ୱାଳଙ୍କର ନିଆରା ପରିଚୟ ଥିଲା । ୧୯୭୭ ମସିହାରେ ଓଡ଼ିଶା ପ୍ରଦେଶ କମିଟିର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହେବା ତାଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା । ଏହା ପରେ ସେ ଆଉ ପଛକୁ ଫେରି ଚାହିଁନାହାଁନ୍ତି । ଏହି ପଦବୀରେ ଦୀର୍ଘ ୧୧ବର୍ଷ ଧରି (୧୯୭୭-୧୯୮୮) କାର୍ଯ୍ୟକରି ସେ ନିଜର ଅତୁଳନୀୟ ସାଂଗଠନିକ ଦକ୍ଷତାର ପ୍ରମାଣ ଦେଇଥିଲେ । ଏଥିସହିତ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି, ଓଡ଼ିଶା ରାଜ୍ୟ ସମବାୟ ସଂଘର ସଭାପତି(୧୯୮୬-୧୯୯୦), ରାଷ୍ଟ୍ରଭାଷା ପ୍ରଚାର ସମବାୟ ସମିତି ସଭାପତି, ଓଡ଼ିଶା ଅଲମ୍ପିକ ଓ ହକି ଆସୋସିଏସନ୍‌ର ସଭାପତି, ଭାରତୀୟ କୃଷି ସଙ୍ଘ ଉପସଭାପତି, ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ ଗାଇଡ୍‌ସ ସଭାପତି, ସର୍ବଭାରତୀୟ ଭାରତୀୟ ସ୍କାଉଟସ ଓ ଗାଇଡସ ଉପ-ସଭାପତି,ସାରଳା ସାହିତ୍ୟ ସଂସଦ ସଭାପତି, ଉତ୍କଳ ଗୋମଙ୍ଗଳ ସମିତିର ସଭାପତି ଭାବେ ସେ ବଭିନ୍ନ ସମୟରେ କାର୍ଯ୍ୟକରି ନିଜର କର୍ମପଟୁତା ଓ ଦକ୍ଷତାର ସ୍ୱାକ୍ଷର ଛାଡିଯାଇଛନ୍ତି । ରାଜନୀତି ଓ ସଂଗଠନ ଭିତରେ ଥାଇ ବି ସାହିତ୍ୟ ଓ ସଂସ୍କୃତିର ସୁରକ୍ଷାରେ ବ୍ରତୀ ଥିଲେ ବସନ୍ତ କୁମାର ବିଶ୍ୱାଳ । ଏ ମାଟିର ମହାକବି ସାରଳା ଦାସଙ୍କ ସ୍ମୃତିରକ୍ଷା ଓ ସାରଳା ସାହିତ୍ୟର ପ୍ରସାର ପ୍ରଚାର ପାଇଁ ସେ ନିରବଚ୍ଛିନ୍ନ ଭାବେ ପ୍ରୟାସ କରିଥିଲେ । କଟକରେ ନିର୍ମିତ ସାରଳା ଭବନ ତାହାର ଜ୍ୱଳନ୍ତ ଉଦାହରଣ । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଫଳତା ସାର୍ଥକ ଜନମତ ଉପରେ ନିର୍ଭର କରେ ବୋଲି ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ଜନମତକୁ ପ୍ରତିଫଳିତ କରିବା ପାଇଁ ସେ ପ୍ରତିଷ୍ଠା କରିଥିଲେ ପ୍ରଥମ ରଙ୍ଗୀନ ଦୈନିକ ସମ୍ବାଦ ପତ୍ର 'ସମୟ' ଯାହା ଆଜି ସମ୍ବାଦପତ୍ର ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।

୧୯୩୬ ମସିହା ଜୁଲାଇ ୨୩ ତାରିଖରୁ ୨୦୦୩ ମସିହା ସେପ୍ଟେମ୍ବର ୭ ତାରିଖ- ଏହାହିଁ ଥିଲା ଦୀର୍ଘ ୬୭ ବର୍ଷର ଜୀବନଯାତ୍ରା । ବସନ୍ତ ବଶ୍ୱାଳ ଆଉ ନାହାଁନ୍ତି ସତ, କିନ୍ତୁ ତାଙ୍କ କୀର୍ତ୍ତି ରହିଯାଇଛି । ଏ ଦୁନିଆରେ ଧନ ଓ ଜୀବନ ଅପେକ୍ଷା ଯଶ ହିଁ ଅଧିକ ମୂଲ୍ୟବାନ । ତେଣୁ ତାଙ୍କ ବ୍ୟକ୍ତିତ୍ୱ ଏବଂ ଆଦର୍ଶରେ ଏ ଦେଶ, ଜାତି. ରାଜନେତା ଓ ବ୍ୟକ୍ତିବିଶେଷ ଅନୁପ୍ରାଣିତ ହେଲେ ତାହା ହିଁ ହେବ ଏହି ସୁଯୋଗ୍ୟ କର୍ମବୀରଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

**ସଭାପତି, ସାରସ୍ୱତ ପରିଷଦ**
**ଜଗତସିଂହପୁର**
**ମୋ- ୯୩୩୭୨୨୧୯୨୪**


# ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ଜଣେ ଅନନ୍ୟ ବ୍ୟକ୍ତିତ୍ୱ-୨



**ଡଃ ମମତାରାଣୀ ନାୟକ**

ସେତେବେଳେ ସ୍ୱାଧୀନ ଓଡ଼ିଶାରେ ହରେକୃଷ୍ଣ ମହତାବ ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ୧୯୪୬ -୧୯୫୦ରେ ରାଜ୍ୟ ପ୍ରଧାନମନ୍ତ୍ରୀ ଓ ତାପରେ ଶାସନର ଭାର ନେଇଥିଲେ । ତାଙ୍କ ପରେ ନବକୃଷ୍ଣ ଚୌଧୁରୀ ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଭାବେ ୧୯୫୦-୧୯୫୬ ପର୍ଯ୍ୟନ୍ତ କାର୍ଯ୍ୟରତ ଥିଲେ । ସେ ସମୟରେ ଜମିଦାରୀ ପ୍ରଥା ଓ ଜାତି ପ୍ରଥା ସମାଜରେ ମଣିଷତ୍ୱକୁ ବାନ୍ଧି ରଖିଥିଲା । ତତ୍ ସହିତ କ୍ଷୀଣ ହୋଇ ଆସୁଥିବା ଓଡ଼ିଆ ଭାଷାର ଅସ୍ତିତ୍ୱକୁ ସୁଦୃଢ କରିବା ପାଇଁ ଓଡ଼ିଶା ବିଧାନସଭାରେ ଓଡ଼ିଆକୁ ସରକାରୀ ଭାଷା କରାଇବାକୁ ଆଇନ ପ୍ରଣୟନ କରାଇଥିଲେ । ସେହିପରି ଜମିଦାରୀ ପ୍ରଥାକୁ ନ୍ୟାୟ ପୂର୍ବକ ସେ ଉଚ୍ଛେଦ କରିଥିଲେ । ପ୍ରତି ରାଜ୍ୟରେ ନିଜ ଅଞ୍ଚଳର ଭାଷା ଓ ସଂସ୍କୃତିକୁ ସକ୍ରିୟ କରିବା ପାଇଁ ଜାତୀୟ ସ୍ତରରେ ଅନେକ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଆଗ ଧାଡିର ନେତୃତ୍ୱ ନେଲେ । ସେମାନଙ୍କ ମଧ୍ୟରୁ ବିନୋବା ଭାବେ, ରମାଦେବୀ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ଗୋପବନ୍ଧୁ ଚୌଧୁରୀ, ମାଳତୀ ଚୌଧୁରୀ ଇତ୍ୟାଦିଙ୍କ ନାମ ସ୍ୱର୍ଣ୍ଣ ଅକ୍ଷରରେ ଆଜି ମଧ୍ୟ ଆମ ଦେଶ, ରାଜ୍ୟ ଓ ଜାତିକୁ ପ୍ରେରଣା ଦେଇ ଆସୁଛି । ସ୍ୱାଧୀନତା ସମୟରେ ଦେଶର ବିଭାଜନ ଭାରତ ଓ ପାକିସ୍ତାନ ମଧ୍ୟରେ କେବଳ ଭୌଗଳିକ ବିଭାଜନ ନ ଥିଲା । ହଜାର ହଜାର ପରିବାର ସାମାଜିକ ଓ ମାନସିକ ସ୍ତରରେ ଭାଙ୍ଗି ପଡିଥିଲେ । ଅତ୍ୟାଚାର, ଲୁଣ୍ଠନ ଓ ଅମାନୁଷିକତାର ଚରମ ସୀମା ଲଙ୍ଘି ଥିଲା । ସ୍ୱାଧୀନତାର ଉନ୍ମୁକ୍ତ ଆକାଶକୁ ଆଖି ଖୋଲି ଦେଖିଲେ, ଅନାୟାସରେ ଆଖିର ଲୁହ ଝରି ପଡୁଥିଲା । ସେତେବେଳେ ସ୍ୱାଧୀନ ଭାରତର ଅର୍ନ୍ତବେଦନା ଓ ନୈତିକତା ବିହୀନ ସାମାଜିକ ସମସ୍ୟାଗୁଡିକରୁ ମନୁଷ୍ୟତାକୁ ବଞ୍ଚେଇ ରଖିବାର ପ୍ରୟାସ ଜରୁରୀ ଥିଲା ।

ସେ ସମୟରେ ଓଡ଼ିଶାରେ ନବକୃଷ୍ଣ ଚୌଧୁରୀଙ୍କ ପତ୍ନୀ ମାଳତୀ ଚୌଧୁରୀ ଅନଗୁଳଠାରେ ବାଜି ରାଉତ ନାମରେ ଏକ ଛାତ୍ରାବାସ ସ୍ଥାପନ କରିଥିଲେ, ଯେଉଁଥିରେ ସ୍ୱାଧୀନତା ସଂଗ୍ରାମୀଙ୍କ ସନ୍ତାନମାନଙ୍କୁ ବିନା ମୂଲ୍ୟରେ ଶିକ୍ଷା ପ୍ରଦାନ କରା ଯାଉଥିଲା । ଧୀରେ ଧୀରେ ଆଖ ପାଖ ଅଞ୍ଚଳର ଲୋକଙ୍କ ଅନୁରୋଧ କ୍ରମେ, ସେହି ଛାତ୍ରାବାସରେ ଅନୁସୂଚିତ ଜାତି, ଜନଜାତି ଓ ଅନ୍ୟ ପଛୁଆ ବର୍ଗଙ୍କ ସନ୍ତାନମାନଙ୍କୁ ମଧ୍ୟ ଅବସ୍ଥାପିତ କରି ଶିକ୍ଷାଦାନ କରାଗଲା । ବାଜି ରାଉତ ନାମରେ ଛାତ୍ରାବାସର ଅନେକ ମହତ୍ତ୍ୱ ଥିଲା । ସ୍ୱାଧୀନତା ସଂଗ୍ରାମର ନିଆଁରେ ଅନେକ ପୁରୁଷ, ନାରୀ, ଆଦିବାସୀ ଓ ଶିଶୁମାନଙ୍କ ଆତ୍ମବଳି ଭାରତକୁ ଆହୁରି ସଶକ୍ତ କରିଛି । ସେହି ବୀର ପୁରୁଷମାନଙ୍କ ମଧ୍ୟରୁ ବାଜି ରାଉତ, ବାର ବର୍ଷର ଶିଶୁ ସହିଦର ନାମରେ ନାମିତ ବାଜି ରାଉତ ଛାତ୍ରାବାସରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ସନ ୧୯୬୧ରୁ ୧୯୬୩ ପର୍ଯ୍ୟନ୍ତ ଶିକ୍ଷା ଆହରଣ ସହିତ ଶିକ୍ଷାର ମୂଲ୍ୟବୋଧକୁ ନ୍ୟାୟିକ ସ୍ତରରେ ଅନୁଭବ କରି ପାରିଥିଲେ । ସେଥିପାଇଁ ତିନି ବର୍ଷର ଶିକ୍ଷା ଓ ଦକ୍ଷତାର ପ୍ରଶିକ୍ଷଣ ପରେ ନିଜ ଅଞ୍ଚଳକୁ ଫେରି ସନ ୧୯୬୪ ରେ ପ୍ରଥମେ ସେହି ୨୭ ଜଣ ଶିଶୁ ଶ୍ରମିକଙ୍କୁ ନେଇ ଏକ ଅସ୍ଥାୟୀ ସ୍କୁଲ ପ୍ରତିଷ୍ଠା କଲେ । ସମ୍ପର୍କୀୟ ମାମୁ ପୁଅ ଭାଇର ଘର ବରଣ୍ଡାରେ ସେହି ୨୭ ଜଣ ଶିଶୁଙ୍କୁ ନେଇ ଆରମ୍ଭ ତାଙ୍କ ନିଜସ୍ୱ ଶିକ୍ଷା ଅନୁଷ୍ଠାନ । ସେମାନଙ୍କ ସହିତ ଯେଉଁ ବୟସ୍କ ଶ୍ରମିକମାନେ ପାଠ ପଢିବା ଜାଣି ନ ଥିଲେ, ସେମାନଙ୍କୁ ମଧ୍ୟ ଅକ୍ଷର ପଢି ଶିଖାଇବା ଏକ ଦୈନିକ କାର୍ଯ୍ୟକ୍ରମର ଅଂଶ ଥିଲା । ଦିନ ବେଳେ କୋଇଲା ଖଣିରେ କାର୍ଯ୍ୟରତ ଶିଶୁ ଓ ବୟସ୍କ ଶ୍ରମିକମାନଙ୍କୁ ଏକତ୍ର କରି ସନ୍ଧ୍ୟା ହେଲେ, ଡିବିରିର ମିଞ୍ଜି ମିଞ୍ଜି ଆଲୋକରେ ଶିକ୍ଷାର ମୂଲ୍ୟବୋଧକୁ ବୁଝାଇ ଅନ୍ୟମାନଙ୍କ ଜୀବନକୁ ଆଲୋକିତ କରିବା କୌଣସି ମାହାତ୍ମ୍ୟଙ୍କ ଜୀବନୀଠାରୁ କମ ନ ଥିଲା । ଗାନ୍ଧିଙ୍କ ଜୀବନର ମୂଲ୍ୟବୋଧକୁ ନିଜ ଜୀବନର ନୀତି ବାଣୀ କରି ସ୍ୱାଧୀନତାର ସ୍ୱାଧୀନ ପତାକା ଧରି ଆଗକୁ ବଢିଥିଲେ ।



**ଆଜି ବି ସେ କହନ୍ତି , ପ୍ରତ୍ୟେକ ମଣିଷର ମୌଳିକ ଆବଶ୍ୟକତା ପୂରଣ ନ ହେବା ଯାଏ ଏ ଆତ୍ମା ବିଚଳିତ ହେଉଥିବ ଓ ସମାଜରେ ସେମାନଙ୍କୁ ଉଚିତ ସ୍ଥାନ ଦେବା ପାଇଁ ମୁଁ ସଂଘର୍ଷକୁ ଜାରି ରଖିଥିବି ।**

ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ମନେ ପକାଉଥିଲେ ସେଦିନର କଥା, ପୂର୍ବତନ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇଙ୍କ ଜୀବନ ତତ୍ତ୍ୱରେ ମହାତ୍ମା ଗାନ୍ଧିଙ୍କ ସହିତ କିଛି ମନୋହର ମୁହୂର୍ତ୍ତ ସ୍ୱାଧୀନ ଭାରତର ସବୁଜିମା ଭୂମିରେ ଦିନେ ଗାନ୍ଧି, ନିଜର ସହଯୋଗୀ ମୋରାରଜୀ ଦେଶାଇ ଓ ଜୟ ପ୍ରକାଶ ନାରାୟଣଙ୍କୁ କହିଥିଲେ, ମୋ ଜୀବନ ତ ସ୍ୱାଧୀନତା ଓ ସ୍ୱାଧୀନ ଭାରତର ସ୍ୱପ୍ନ ଦେଖି ଓ ବ୍ରିଟିଶମାନଙ୍କ ସହିତ ଲଢେଇ କରି ଶେଷ ହେବାକୁ ଅଛି । କିନ୍ତୁ ସ୍ୱାଧୀନତା ପରେ ମଧ୍ୟ ଅନେକ କାମ ବାକି ରହିଯିବ, ଯାହା ପ୍ରତ୍ୟେକ ନାଗରିକ ପାଇଁ ନିତାନ୍ତ ଆବଶ୍ୟକ । ଜଣେ ନାଗରିକ ଓ ମଣିଷକୁ ଅତି କମରେ ପାଞ୍ଚଟି ମୌଳିକ ପଦାର୍ଥର ଆବଶ୍ୟକତା ଅଛି । ଯଥା- ଖାଦ୍ୟ, ବସ୍ତ୍ର, ଘର, ଶିକ୍ଷା ଓ ସ୍ୱାସ୍ଥ୍ୟ । ଆଜିର ସ୍ୱାଧୀନ ଭାରତରେ ପ୍ରତ୍ୟେକ ମନୁଷ୍ୟ ପାଇଁ , ଏହି ପାଞ୍ଚଟି ମୌଳିକ ପଦାର୍ଥର ଅଭାବ ପୂରଣ ହେବା ନିତାନ୍ତ ଜରୁରୀ । ଦେଶରେ ଶାନ୍ତି ସ୍ଥାପନା ଓ ଉନ୍ନତି ପଥରେ ନେଇ ଯିବାର ଭାର ଆପଣମାନଙ୍କୁ ଗ୍ରହଣ କରିବାକୁ ହେବ ।

ଜୀବନର ଏମିତି ଏକ ବାସ୍ତବତା ଭିତରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ସନ ୧୯୬୪ ରେ ଜୟ ପ୍ରକାଶ ନାରାୟଣ ଓ ନାରାୟଣ ଦେଶାଇଙ୍କ ଦ୍ୱାରା ସ୍ଥାପିତ ଏକ ଶାନ୍ତି ସୈନିକ (peace solider) ଦଳରେ ଯୋଗ ଦେଇ ଇନ୍ଦୋର, ମଧ୍ୟ ପ୍ରଦେଶ ରାଜ୍ୟରେ ଛଅ ମାସ ଟ୍ରେନିଂ ନେଇଥିଲେ । ଏହି ଶାନ୍ତି ସୈନିକ ଦଳ, ସର୍ବୋଦୟ ଆନ୍ଦୋଳନର ଏକ ଶାଖା ଭାବେ କାର୍ଯ୍ୟ କରୁଥିଲା, ଯାହା ଏବେ ବି କାର୍ଯ୍ୟରତ ଅଛି । ଏହି ଶାନ୍ତି ସେନାର ମୂଳ ଉଦ୍ଦେଶ୍ୟ, ସମାଜରୁ କୌଣସି ପ୍ରକାର ଶୋଷଣ, ଅନ୍ତଃଗୋଷ୍ଠୀ ବିବାଦ ଓ ଜାତିପ୍ରଥାଜନିତ ଅତ୍ୟାଚାର ବରୋଧରେ ଠିଆ ହୋଇ ପାରସ୍ପରିକ ଆଲୋଚନାପୂର୍ବକ ଶାନ୍ତିପୂର୍ଣ୍ଣ ଭାବରେ ସମସ୍ୟାର ସମାଧାନ କରିବା । ଏହି ଶାନ୍ତି ସେନାରେ ସନ ୧୯୬୦ ସୁଦ୍ଧା ୬୦୦୦ (ଛଅ ହଜାର) ରୁ ଅଧିକ ଲୋକ ଯୋଗଦାନ କରିଥିଲେ । ସେମାନଙ୍କ ମଧ୍ୟରୁ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଜଣେ , ଯିଏ ଜାତିର ପିତା ମହାତ୍ମା ଗାନ୍ଧିଙ୍କ ରାମ ରାଜ୍ୟ ଗଠନ କରିବାରେ ନିଜର ଅବଦାନକୁ ପୂର୍ବାଲୋକନ କରନ୍ତି । ଆଜି ବି ଅନେକ କାମ ବାକି ରହି ଯାଇ ଥିବାର ଚିନ୍ତାଧାରା, ତାଙ୍କ ମନକୁ ଦୁଃଖରେ ଭରି ଦିଏ ।

ସନ ୧୯୬୭ରେ ଆସାମରେ ଉପୁଜିଥିବା ଏକ ହିଂସାତ୍ମକ ଗୋଷ୍ଠୀ ବିବାଦର ସମାଧାନ ପାଇଁ, ମାତା ରମାଦେବୀ, ମାଳତୀ ଚୌଧୁରୀ ଓ ଜୟ ପ୍ରକାଶ ନାରାୟଣଙ୍କ ସହିତ ତୁଳସୀ ମୁଣ୍ଡା ଏହି ଶାନ୍ତି ସେନାର ଏକ ଦଳରେ ଯାଇଥିଲେ । ସେଠାରେ ଏକ ଗାଁରେ କିଛି ବଙ୍ଗାଳୀ (ବାଂଲାଦେଶୀ ) ଏକ ଆଠ ବର୍ଷର ଆସାମ ଅଞ୍ଚଳର ଜଣେ ଶିଶୁକୁ ମାରିଥିବାରୁ ଗୋଷ୍ଠୀ କନ୍ଦଳ ସୃଷ୍ଟି ହୋଇଥିଲା । ଆନୁମାନିକ ବର୍ଷେ ପର୍ଯ୍ୟନ୍ତ ସେଠାରେ ରହି ପାରସ୍ପରିକ ବିବାଦରୁ ଶାନ୍ତି ପ୍ରତିଷ୍ଠା ପରେ ନିଜ ଅଞ୍ଚଳକୁ ଫେରିଥିଲେ । ଏହି ସମୟ ମଧ୍ୟରେ ସେ ଆସାମୀ ଭାଷା ଓ ସଂସ୍କୃତି ବିଷୟରେ ଯଥେଷ୍ଟ ଜ୍ଞାନ ଅର୍ଜନ କରିଥିଲେ । ସେହିପରି ୧୯୭୧-୭୨ ମସିହାରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧର ପରିଣତି, ଅନ୍ତଃ ଗୋଷ୍ଠୀ ବିବାଦ ଚବିଶ ପରଗଣା, ପଶ୍ଚିମ ବଙ୍ଗଳାରେ ସୃଷ୍ଟି ହୋଇଥିଲା । ସେହି କନ୍ଦଳର ସମାଧାନ ପାଇଁ , ଅନ୍ୟ ସାଥୀମାନଙ୍କ ସହିତ ତୁଳସୀ ମୁଣ୍ଡା ଅନେକ ମାସ ସେଠାରେ କ୍ୟାମ୍ପ କରି ରହିଥିଲେ । ତତ୍ ସହିତ ବିନୋବା ଭାବେଙ୍କ ଗାନ୍ଧୀ ନୀତିକୁ ଅନୁସରଣ କରି ଗ୍ରାମଦାନ ଓ ଭୂ-ଦାନ ଆନ୍ଦୋଳନର ପୁରୋଧା ଭାବରେ ଓଡ଼ିଶାର କୋରାପୁଟ ଠାରୁ ଆରମ୍ଭ କରି ଅନଗୁଳ ପର୍ଯ୍ୟନ୍ତ ଅନେକ ଜିଲ୍ଲା ଓ ଗ୍ରାମ ଭ୍ରମଣ କରି ଗ୍ରାମବାସୀଙ୍କ ମନରେ ସଚେତନତା ସୃଷ୍ଟି କରିଥିଲେ । ତାରିଖ ୧୧ ସେପ୍ଟେମ୍ବରରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ଗାଁ ଗାଁ ବୁଲି ଆଜି ମଧ୍ୟ ଗ୍ରାମସଭାର ମୂଲ୍ୟବୋଧକୁ ଲୋକଙ୍କ ମଧ୍ୟରେ ପହଞ୍ଚାଇବାର ଚେଷ୍ଟା ଜାରି ରଖିଛନ୍ତି । ଆଜିର ଦିନରେ ମଧ୍ୟ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଠକ୍କରବାପା ଆଦିମ ଜାତି ସେବକ ସଂଘ , ଦିଲ୍ଲୀର ଉପ-ସଭାପତି ଭାବରେ କାର୍ଯ୍ୟରତ ଅଛନ୍ତି ।

ଆଜି ବି ସେ କହନ୍ତି , ପ୍ରତ୍ୟେକ ମଣିଷର ମୌଳିକ ଆବଶ୍ୟକତା ପୂରଣ ନ ହେବା ଯାଏ ଏ ଆତ୍ମା ବିଚଳିତ ହେଉଥିବ ଓ ସମାଜରେ ସେମାନଙ୍କୁ ଉଚିତ ସ୍ଥାନ ଦେବା ପାଇଁ ମୁଁ ସଂଘର୍ଷକୁ ଜାରି ରଖିଥିବି ।

**ମୋ-୯୫୫୬୬୫୩୯୦୨**
**(ଜଣେ ସୁଲେଖିକା ତଥା ପଦସ୍ଥ ଅଧିକାରୀ)**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବସନ୍ତବାବୁଙ୍କ...

ସଭାନେତ୍ରୀ ଡ଼. ଐଶ୍ୱର୍ଯ୍ୟା ବିଶ୍ୱାଳ, ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସଭାନେତ୍ରୀ ଇପ୍ସିତା ସାହୁ, ଏଆଇଏସ୍ଏଫ୍ ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା ପ୍ରମୁଖ ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ କୀର୍ତ୍ତି, କୃତୀ ଓ କର୍ମମୟ ଜୀବନ ଉପରେ ଉଦ୍‌ବୋଧନ ଦେଇ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଭବିଷ୍ୟତ ପିଢ଼ି ବସନ୍ତ ବାବୁଙ୍କ ବିଷୟରେ ଅଧିକ ଜାଣିବାର ଆବଶ୍ୟକତା ଅଛି ବୋଲି ମତ ରଖି ନିଜ ଉଦ୍ୟମରେ ଅନେକ । ୮୦ ଓ ୯୦ ଦଶକରେ ବସନ୍ତ ବାବୁଙ୍କ ନୂତନ ଓଡ଼ିଶା ନିର୍ମାଣର ପରିକଳ୍ପନା ଓ ଏହାକୁ ପୂର୍ଣ୍ଣାଙ୍ଗ ରୂପ ଦେବା ଉପରେ ଏଆଇଏସ୍ଏଫ ସଦସ୍ୟା ଶ୍ରୀମତୀ ତ୍ରିପାଠୀ ତଥ୍ୟ ଉପସ୍ଥାପନ କରିଥିଲେ । ରାଜ୍ୟ ସରକାରରେ ଉପମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଇ ବିଭିନ୍ନ ବିଭାଗର ମନ୍ତ୍ରୀ ଭାବରେ ବସନ୍ତ ବାବୁ ଏକ କୀର୍ତ୍ତିମାନ ସ୍ଥାପନ କରିଯାଇଛନ୍ତି ଓ ସେହି ବିଚାରଧାରା ନେଇ ଯୁବଶକ୍ତି ଆଗକୁ ବଢ଼ିବା ଉପରେ ସେ ମତ ରଖିଥିଲେ । ଶ୍ରୀମତୀ ତ୍ରିପାଠୀ କହିଥିଲେ ଯେ ଅବିଭକ୍ତ କୋରାପୁଟ ଜିଲ୍ଲା ଯେତେବେଳେ ଭୋକର ଭୂଖଣ୍ଡ ଥିଲା ଓ ବିକାଶ ଧାରାରୁ ବହୁ ପଛରେ ଥିଲା ସେହି ସମୟରେ ନବରଙ୍ଗପୁର ଜିଲ୍ଲାରେ ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ କରି କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାର କୃଷି ମାନଚିତ୍ରକୁ ବଦଳେଇ ଦେଇଥିଲେ । ଅବିଭକ୍ତ କୋରାପୁଟ ଜିଲ୍ଲାକୁ ନାଇଜେରିଆ ଭାବେ ପରିଚିତ କରାଉଥିବା ବେଳେ ବଣ୍ଡା ଆଦିମ ଜନଜାତି ପାଇଁ ବଣ୍ଡା ଜନଜାତି ଉନ୍ନୟନ ପରିଷଦ ଗଠନ କରି ସେହି ବର୍ଗଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାର ମୂଳଦୁଆ ପକାଇଥିଲେ । ନବରଙ୍ଗପୁର ଜିଲ୍ଲାର ସହୀଦ ପାଠକ ଭଳି ତୀର୍ଥ ନାମକରଣ କରି ସରକାରୀ ମାନ୍ୟତା ଦେବା ବସନ୍ତ ବାବୁଙ୍କ ପ୍ରତିବଦ୍ଧତାକୁ ମନେ ପକାଉଛି ବୋଲି ମତ ରଖିଥିଲେ । ୧୨ ମାସରେ ୬ ଋତୁ ମଧ୍ୟରେ ବସନ୍ତ ଋତୁ ଯେପରି ଶ୍ରେଷ୍ଠ, ଠିକ୍ ସେହିପରି ଜଣେ ନିଷ୍ଠାବାନ କର୍ମବୀର ଭାବରେ ବସନ୍ତ ବାବୁ ଶ୍ରେଷ୍ଠ ବୋଲି ଶ୍ରୀମତୀ ତ୍ରିପାଠୀ ଅଭିହିତ କରିଥିଲେ । ବାସ୍ତବରେ ସ୍ୱଚ୍ଛବାଦିତା ରାଜନୀତିରେ ବସନ୍ତ ବାବୁଙ୍କ ପରିଚୟ ଥିଲା ବୋଲି ଗୁରୁତ୍ୱାରୋପ କରିଥିଲେ ।

ଅନ୍ୟତମ ଅତିଥି ବକ୍ତା ସଂଘମିତ୍ରା ଜେନା ବସନ୍ତ ବାବୁଙ୍କ ଅମ୍ଳାନ ଓ ଅମୃତ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ ସେ ତାଙ୍କ ଜୀବଦଶାରେ ଯେଉଁ କର୍ମ କରିଥିଲେ ଆଗାମୀ ଯୁବପିଢ଼ି ଅନୁସରଣ କରିବାର ସମୟ ଆସିଛି ବୋଲି ମତ ରଖିଥିଲେ । ସେ କହିଥିଲେ ଯେ ପ୍ରତିପକ୍ଷ ରାଜନେତାଙ୍କୁ ସ୍ୱର୍ଗତ ବିଶ୍ୱାଳ ଯଥେଷ୍ଟ ସମ୍ମାନ ଦେବାସହ ତାଙ୍କ ଅଞ୍ଚଳର ସମସ୍ୟାକୁ ପ୍ରାଥମିକତା ଦେଉଥିଲେ । କୌଣସି କାମକୁ ଅଡ଼ି ହୋଇ ଯିବା ପୂର୍ବରୁ ସେ ପ୍ରଶାସନରେ ତାହାର ସମସ୍ୟାକୁ ସମାଧାନ ଉପରେ ଗୁରୁତ୍ୱ ଦେଉଥିଲେ । ଏହି ପ୍ରସଙ୍ଗରେ ସେ ବଲାଙ୍ଗିର ଜିଲ୍ଲାର ରାଜେନ୍ଦ୍ର କଲେଜର ଏକ ଘଟଣାକୁ ଅବତାରଣା କରିଥିଲେ । ଅନ୍ୟତମ ବକ୍ତା ଇପ୍ସିତା ସାହୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ ଯେ ଯେଉଁ ବ୍ୟକ୍ତି ନିଜ ସ୍ୱାର୍ଥକୁ ଭୁଲି ଜାତି ଓ ଦେଶ ଉଦ୍ଦେଶ୍ୟରେ ସମର୍ପିତ ମନୋଭାବ ରଖି କାମକରେ ସେ ସେ କୌଣସି ନିର୍ଦ୍ଦିଷ୍ଟ ଦଳର ହେଲେ ମଧ୍ୟ ତାଙ୍କୁ ଦଳମତ ନିର୍ବିଶେଷରେ ବହୁ ଊର୍ଦ୍ଧ୍ୱରେ ବିଚାର କରାଯାଇଥାଏ । ଅନ୍ୟତମ ବକ୍ତା ଡ଼. ଐଶ୍ୱର୍ଯ୍ୟା ବିଶ୍ୱାଳ ନିଜ ଅଭିଭାଷଣରେ ବସନ୍ତ ବାବୁ ନିଜ ଶାସନ କାଳରେ ଓଡ଼ିଶାର ଅପହଞ୍ଚ ଇଲାକାର ଭିତ୍ତିଭୂମି ସଜାଡ଼ିବା ସହ ଜଳସେଚନ, କଟକର ରିଙ୍ଗ ରୋଡ୍ ନିର୍ମାଣ ନେଇ ଯେଉଁ ସବୁ ପଦକ୍ଷେପ ନେଇ ପୂର୍ଣ୍ଣାଙ୍ଗ ରୂପ ଦେଇଥିଲେ ତାହା ଜଣେ ରାଜନେତାଙ୍କ ବିରଳ ବ୍ୟକ୍ତିତ୍ୱର ପରିଚୟ ବୋଲି କହିଥିଲେ । ସମ୍ପାଦିକା ତନୟା ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ ଯେ ବସନ୍ତ ବାବୁଙ୍କ ନିକଟରେ ଦୁଇଟି ଗୁଣ ଥିଲା । ଗୋଟିଏ ଶୃଙ୍ଖଳା ଓ ଅନ୍ୟଟି ସଂଘର୍ଷ ବୋଲି କହିଥିଲେ । ତାଙ୍କ ରାଜନୈତିକ ସମୟ କାଳ ମଧ୍ୟରେ ଉଭୟ ଜାନକୀ-ବସନ୍ତ ଯୋଡ଼ି ଦମଦାର ଥିଲା ବୋଲି କହିଥିଲେ । ସବୁ କାର୍ଯ୍ୟରେ ଦାୟିତ୍ୱ ସହ ଶୃଙ୍ଖଳାକୁ ଗୁରୁତ୍ୱ ଦେଉଥିଲେ ବସନ୍ତ ବାବୁ । ସବୁ ସମୟରେ ସଂଘର୍ଷକୁ ସାଥିରେ ନେଇ ଅଗ୍ରସର ହେଉଥିଲେ । ତାଙ୍କୁ ଅନୁସରଣ କଲେ ଆଗାମୀ ଯୁବପିଢ଼ି ରାଜନୀତି ଓ ସମାଜରେ ଅନେକ କିଛି ସଂସ୍କାର ଆଣିପାରିବ ବୋଲି ମତ ରଖିଥିଲେ । ସେହିପରି ପ୍ରତି ଓଡ଼ିଆ ଯଦି ସମ୍ମାନର ସହ ବଞ୍ଚିପାରିବ ତାହେଲେ ବିକାଶ ଆପେ ଆପେ ସାଥିରେ ଚାଲିବ ବୋଲି କହିଥିଲେ । ସରକାର ପ୍ରାଥମିକ ସ୍କୁଲରେ ଶିକ୍ଷକ ଅଭାବ ପୂରଣ ସହ ଦାଦନ ଧାରାକୁ ରୋକିବା ଉପରେ ଦୃଢ଼ ପଦକ୍ଷେପ ନେବା ଉପରେ ପରାମର୍ଶ ଦେଇଥିଲେ । ଯୁବଶକ୍ତି ପ୍ରତିକ୍ରିୟାହୀନ ନହୋଇ ପ୍ରତିକ୍ରୀୟାଶୀଳ ହେଲେ ଅନେକ ସମସ୍ୟା ସମାଧାନର ବାଟ ଫିଟିବ ବୋଲି କହି ବସନ୍ତ ବାବୁଙ୍କ କାର୍ଯ୍ୟଧାରା ଆମ ଯୁବଶକ୍ତି ମଧ୍ୟରେ ଆନ୍ଦୋଳିତ କରୁ ବୋଲି ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ୬ ଜଣ ପ୍ରତିଭାଧାରୀଙ୍କୁ ସେମାନଙ୍କ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସ୍ମୃତି କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମାଟ୍ରିକ୍ ପରୀକ୍ଷାରେ ଟପ୍ପର ହୋଇଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାରିପଦାର ପାର୍ଥ ସାରିଥୀ ମହନ୍ତ, ଯୁକ୍ତ ଦୁଇ କଳାରେ ଟପ୍ପର ହୋଇଥିବା କଟକ ରେଭେନ୍ସା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଙ୍କିତା ନାୟକ ଓ ଯୁକ୍ତ ଦୁଇ ବିଜ୍ଞାନରେ ଟପ୍ପର ହୋଇଥିବା ଇକୋଆବାସିକ ବିଦ୍ୟାଳୟ ଢେଙ୍କାନାଳର ପାର୍ଥ ସାରଥୀ ଖିଲାର, ଭାସ୍କର୍ଯ୍ୟ ଶିଳ୍ପୀ କଟକର ଲକ୍ଷ୍ମୀଧର ରଣା ଓ ଭାରତ ସ୍କାଉଟ୍ସ ଗାଇଡ୍‌ର ଉପସଭାପତି ଦୁଃଶାସନ ସ୍ୱାଇଁ ଓ କ୍ରୀଡା ସାମ୍ବାଦିକ ଶକ୍ତି ପ୍ରକାଶ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିଭଳି ବିଶିଷ୍ଟ କଣ୍ଠଶିଳ୍ପୀ ସିକନ୍ଦର ଆଲାମଙ୍କୁ ମରୋଣତ୍ତର ଭାବେ ସମ୍ମାନିତ କରାଯାଇଥିଲା । ତାଙ୍କ ତରଫରୁ ତାଙ୍କ ଝିଅ ସୋଫିଆ ଆଲାମ ଏହି ପୁରସ୍କାର ଗ୍ରହଣ କରିଥିଲେ । ଶେଷରେ ମନୋଜ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ସମୟର ପରିଚାଳନା ସମ୍ପାଦକ ରଞ୍ଜୀବ ବିଶ୍ୱାଳ ଓ ନିର୍ଦ୍ଦେଶିକା ଅନିତା ମହାନ୍ତିଙ୍କ ସମେତ ମୁଖ୍ୟ ସମ୍ପାଦକ ଗୁରୁ କଲ୍ୟାଣ ମହାପାତ୍ର, ସମ୍ପାଦକ ପପୁ ମହାନ୍ତି, ବାର୍ତ୍ତା ସମ୍ପାଦକ ଶାରଦା ପ୍ରସନ୍ନ ଦେବତା, ପ୍ରକାଶକ ସତ୍ୟ ନାରାୟଣ ମହାନ୍ତି, ଜେନେରାଲ ମ୍ୟାନେଜର ପ୍ରଦୀପ୍ତ କୁମାର ଲେଙ୍କା, ସମୟ ଲାଇଭର ଜିଏମ ଶୁଭେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଶା...

ମିଳିଥିବାବେଳେ କୃଷି ବିଭାଗର ୩, ଜଳସମ୍ପଦ ବିଭାଗର ୨, ପୂର୍ତ୍ତ ବିଭାଗର ୪, ପଞ୍ଚାୟତିରାଜ ବିଭାଗର ୧, ବିଦ୍ୟାଳୟ, ଗଣଶିକ୍ଷା ବିଭାଗ, ଶକ୍ତି ବିଭାଗ, ସାଧାରଣ ପ୍ରଶାସନ ବିଭାଗର ଗୋଟିଏ ଲେଖାଏଁ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ଏହାଛଡା ବିଧାନସଭାର ମୌସୁମୀ ଅଧିବେଶନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି । କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟ ସଚିବ ଅନୁ ଗର୍ଗ ସୂଚନା ଦେଇ କହିଥିଲେ ଯେ ଓଡ଼ିଶା ଅମଲା ସେବା (ଏମ୍ଏସ୍ଏମ୍ଇ) ନିୟନ୍ତ୍ରଣାଧୀନ ଜିଲ୍ଲା କାର୍ଯ୍ୟାଳୟ ଓ ଏହା ଅଧିନସ୍ଥ କାର୍ଯ୍ୟାଳୟଗୁଡ଼ିକର କନିଷ୍ଠ ସହାୟକ, ବରିଷ୍ଠ ସହାୟକ ଓ ଅନ୍ୟାନ୍ୟ ଅଧିକାରୀଙ୍କ ନିଯୁକ୍ତି ପ୍ରଣାଳୀ ଓ ସେବା ସର୍ତ୍ତାବଳୀ ନିୟମାବଳୀ ପ୍ରଣୟନ କରାଯାଇଛି । ଉକ୍ତ କ୍ୟାଡର ନିୟମାବଳୀ ଅନୁଯାୟୀ ଏହି ବିଭାଗର ୩୧ ଡିଆଇସି ମଧ୍ୟରେ ଜିଲ୍ଲା ଅମଲା କ୍ୟାଡର ସଂଗଠନକୁ ସୁଦୃଢ଼ କରାଯିବ । ସେହିଭଳି ଓଡ଼ିଶା ବେସାମରିକ ସେବା ପେନ୍ସନ୍ ନିୟମାବଳୀ ସଂଶୋଧନ କରାଯାଇଛି । ପେନ୍ସନ୍‌ରେ ଏକବର୍ଷ ପରବର୍ତ୍ତୀ ବିଳମ୍ବ ଅବଧି ପାଇଁ ବକେୟା ରାଶି ଉପରେ ବାର୍ଷିକ ୭% ସୁଧ ହାରରେ ପେନ୍ସନ୍ ପ୍ରଦାନ କରାଯିବ । ସେହିଭଳି ଓଡ଼ିଶା କୃଷି ସେବା କ୍ୟାଡରର ପୁନର୍ଗଠନ ହୋଇଛି । ଓଡ଼ିଶା ମୃର୍ତ୍ତି ସଂରକ୍ଷଣ ସେବା କ୍ୟାଡରକୁ ପୁନର୍ଗଠନ କରାଯାଇଛି । ଓଡ଼ିଶା ଉଦ୍ୟାନ କୃଷି ସେବା କ୍ୟାଡରର ପୁନର୍ଗଠନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଓଡ଼ିଶା ଜଳସେଚିବ ପ୍ରକଳ୍ପଗୁଡ଼ିକରେ ପର୍ଯ୍ୟଟନ ସୁବିଧା ବିକାଶ (ବୋଇତ)କୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଆଗାମୀ ୫ ବର୍ଷରେ ଏହି ଯୋଜନାରେ ୬୫୦ କୋଟି ଟଙ୍କା ବ୍ୟୟ କରାଯିବ । ସୌର ଏବଂ ଅଣସୌର ପମ୍ପ ବ୍ୟବସ୍ଥା ସହ ଗଭୀର ନଳକୂପ ମାଧ୍ୟମରେ ଜଳସେଚନ କ୍ଷମତା ସୃଷ୍ଟି ଲାଗି ୫ ବର୍ଷ ମଧ୍ୟରେ ୭ ଲକ୍ଷ ୫୦ ହଜାର ହେକ୍ଟର ଜମିକୁ ଜଳସେଚିତ କରିବା ପାଇଁ ୮୬୫୩.୦୪ କୋଟି ଟଙ୍କାର ଯୋଜନା ଅନୁମୋଦିତ ହୋଇଛି । ଓଡ଼ିଶା ରାଜ୍ୟ ଯୋଜନା ଅନ୍ତର୍ଭୁକ୍ତ ରାୟଗଡା ଜିଲ୍ଲା, ରାୟଗଡା-କେରଡା ରାସ୍ତାର ପ୍ରଶସ୍ତିକରଣ ଓ ଦୃଢ଼ୀକରଣ ଏହାକୁ ୨ ରୁ ୪ ଲେନ୍ କରିବା ପାଇଁ ପ୍ରସ୍ତାବ ଅନୁମୋଦିତ ହୋଇଛି । ୧୮୬.୧୯ କୋଟି ଟଙ୍କାର ପ୍ରକଳ୍ପ ଅନୁମୋଦନ ହୋଇଛି । ରାୟଗଡା ଜିଲ୍ଲାରେ ୨୯୩୦ ମିଟର ଦୈର୍ଘ୍ୟ ବିଦ୍ୟମାନ ରାସ୍ତାର ସୁଦୃଢ଼ୀକରଣ ସହ ୪୨୦୦ ମିଟର ଦୈର୍ଘ୍ୟ ବିଶିଷ୍ଟ ପ୍ରସ୍ତାବିତ ଆମ୍ବଦୋଳା ବାଇପାସ୍ ରାସ୍ତାକୁ ବାଦ୍ ଦିଆଯାଇ ଭବାନୀପାଟଣା ମୁନିଗଡ ରାସ୍ତାର ପ୍ରଶସ୍ତିକରଣ ନିଷ୍ପତ୍ତି ହୋଇଛି । ଏହାର ଆକଳନ ପ୍ରକଳ୍ପ ମୂଲ୍ୟ ୧୯୬.୧୮ କୋଟି । ମାତ୍ର ଏବେ ୧୩୦ କୋଟି ୬୮ ଲକ୍ଷ କାର୍ଯ୍ୟାଦେଶକୁ ଅନୁମୋଦନ କରାଯାଇଛି ।

ସେହିଭଳି ରାୟଗଡା ଓ ଏହାର ପଡ଼ୋଶୀ ଜିଲ୍ଲା ନିମନ୍ତେ ରାସ୍ତା ପ୍ରଶସ୍ତିକରଣ ଓ ଦୃଢ଼ୀକରଣ କାର୍ଯ୍ୟ ଅନୁମୋଦିତ ହୋଇଛି । ୧୪୭.୧୦ କୋଟି ଟଙ୍କାର କାର୍ଯ୍ୟକୁ ଅନୁମୋଦନ କରାଯାଇଛି । ବକ୍ସି ଜଗବନ୍ଧୁ ଗ୍ରାମ୍ୟ ବସତିଗୁଡ଼ିକୁ ଶୂନିଶିତ ପାନୀୟ ଜଳ ଯୋଗାଣ (ବସୁଧା) ପାଇଁ ୫୦୪୫ କୋଟି ଟଙ୍କାର ପାଣ୍ଠିକୁ ମଞ୍ଜୁରୀ ମିଳିଛି । ୨୦୨୬-୨୭ରୁ ୨୦୨୮-୨୯ ପର୍ଯ୍ୟନ୍ତ ଏହି ଯୋଜନା ଚାଲିବ । ପଞ୍ଚ ଶିକ୍ଷା ସେତୁ ଯୋଜନା ବାବଦରେ ୫ ବର୍ଷର ଅବଧି ପାଇଁ ୩୧୨.୯୬ କୋଟି ଟଙ୍କା ଅନୁମୋଦନ କରାଯାଇଛି । ଶ୍ରୀ ଜଗନ୍ନାଥ ମନ୍ଦିର ଜମି ବ୍ୟବସ୍ଥାପନାକୁ ଅଧିକ ସ୍ୱଚ୍ଛ, ସୁବ୍ୟବସ୍ଥିତ ଡିଜିଟାଲ ପ୍ରଣାଳୀ ଅଭିମୁଖୀ କରାଯାଇଛି । ଓଡ଼ିଶା ବିଦ୍ୟୁତ୍ ସଂଚାରଣର ଭିତ୍ତିଭୂମି ସୁଦୃଢ଼ୀକରଣ ଲାଗି ୧୫୯୪୮.୭୦ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ ନିୟମାବଳୀ ୨୦୨୫ର ସଂଶୋଧନ କରାଯାଇଛି ।

## ଡିଜିପି...

ଗଣମାଧ୍ୟମରୁ ଜାଣିବାକୁ ପାରିଥିଲେ । ତାଙ୍କ ନାମକୁ ଅଟକାଇ ଅନ୍ୟମାନଙ୍କ ନାମ ଆଗକୁ ନିଆଯାଇଥିଲା ବେଳେ ତାଙ୍କ ଦୀର୍ଘ ୩୨ ବର୍ଷର କ୍ୟାରିୟର ସଫଳ ସେବା ରେକର୍ଡ ଓ ରାଷ୍ଟ୍ରପତି ପଦକ ପାଇଥିବା ବିଷୟକୁ ଅଣଦେଖା କରାଯାଇଛି । ସେଥିଲାଗି ସେ ତାଙ୍କ ପକ୍ଷ ରଖିବାକୁ ସୁଯୋଗ ଦେବା ଲାଗି ଅନୁରୋଧ କରିଥିଲେ । ଖଣ୍ଡପୀଠ ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି । ସେଥିପାଇଁ ଜନସ୍ୱାର୍ଥ ମାମଲା ଓ ଏହି ମାମଲା ସମ୍ପର୍କିତ ତାଙ୍କୁ ପ୍ରଦାନ କରିବାକୁ ତାଙ୍କ ଓକିଲ ନିବେଦନ କରିଥିଲେ । ତାଙ୍କର ମାମଲା ଏକ ସ୍ୱତନ୍ତ୍ର କାରଣ ଉପରେ ଆଧାରିତ ହୋଇଥିବାରୁ ଅନ୍ୟ ମାମଲା ସହ ନମିଶାଇ ସ୍ୱତନ୍ତ୍ର ଭାବେ ଶୁଣାଣି କରିବାକୁ ଅନୁରୋଧ କରିଥିଲେ । ଅନ୍ୟ ପକ୍ଷରେ ଜନସ୍ୱାର୍ଥ ମାମଲାର ଆବେଦନକାରୀ ଜୟନ୍ତ ଦାସ ଅଭିଯୋଗ କରିଥିଲେ । ପୋଲିସ ଡିଜି ଚୟନ ପ୍ରକ୍ରିୟାରେ ସୁପ୍ରିମକୋର୍ଟଙ୍କ ତଥା ୟୁପିଏସସି ଦ୍ୱାରା ନିର୍ଦ୍ଧାରିତ ନିୟମାବଳୀର ସମ୍ପୂର୍ଣ୍ଣ ଉଲ୍ଲଂଘନ କରିଛନ୍ତି । ସପ୍ତାହଙ୍କ ମଧ୍ୟରେ ଜବାବ ତଥା କପି ପ୍ରଦାନ କରିବାକୁ ଆସନ୍ତା ୨୨ ତାରିଖକୁ ଧାର୍ଯ୍ୟ କରାଯାଇଛି ।

ସୂଚନାଯୋଗ୍ୟ ରାଜ୍ୟ ସରକାରଙ୍କ ଅନୁରୋଧ ପରେ ପୋଲିସ ଡିଜି ଚୟନ ପାଇଁ ଗତ ଅଗଷ୍ଟ ୭ରେ ହେବାକୁଥିବା ୟୁପିଏସି ବୈଠକକୁ ସ୍ଥଗିତ ରଖିବା ପରେ ବିବାଦ ସାମ୍ନାକୁ ଆସିଥିଲା । ଏହାପରେ ଜୟନ୍ତ ଦାସ ଏକ ଜନସ୍ୱାଥ ମାମଲା ଦାୟର କରିଥିଲେ । ୨୦୦୬ରେ ପ୍ରକାଶ ସିଂ ମାମଲାରେ ଉଲ୍ଲଂଘନ କରି ଜଣେ ଏଡିଜି ପାହ୍ୟାର ଅଫିସରଙ୍କୁ ରାତାରାତି ଡିଜି ପ୍ୟାନେଲରେ ସାମିଲ ଲାଗି ପ୍ରାୟସ ହୋଇଥିବା ଅଭିଯୋଗ ହୋଇଥିଲା । ପରେ ଏହି ମାମଲାର ଶୁଣାଣି ଏବେ ସୁପ୍ରିମ୍‌କୋର୍ଟରେ ଆରମ୍ଭ ହୋଇଛି ।

## ଆଜିଠୁ...

ରାଜ୍ୟକୁ ଗସ୍ତ କରି ନିବେଶକମାନଙ୍କୁ ଓଡ଼ିଶାରେ ନିବେଶ ପାଇଁ ପ୍ରୋତ୍ସାହିତ କରିଛନ୍ତି । ସିଙ୍ଗାପୁର ଯାଇ ମଧ୍ୟ ସେଠାରେ ନିବେଶକମାନଙ୍କ ସହିତ ଆଲୋଚନା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ ଯୋଗୁଁ ଓଡ଼ିଶାକୁ ବ୍ୟାପକ ନିବେଶ ଆସୁଛି ଏବଂ ଓଡ଼ିଶାର ଶିଳ୍ପାୟନ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଛି । ସଂଯୁକ୍ତ ଆରବ ଏମିରେଟ୍ସକୁ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ରାଜ୍ୟ ପାଇଁ ପୁଞ୍ଜି ନିବେଶ କ୍ଷେତ୍ରରେ ଏକ ମାଇଲଷ୍ଟୋନ ହେବ ବୋଲି ଆଶା କରାଯାଉଛି ।

ମୁଖ୍ୟମନ୍ତ୍ରୀଙ୍କ ସହିତ ଶିଳ୍ପମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ରାଜ୍ୟ ସରକାରଙ୍କ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଗସ୍ତ କରୁଛନ୍ତି ।

## ଆଇଏଏସ୍...

ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲଙ୍କୁ ଖଣି ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି । ଏହାଛଡା ସେ କଟକ ଆର୍‌ଡିସି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଡା ବୃନ୍ଦା ଡିଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଶାସନ ସଚିବ ଭାବେ ନିଯୁକ୍ତି ଦିଆଯାଇଛି ।

# ନକଲି ଲୁବ୍ରିକାଣ୍ଟ ପ୍ରସ୍ତୁତକାରୀ ରାକେଟ୍ ପର୍ଦ୍ଦାଫାଶ : ୪ ଗିରଫ

ଯୋଡ଼ା ,(ସବ୍ୟୁ): ନକଲି ଲୁବ୍ରିକାଣ୍ଟ ପ୍ରସ୍ତୁତ କରି ବଜାରକୁ ଯୋଗାଣ କରାଯାଉଥିବା ଏକ ରାକେଟ୍ର ପର୍ଦ୍ଦାଫାଶ କରିଛି ବଡ଼ବିଲ ପୁଲିସ । ଚଢ଼ାଉ ବେଳେ ପୁଲିସ ୧୮୨ ବାଲଟି ନକଲି ଲୁବ୍ରିକାଣ୍ଟ ସମେତ ଦୁଇଟି ଗାଡ଼ି ଓ ନକଲି ଲୁବ୍ରିକାଣ୍ଟ ପ୍ରସ୍ତୁତିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଜବତ କରିବା ସହିତ ୪ ଜଣଙ୍କୁ ଗିରଫ କରାଯାଇଥିବା ନେଇ ବଡବିଲ ଏସଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ପୁଲିସ ସୂଚନା ଅନୁଯାୟୀ, ଓ ବ୍ରାଣ୍ଡ ନାମ ବ୍ୟବହାର କରି ନକଲି ଲୁବ୍ରିକାଣ୍ଟ ପ୍ରସ୍ତୁତ କରାଯାଉଥିବା ନେଇ ସୂଚନା ମିଳିଥିଲା । ଏହା ପରେ ପୁଲିସ ତଦନ୍ତ କରି ଚଢ଼ାଉ କରିଥିଲା । ଚଢ଼ାଉରେ ୧୧୯ ବାଲଟି ନକଲି ଟାଟା ଲୁବ୍ରିକାଣ୍ଟ ଓ ୬୩ ବାଲଟି ନକଲି ଯଲଫ ଲୁବ୍ରିକାଣ୍ଟ ଜବତ ହୋଇଛି । ଏଥିସହ ଏକ ମହିନ୍ଦ୍ରା ବୋଲେରୋ (ଓଡ଼ି-୦୨-ଡିଜି-୬୨୫୮) ଓ ଏକ ହୁଣ୍ଡାଇ କ୍ରେଟା (ଜିଜ-୦୯-ବିଏନ-୩୮୮୬), ପ୍ରାୟ ୧୦୦୦ ଲିଟର କ୍ଷମତାର ଏକ ଖାଲି ଡ୍ରମ, ଫିଲିଂ ମେସିନ, ନଗଦ ୨୫ ହଜାର ଟଙ୍କା ଏବଂ ନକଲି ହୋଲୋଗ୍ରାମ ଆଦି ସାମଗ୍ରୀ ପୁଲିସ ଜବତ କରିଛି । ପ୍ରାଥମିକ ତଦନ୍ତରୁ ନକଲି ଲୁବ୍ରିକାଣ୍ଟ ପ୍ରସ୍ତୁତି ଠାରୁ ଯୋଗାଣ ପର୍ଯ୍ୟନ୍ତ ଏକ ସଂଗଠିତ ନେଟ୍‌ଓ୍ୱର୍କ କାର୍ଯ୍ୟ କରୁଥିବା ପୁଲିସ ଜାଣିବାକୁ ପାଇଛି । ଏଥିରେ ପ୍ରସ୍ତୁତକାରୀ ଶ୍ରୀକାନ୍ତ କୁମାର ହୋତା, ଦୁଇଜଣ ଯୋଗାଣକାରୀ ଦୀପା ରାମ ଓ ରେଖା ରାମ ଏବଂ ଶ୍ରମିକ ମହେଶ କୁମାରଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି । ଘଟଣାକୁ ନେଇ ବଡ଼ବିଲ ଥାନା ଅଧିକାରୀ ଅଶୋକ କୁମାର ନାୟକ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତମାନଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେଇଛନ୍ତି । ନକଲି ଲୁବ୍ରିକାଣ୍ଟ ରାକେଟ୍ରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ଏବଂ ଏହି ନକଲି ଲୁବ୍ରିକାଣ୍ଟ କେଉଁ ଅଞ୍ଚଳକୁ ଯୋଗାଣ ହେଉଥିଲା, ସେନେଇ ପୁଲିସର ତଦନ୍ତ ଜାରି ରହିଛି ।

## ପ୍ରଦୋଷ ଜେନା ଦଶପଲ୍ଲା ବ୍ଲକ 'ଆତ୍ମା' ଅଧ୍ୟକ୍ଷ

ଦଶପଲ୍ଲା ,(ସବ୍ୟୁ): ଦଶପଲ୍ଲା ବ୍ଲକ କୃଷି ବୈଷୟିକ ପରିଚାଳନା ସଂସ୍ଥା 'ଆତ୍ମା' ର ଅଧ୍ୟକ୍ଷ ଭାବେ ଚୟନ ହେଲେ ସ୍ଥାନୀୟ ଜଣାଶୁଣା ବ୍ୟକ୍ତି ପ୍ରଦୋଷ କୁମାର ଜେନା ( ଖୁକା ) । ବ୍ଲକ ସ୍ତରୀୟ ସମନ୍ୱିତ କୃଷିର ତୃଣ ମୂଳ ସ୍ତରରେ ଚାଷୀଙ୍କ ସମସ୍ୟା ସମାଧାନ ଓ ବିକାଶ ପାଇଁ ଆଗାମୀ ୪ ବର୍ଷ ଏହି କମିଟି କାର୍ଯ୍ୟ କରିବ ବୋଲି ଜଣାପଡିଛି । ମୁଖ୍ୟତଃ କୃଷି, ପଶୁ ପାଳନ, ମୃର୍ତ୍ତିକା ସରଂକ୍ଷଣ, ଉଦ୍ୟାନ କୃଷି, ମାଛ ଚାଷ ଓ କୃଷି ବୈଷୟିକ ବିଭାଗ ସମନ୍ୱୟରେ ଚାଷୀଙ୍କ ଏହି ଶୀର୍ଷ କମିଟି କାର୍ଯ୍ୟ କରିବ । ବିଭିନ୍ନ ବିଭାଗରୁ ଚାଷୀ ପ୍ରତିନିଧି ଓ ସମ୍ପ୍ରସାରଣ ଅଧିକାରୀ ଏହି କମିଟିରେ ରହିଛନ୍ତି । ନୂତନ ଅଧ୍ୟକ୍ଷ ଶ୍ରୀ ଜେନାଙ୍କ ଦୀର୍ଘ ଦିନର ଚାଷ ସହିତ ଅଭିଜ୍ଞତା ଥିବାରୁ ଦଶପଲ୍ଲା ଚାଷୀ ମହଲ ତାଙ୍କ ଠାରୁ ଅନେକ କିଛି ଉନ୍ନୟନ କାର୍ଯ୍ୟ ହେବୋଲି ଆଶା ରଖିଛନ୍ତି । ଅନେକ ସଂସ୍ଥା ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଛି ।

# ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କେନ୍ଦୁଝର, (ଜିପ୍ର): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ରେ ସୋମବାର ଦିନ ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ । ଏହି ଶିବିରରେ ମୋଟ ୨୫୧ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଥିଲା । ଏଥିମଧ୍ୟରୁ ୨୧୨ଟି ବ୍ୟକ୍ତିଗତ ସମସ୍ୟା, ୩୯ଟି ସାମୁହିକ ଅଭିଯୋଗ ଏବଂ ରେଡକ୍ରସ ସହାୟତା ପାଇଁ ୦୭ଟି ଆବେଦନ ଗ୍ରହଣ କରାଯାଇଥିଲା । ଗ୍ରହଣ କରାଯାଇଥିବା ଆବେଦନଗୁଡ଼ିକ ମଧ୍ୟରୁ ୫୮ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ଏହି ଶିବିରରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତ ଧାମଧେରେ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଳିକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନ,ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ମାଝୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ବୁଝିଥିଲେ । ସ ଜିଲ୍ଲା ପ୍ରଶାସନ ପକ୍ଷରୁ ପରବର୍ତ୍ତୀ ଅଭିଯୋଗ ଶୁଣାଣିଗୁଡ଼ିକ ବିଭିନ୍ନ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ । ଆସନ୍ତା ୨୧ ସେପେଟମ୍ବର (ସୋମବାର) ଯୋଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଏବଂ ୨୮ ସେପେଟମ୍ବର (ସୋମବାର) ସାହାରପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଏହି ଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହେବ ।


**AFFIDAVIT**

By virtue of an affidavit sworn before the Executive Magistrate Khordha No. 2421 on dated. 31.07.2026 I Gagan Sahu, S/o Bhagaban Sahu of village Talabasta, PS-Banki, Dist.: Cuttack, Odisha declare that Gagan Sahu and Gagan Kumar Dalai and my father Bhaban Sahu and Bhagaban Dalai both name are same and one person. Henceforth I Gagan Sahu and my father Bhagaban Sahu will be known for all purposes.

**Gagan Sahu**

**AFFIDAVIT**

By Virtue of an Affidavit Sworn Before The Executive Magistrate, Tirtol vide Affidavit No.: 3139 on Dated 01.09.2026 I, **Prahallad Pani** formerly called Digambar Pani, S/o: Digambar Pani, permanent resident of Vill: Raghunathpur, PO: Dhanua, PS: Tirtol, Dist.: Jagatsinghpur, PIN-754137, declare that I have changed my name from Digambar Pani to Prahallad Pani. Digambar Pani and Prahallad Pani is one and same person. Henceforth I shall be known as **Prahallad Pani** for all purposes.

34001/758/2627

**OFFICE OF THE SUPERINTENDING ENGINEER**
**DHENKANAL (R&B) DIVISION, DHENKANAL**
Email - eedklpwdWgmail.com

**INVITATION FOR BIDS THROUGH e-Procurement**
**Bid Identification No. SE DKL (R&B). 18/ 2026-27**

**Invitation for Bids**

| | | | |
|---|---|---|---|
| 1. | The Superintending Engineer Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in single cover system in ONLINE MODE only, for Construction of Building work as detailed below. | | |
| 2. | Nature of work | : | 1 Nos Building work |
| 3. | No. of work | : | 01 No. |
| 4. | Bid Cost. | : | Rs. 6,000/- |
| 5. | Class of Contractor | : | "C" & "B" License |
| 6. | Availability of Bid Documents in the website | : | From 10.00 AM of 10.09.2026 to 5.00 PM of 24.09.2026 |
| 7. | Date of Opening of Bid | : | Dt. 25.09.2026 at 11:00 AM. |
| 8. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

OIPR : 34001/34016/1/26-27/0022

Sd/- Superintending Engineer
Dhenkanal (R&B) Division

**GOVT. OF ODISHA : OFFICE OF THE SUPERINTENDING ENGINEER,**
**RURAL WORKS DIVISION, NAYAGADA**
At/Po-Nabaghanpur, Dist-Nayagada, Pin-06753-252049, E-mail-nayagarhrw2006@yahoo.in
No : Tender-Online-Nayagarhdivn.-09/2026-27 Date : 03.09.26

25001/1091/2627

**e-Procurement Notice Through GePNIC**

1. Name of the work : Road Works.
2. Total No. of Projects : 06 (Six) Nos of projects.
3. Class o Contractor
   a) Estimated cost above Rs. 20.00 Lakhs & up to Rs. 3.00 Crore : B Class (of Odisha PWD) or relevant class of other licensing authorities.
   b) Estimated cost up to Rs. 40.00 Lakhs : C Class (of Odisha PWD) or relevant class of other licensing authorities.
   c) Estimated cost up to Rs. 20.00 Lakhs : D Class (of Odisha PWD) or relevant class of other licensing authorities.
4. Estimated Cost put to tender : Rs. 55.08 Lakhs to Rs. 83.05 Lakhs
5. Time for Completion : 02 (Two) Calendar Months.
6. Other details :

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender | |
|---|---|---|---|---|---|
| | | From | To | Technicalo Bid | Financial Bid |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Nayagada | No. : Tender-Online-Divn. NAYAGARH - 09/2026-27 | 10.09.2026 at 11.00 A.M. | 28.09.2026 upto 5.30 P.M. | 29.09.2026 at 11.00 A.M. | Will be intimated later later on |

Further details can be seen from the website www.tendersorissa.gov.in

OIPR : 25001/25106/1/26-27/0011

Sd/- Superintending Engineer
Rural Works Division, Nayagada

32001/818/2627

**GOVERNMENT OF ODISHA**
**Office of the Superintending Engineer, Kanupur Spillway Division**
**AT / PO-Basudevpur, Dist. - Keonjhar, PIN-758047.**

**e- PROCUREMENT NOTICE**
**Bid Identification No. SE, KSD - 10 / 2026-27**
Email- eekanupurspillway@gmail.com

| Sl. No. | Name of work | Approx. value of work. (Rs. in Lakh) | E.M.D./ Bid Security in Rs. (To be remitted online) | Cost of Bid document in Rs. (To be remitted online) | Period of Completion | Class of Contractor | Name & address of the Division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Supply, Installation, Testing and Commissioning of Lift for Spillway of Kanupur Irrigation Project, Basudevpur" | 36.66 | 36,700.00 | 6,000.00 | 04 (Four) Calendar Months. | Authorised Manufacturer/ MV/HT or above Electrical Contractor having valid license from ELBO or equivalent" | Kanupur Spillway Division, At/PO-Basudevpur, Dis.-Keonjhar |

| Procurement Officer | Bid Identification No. | Availability of tender online for bidding | | Date & time of opening of tender | | Place of opening |
|---|---|---|---|---|---|---|
| | | From | To | Date | Time | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Spillway Division, Basudevpur, Dist.- Keonjhar | SE, KSD-10/2026-27 | 09.09.26 From 10.00 Hours | 23.09.26 Up to 17.00 Hours. | 24.09.26 | 11.00 Hours | O/o the Superintending Engineer Kanupur Spillway Division, Basudevpur, Dist.- Keonjhar |

* Further details can be seen from the uploaded DTCN on e-Procurement portal "www.tendersodisha.gov.in".

OIPR : 32001/32536/1/26-27/0006

Sd/-Superintending Engineer
Kanupur Spillway Division, Basudevpur

**ପୂର୍ବ ତଟ ରେଳପଥ**

**ସାଙ୍କେତିକ ବିଜ୍ଞପ୍ତି**

**କେନ୍ଦ୍ରୀୟ କର୍ମଚାରୀ କଲ୍ୟାଣ ପାଣ୍ଠିର ସହାୟତା ଅଧୀନରେ ଚୁକ୍ତି ଭିତ୍ତିରେ ମୁଖ୍ୟାଳୟ/ଭୁବନେଶ୍ୱର ଠାରେ ହୋମିଓପାଥିକ ବିତରକ (Dispenser)ଙ୍କ ନିଯୁକ୍ତି**

ଶିକ୍ଷାଗତ ଯୋଗ୍ୟତା ଯୋଗ୍ୟତା ମାନଦଣ୍ଡ, ବୟସ, ପାରିଶ୍ରମିକ, କାର୍ଯ୍ୟ ସମୟ, ନିଯୁକ୍ତି ଅବଧି, ଦରଖାସ୍ତ ଫର୍ମାଟ ଏବଂ ଅନ୍ୟ ବିସ୍ତୃତ ନିୟମ ଓ ସର୍ତ୍ତାବଳୀ ନିମନ୍ତେ ଦୟାକରି ୱେବ୍‌ସାଇଟ୍ **http://www.eastcoastrail.indianrailways.gov.in** ଅବଲୋକନ କରନ୍ତୁ ।

**ୱାକ୍-ଇନ୍ ଇଣ୍ଟରଭ୍ୟୁ ସ୍ଥାନ, ତାରିଖ ଓ ସମୟ:**

| "ୱାକ୍-ଇନ୍ ଇଣ୍ଟରଭ୍ୟୁ" ନିମନ୍ତେ ସ୍ଥାନ | ତାରିଖ, ରିପୋର୍ଟ କରିବା ସମୟ ଏବଂ "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସମୟ |
|---|---|
| କନଫରେନ୍ସ ବୈଠକ ହଲ, ଦ୍ୱିତୀୟ ମହଲା, ଦକ୍ଷିଣ ବ୍ଲକ, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017 | ତା.28.09.2026ରିଖ(ସୋମବାର)0930 ଘଟିକା ଠାରୁ 1100 ଘଟିକା ପର୍ଯ୍ୟନ୍ତ । ୱାକ୍-ଇନ୍ ଇଣ୍ଟରଭ୍ୟୁ ପ୍ରମାଣପତ୍ର ଯାଞ୍ଚ ସମାପ୍ତ ହେବା ପରେ 1100 ଘଟିକାରୁ ଆରମ୍ଭ ହେବ । |

PR-419/R/26-27

ସହାୟକ କାର୍ମିକ ଅଧିକାରୀ (ମୁଖ୍ୟାଳୟ)/ଭୁବନେଶ୍ୱର

Mob : 9348943900

**OFFICE OF THE PRINCIPAL**
**PANCHAYAT DEGREE COLLEGE, KANTAMAL**
AT/P.O.- KANTAMAL, DIST. - BOUDH - 762017, ODISHA
NAAC ACCREDITED
E-mail:-pdckantamal1991@gmail.com,
website :-http://www.pdcollegekantamal.in

No:-516 Date:-07.09.2026

**Quotation Call Notice**

Panchayat Degree, College, Kantamal invites expression of interest application from eligible EPM rate contract holders (only from the district of Boudh, Sonepur, Balangir, Nayagarh and Kandhamal) registered under EPM, Odisha and sealed quotations from eligible firms for supply of Hostel amenities for its 100 Seated Boys Hostel.

The expression of interest application/sealed quotations should reach the office of the undersigned by dt.17.09.2026.

The details available on the Notice Boards of Collectrate, Boudh/Sub-Collector, Boudh/ G.M, DIC, Boudh and Panchayat Degree College, Kantamal.

For any queries contact college office during working hours. Contact No.9438606730, 6370210370

Sd/-Principal
Panchayat Degree College, Kantamal
Dist- Boudh

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KENDUJHAR**
**(ZILLA SWASTHYA SAMITI : KENDUJHAR)**

Advt. Letter No. 1125 Date : 07.09.2026

10001/522/2627

**"CORRIGENDUM NOTICE"**

In persuance to this Office Advt. No. 993 dt. 13.08.2026 regarding Tender call Notice for printing & supply of IEC/ BCC materials on health programme for Kendujhar district ", which was published in two daily news paper i.e." Dharitri" & "Samaya"on dt 14.08.2026 & the details of Tender document was uploaded in the District Portal website on same day. The following Corrigendum is being issued as mentioned in below table.

- Due to an unavoidable circumstance, the opening of Tender is scheduled to be held on dt. 08.09.2026 at 11.30 AM is hereby re-scheduled to 10.09.2026 at 11.30 AM. The other terms and conditions of the said tender is remain unchanged.

Sd/-Chief District Medical & Public Health Officer, Kendujhar

OIPR : 10001/10033/1/26-27/0012

4001/303/2627

Government of Odisha
**Office of the Superintending Engineer-Cum-Deputy Electrical Inspector, Kendujhar, Baniapat, D.D College Road, Kendujhar, Pin-758001**
Email-Id- deikeonjhar-od@gov.in

No/ 01 Dt. 19.08.2026

**QUOTATION/TENDER CALL NOTICE FOR HIRING OF VEHICLE**

Sealed tenders are invited from interested reputed Travel Agencies / Tour Operators/ Private Individuals for providing 1 (One) No. of vehicle (BS-VI compliant EV driven AC 4-wheeler vehicle) including driver, which shall confirm to the **terms and conditions (Annexure-1)** for official used by SE cum DEI, Kendujhar on monthly rent basis for contract period of 3 years. The quotation completed in all respect should reach the undersigned by Regd. Post/ Speed Post or by person with proper acknowledgment on or before **19.09.2026** by **1.00 PM** and will be opened on the **21.09.2026** at **11.00 AM** by the tender opening committee in the O/o SE-Cum-Deputy Electrical Inspector, Kendujhar in the presence of the bidders or their authorized representatives.

The application form of quotation / Tender containing General bid information & terms and condition for hiring of vehicle etc. will be available in the office of SE-Cum- Deputy Electrical Inspector, Kendujhar from **19.08.2026** to **19.09.2026** up to **11 AM** and also downloaded from website **www.eicelectricityodisha.nic.in.**

**Complete Address for submission of Tender**
Office of the SE-Cum- Deputy Electrical Inspector, Kendujhar, DD College Road, Baniapat, Kendujhar 758001

Sd- S.E-Cum-D.E. I, Kendujhar

OIPR : 4001/4073/1/26-27/0002

# ପିଆରଏମ୍ ହସ୍ପିଟାଲରେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ୧୪ଦଫା ଦାବି ନେଇ ମାସାଆର୍ମୀର ପଦଯାତ୍ରା



ବାରିପଦା, (ସବ୍ୟୁ) : ରଙ୍ଗାମାଟିଆସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ (ପିଆରଏମ୍) ମେଡିକାଲ କଲେଜ ଓ ହସ୍ପିଟାଲରେ ସ୍ୱାସ୍ଥ୍ୟସେବାର ସୁଧାର, ଆବଶ୍ୟକ ଭିତ୍ତିଭୂମି ବିକାଶ ଓ ରୋଗୀଙ୍କୁ ମୌଳିକ ସୁବିଧା ଯୋଗାଇବା ଦାବିରେ ମାସାଆର୍ମୀ ପକ୍ଷରୁ ଶାନ୍ତିପୂର୍ଣ୍ଣ ପଦଯାତ୍ରା ହୋଇଯାଇଛି । ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ପଦଯାତ୍ରା ହସ୍ପିଟାଲ ପରିସରରୁ ଆରମ୍ଭ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା । ଆରମ୍ଭରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହି ଅବସରରେ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ବନଜା ମହାନ୍ତି, ପରିବେଶବିତ୍ ବିବେକାନନ୍ଦ ପଟ୍ଟନାୟକ ଓ ସାମ୍ବାଦିକ ସଞ୍ଜୟ ଚୌଧୁରୀ ଉପସ୍ଥିତ ରହି ପଦଯାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ପରେ ୧୪ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ପ୍ରଦାନ କରାଯାଇଥିଲା । ମାସାଆର୍ମୀ ପକ୍ଷରୁ ପିଆରଏମ୍‌ରେ ଅନୁମୋଦିତ ସମସ୍ତ ଡାକ୍ତରୀ ପଦବୀ ପୂରଣ, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତି ସୁନିଶ୍ଚିତ, ଆଧୁନିକ ଚିକିତ୍ସା ଉପକରଣ ଯୋଗାଣ, ଆଇସିୟୁ, ଜରୁରୀକାଳୀନ ଓଟି ଓ ନିଦାନ ସେବା ସୁଦୃଢ଼ କରିବା ଏବଂ ରକ୍ତ ଓ ଔଷଧର ନିରନ୍ତର ଉପଲବ୍ଧତା ଦାବି କରାଯାଇଛି । ଏଥିସହ ଅନାବଶ୍ୟକ ରେଫର ବନ୍ଦ, ସିଟି-ସ୍କାନ୍ ଓ ଏମ୍‌ଆରଆଇ କାର୍ଯ୍ୟକ୍ଷମ କରିବା, ବ୍ଲଡ୍ ବ୍ୟାଙ୍କ ଶୀଘ୍ର ଖୋଲିବା, ରୋଗୀଙ୍କ ଅଭିଯୋଗର ତୁରନ୍ତ ସମାଧାନ ଏବଂ ହସ୍ପିଟାଲର ସମଗ୍ର ଭିତ୍ତିଭୂମି ବିକାଶ ଦାବି ରହିଛି । ପାଲବଣିରୁ ହସ୍ପିଟାଲ ପର୍ଯ୍ୟନ୍ତ ରାସ୍ତା ମରାମତି ସହ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ପାଇଁ ମଧ୍ୟ ଦାବି କରାଯାଇଛି । ସୁକୁଲାଲ ମାରାଣ୍ଡି କହିଥିଲେ ଯେ, ମୟୂରଭଞ୍ଜବାସୀଙ୍କୁ ନିଜ ଜିଲ୍ଲାରେ ଉନ୍ନତମାନର ଓ ସୁଲଭ ସ୍ୱାସ୍ଥ୍ୟସେବା ମିଳିବା ମୌଳିକ ଅଧିକାର । ସରକାର ୧୪ଦଫା ଦାବି ଉପରେ ତୁରନ୍ତ ପଦକ୍ଷେପ ନନେଲେ ଆଗାମୀ ଦିନରେ ମାସାଆର୍ମୀ ପକ୍ଷରୁ ଆହୁରି ଜୋରଦାର ଜନଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ । ପଦଯାତ୍ରାରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟ ନାରାୟଣ ମୁର୍ମୁ, ଜିଲ୍ଲା ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଟିକା ବାଦଲ ମାରାଣ୍ଡି, ରାଜ୍ୟ ସମ୍ପାଦକ ପଦ୍ମଲୋଚନ ମୁର୍ମୁଙ୍କ ସମେତ ଅବିନାଶ ମାରାଣ୍ଡି, ଶଙ୍କର ବାସ୍କେ, ବିକ୍ରମ ମୁର୍ମୁ, ଦାସମାତ ସରେନ, ପେସା ଦୁଲା ମୁର୍ମୁ, ବ୍ରଜେଶ ମୁର୍ମୁ, ଲାଲମୋହନ ବାସ୍କେ, ମାୟା ରବୀନ୍ଦ୍ର ହେମ୍ବ୍ରମ, ସାନେଲ ମୁର୍ମୁ, ସୁବାଷ ମୁର୍ମୁ, ରଣଜିତ୍ ମୁର୍ମୁ, କିରଣ ମାରାଣ୍ଡି, ରଣଜିତ ଟୁଡୁ, ଚିତ୍ତ ମାରାଣ୍ଡି, ତପନ ମାଝୀ, ବିରଭୀମ ମାରାଣ୍ଡି, ଚାନ୍ଦ୍ରାୟ ମାରାଣ୍ଡି, ବାଦଲ ମୁର୍ମୁ, ରାଇସେନ ମୁର୍ମୁ, ରଶିରାଜ ମୁର୍ମୁ, ବିଶୁ ମୁର୍ମୁ ଓ ଦିଗବିଜୟ ସରେନ ପ୍ରମୁଖ ସାମିଲ ଥିଲେ ।

# ଅସଦାଚରଣ ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଗ୍ରାମୀଣ ) ରୀତିକା ଜେନା ଏକ ଆସଦାଚରଣ ମାମଲାର ଶୁଣାଣି କରି ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ କରିଛନ୍ତି । ଅଭିଯୁକ୍ତ ଜଣଙ୍କ ଗୋଳନ୍ଥରା ଥାନା ଅଞ୍ଚଳରେ ରହୁଥିବାମ ପୀଡ଼ିତାଙ୍କ ଦିଅର ଉମାଶଙ୍କର ଶତପଥୀ (୩୫) । ମାମଲାର ବିବରଣୀରୁ ପ୍ରକାଶ ଯେ, ଉକ୍ତ ଥାନା ଅଞ୍ଚଳରେ ରହୁଥିବା ଜନୈକ ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ଅଲଗାରେ ଅନ୍ୟତ୍ର ରହୁଥିଲେ । ୨୦୧୮ ଅଗଷ୍ଟ ୨୮ ତାରିଖରେ ଉକ୍ତ ମହିଳା ଜଣଙ୍କ ତାଙ୍କ ଶଶୁର ଘରକୁ ଯାଇଥିଲେ । ହେଲେ ମହିଳାଙ୍କ ଦିଅର ଉମାଶଙ୍କର ଶତପଥୀ ତାଙ୍କୁ ଘର ଭିତରୁ ଟାଣି ଟାଣି ବାହାର କରି ଦେଇଥିଲେ । ଏପରିକି ବିଚ ରାସ୍ତାରେ ତାଙ୍କୁ ମାଡ଼ ମାରିବା ସହ ଅସଦାଚରଣ କରିଥିଲେ । ସମାଜରେ ମହିଳାଙ୍କ ମର୍ଯ୍ୟାଦାହାନି ଘଟିଥିଲା ବୋଲି ପୀଡିତା ଜଣଙ୍କ ଏନେଇ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ମାମଲା ନଂ ୧୬୦/୧୮ ରେ ଅଭିଯୁକ୍ତ ଉମାଶଙ୍କରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଉକ୍ତ ମାମଲାର ବିଚାରଣା ବେଳେ ୧୧ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ରାୟ ପ୍ରକାଶ ବେଳେ ଜାମିନରେ ଥିବା ଉକ୍ତ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ । ସାକ୍ଷୀ ମାନଙ୍କ ବୟାନ ଆଧାରରେ ପ୍ରମାଣ ମିଳିନଥିବାରୁ ମାଜିଷ୍ଟ୍ରେଟ ତାଙ୍କୁ ଦୋଷମୁକ୍ତ କରିଥିଲେ । ମୁଦୁଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ଶତପଥୀ ମକଦ୍ଦମା ପରିଚାଳନା କରିଥିଲେ ।

# ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର, (ସବ୍ୟୁ) : ସରକାରୀ ରେଳବାଇ ପୋଲିସ ଆଜି ଏକ ମୃତଦେହ ନରସିଂହପୁର ରେଳ ଷ୍ଟେସନ ନିକଟସ୍ଥ ରେଳଧାରଣା ପାଶ୍ୱର୍ରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି । ମୃତକ ଜଣଙ୍କ ଗୋପାଳପୁର ଥାନା ଅନ୍ତର୍ଗତ ବଳରାମପୁରର ସୁରେଶ ପାତ୍ର(୨୫) । ତାଙ୍କ ପରିବାରବର୍ଗ ଘଟଣାସ୍ଥଳରେ ପହଞ୍ଚି ମୃତଦେହଟିକୁ ପୋଲିସ ଉପସ୍ଥିତିରେ ଚିହ୍ନଟ କରିଥିଲେ । ୬୭/୨୬ ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ପୋଷ୍ଟମର୍ଟମ ପାଇଁ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଏଫଏମଟି ବିଭାଗକୁ ପଠାଇଥିଲା । ପ୍ରାଥମିକ ତଦନ୍ତରୁ ଉକ୍ତ ସୁରେଶ ରେଳଧାରଣରେ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି । ରେଳଧାରଣା କଡ଼ରୁ ପୋଲିସ ମୃତ ଯୁବକଙ୍କ ସାଇକଲ ଜବତ କରିଛି । ଘଟଣାର ତଦନ୍ତ ଜାରି ରହିଥିବା ଥାନାଧିକାରୀ ସନ୍ତୋଷ ବାହିନୀପତି ସୂଚନା ଦେଇଛନ୍ତି ।

# ପିଲିଅନ୍ ହେଲମେଟ ଜୋରିମାନା ବଦଳରେ ଜନସଚେତନତା ଦାବି

ବ୍ରହ୍ମପୁର, (ସବ୍ୟୁ) : ସଡ଼କ ସୁରକ୍ଷାକୁ ସମର୍ଥନ କରିବା ସହ ପିଲିଅନ୍ ହେଲମେଟ୍ ନପିନ୍ଧିବା ପାଇଁ ଆଇଏମଏସ କ୍ୟାମେରା ମାଧ୍ୟମରେ ଆଦାୟ ହେଉଥିବା ୧୦୦୦ ଟଙ୍କା ଜୋରିମାନା ବାତିଲ ଦାବୀ କରିଛି ମାନବ ଅଧିକାର ସୁରକ୍ଷା ମଞ୍ଚ । ଏନେଇ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଓଡ଼ିଶା ଓ ପରିବହନ କମିଶନରଙ୍କ ଉଦ୍ଦେଶ୍ୟରେ ଉପ-ଜିଲ୍ଲାପାଳ, ବ୍ରହ୍ମପୁରଙ୍କ ଜରିଆରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ହେଲମେଟ୍ ଜୀବନ ସୁରକ୍ଷା ପାଇଁ ଅତ୍ୟନ୍ତ ଆବଶ୍ୟକ ଏବଂ ଏହାର ବ୍ୟବହାରକୁ ସମସ୍ତେ ସମର୍ଥନ କରୁଛନ୍ତି କିନ୍ତୁ ଓଡ଼ିଶାର ଅଧିକାଂଶ ଗରିବ, କୃଷକ, ଦିନମଜୁରିଆ ଓ ଛାତ୍ରଛାତ୍ରୀଙ୍କ ପାଇଁ ୧୦୦୦ ଟଙ୍କା ଜୋରିମାନା ଅତ୍ୟଧିକ ଆର୍ଥିକ ବୋଝ ସୃଷ୍ଟି କରୁଛି । ରାଜ୍ୟ ସରକାରଙ୍କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଆଗୁଆ କୌଣସି ସୂଚନା ନଜଣାଇ ଏକ ପାଖିଆ ଭାବେ ଓଡ଼ିଶାବାସୀଙ୍କ ଉପରେ ଏଭଳି ଜୋରିମାନା ବୋଝ୍ ଲଦିବା ଆଦୌ ଗ୍ରହଣୀୟ ନୁହଁ ଏବଂ ଏହା ଏକ ଅଗଣତାନ୍ତ୍ରିକ ପଦକ୍ଷେପ ଅଟେ । ପ୍ରକାଶ ଯେ, ଓଡ଼ିଶାର ଭୁବନେଶ୍ୱର, କଟକ ଭଳି ସହରରେ ପିଲିଅନ୍ ଜୋରିମାନା ଆଦାୟ ଭଳି ସମଗ୍ର ରାଜ୍ୟରେ ଏହା କୌଣସି ପୂର୍ବ ସୂଚନା ନଦେଇ ପ୍ରୟୋଗ କରିବା ତୁରନ୍ତ ବାତିଲ ହେବା ଆବଶ୍ୟକ । ଛାତ୍ର, ଯୁବକ ଯେଉଁମାନଙ୍କ କୌଣସି ନିଯୁକ୍ତି ନାହିଁ, ଚାଷୀ, ମୁଲିଆ, ଦିନ ମଜୁରିଆ ଶ୍ରେଣୀର ଜନଗଣ ଗଭୀର ଭାବେ ଏଥି ଦ୍ୱାରା ପ୍ରଭାବିତ ହେବେ । ମଞ୍ଚ ଏକ ଉଦାହରଣ ଦେଇ କହିଛି ଯେ, ଗାଡ଼ି ଚାଳକ ହେଲମେଟ୍ ପିନ୍ଧିଥିଲେ ମଧ୍ୟ ପଛରେ ବସିଥିବା ବ୍ୟକ୍ତି ହେଲମେଟ୍ ନପିନ୍ଧିବା କାରଣରୁ ଆଇଏମଏସ ଚାଲାଣ ମାଧ୍ୟମରେ ଜୋରିମାନା ହେଉଛି । ଏଭଳି କ୍ଷେତ୍ରରେ ଜୋରିମାନା ପୂର୍ବରୁ ଅଧିକ ଜନସଚେତନତା ଆବଶ୍ୟକ ବୋଲି ମଞ୍ଚ ମତ ପ୍ରକାଶ କରିଛି । ଆଜି ମଞ୍ଚ ପକ୍ଷରୁ ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭରେ ସମସ୍ତ ପ୍ରକାର ପରିବହନ ସମ୍ବନ୍ଧୀୟ ନିୟମ ଉଲ୍ଲଂଘନ ପାଇଁ ଜୋରିମାନା ହ୍ରାସ କରାଯାଇ ସର୍ବନିମ୍ନ ୧୦୦ ଟଙ୍କା ଧାର୍ଯ୍ୟ କରାଯାଉ ଏବଂ ସର୍ବପ୍ରଥମେ ଗାଡ଼ି ମାଲିକଙ୍କୁ ଏଥି ସମ୍ବନ୍ଧରେ ଚେତାବନୀ ଦିଆଯାଉ, ଗ୍ରାମାଞ୍ଚଳ ସମେତ ସମଗ୍ର ରାଜ୍ୟରେ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ବ୍ୟାପକ ସଚେତନତା ଅଭିଯାନ କରାଯାଉ, ଭୁଲ୍ ଇ-ଚାଲାଣ ଓ ଫଟୋ ସମ୍ବନ୍ଧୀୟ ଅଭିଯୋଗର ସମାଧାନ ପାଇଁ ଅଭିଯୋଗ ସେଲ୍ ଗଠନ କରାଯାଉ, ଗରିବ ଲୋକଙ୍କ ପାଇଁ ଜୋରିମାନା ପରିବର୍ତ୍ତେ କାଉନସେଲିଂ ବ୍ୟବସ୍ଥା କରାଯାଉ ଆଦି ଚାରିଗୋଟି ପ୍ରମୁଖ ଦାବୀ ଉପସ୍ଥାପନ କରାଯାଇଛି । ମାନବ ଅଧିକାର ସୁରକ୍ଷା ମଞ୍ଚ ଆଶା ପ୍ରକାଶ କରିଛି ଯେ, ରାଜ୍ୟ ସରକାର ଜନସାଧାରଣଙ୍କ ଆର୍ଥିକ ସ୍ଥିତି ଓ ସଡ଼କ ସୁରକ୍ଷାର ମୂଳ ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ଏହି ନିୟମର ପୁନର୍ବିଚାର କରିବେ । ମଞ୍ଚ ପକ୍ଷରୁ ଆୟୋଜିତ ଆଜିର ବିକ୍ଷୋଭରେ ଆବାହକ ଆଇନଜୀବି ଅବନୀ ଗୟା, ସଭାପତି ଗଗନ ଚାନ୍ଦ ମଲ୍ଲିକ, ସମାଜସେବୀ ମନୋଜ କୁମାର ତରାଇ, ବରିଷ୍ଠ ସାମ୍ବାଦିକ ଜ୍ୟୋତି ରଞ୍ଜନ ଦାସ, ସଂଗଠକ ଗଗନ ଚନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ନାଥ ପଣ୍ଡା, ଯୁବ ନେତା କାହ୍ନୁ ଚରଣ ପାତ୍ର, ଆର୍.ସତ୍ୟ ନାରାୟଣ ରାଓ, ବିଜୟ କୁମାର ପାଢୀ, ଗୁଣନିଧି ବେହେରା, ମହେଶ୍ୱର ବାଡତ୍ୟା, ଶିକ୍ଷକ ସଙ୍ଗଠନ ନେତା ଶ୍ୟାମ ସୁନ୍ଦର ଖାଡଙ୍ଗା, ଅଶୋକ କୁମାର ଦଳାଇ, ଆପ୍‌ର ନେତା ଆଦିତ୍ୟ ନାରାୟଣ ରଥ, ସାମ୍ବାଦିକ ଜୟରାମ ମହାରଣା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।



# ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ପରିସରରେ ଜାଗୃତି ମାଧ୍ୟମରେ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ସଚେତନତା

ବାରିପଦା, (ସବ୍ୟୁ) : ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ଓ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ(ଏମ୍‌ସିଏଏମ୍) ର ମିଳିତ ଆନୁକୂଲ୍ୟରେ କଲେଜ ପରିସରରେ ବିଦ୍ୟୁତ୍ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଜାଗୃତି ଅନୁଷ୍ଠିତ ହୋଇଯାଇଛି । କଲେଜର ଅଧ୍ୟକ୍ଷ ତଥା ପ୍ରିନ୍ସିପାଲ୍ ପ୍ରଫେସର ପ୍ରଦୀପ କୁମାର ନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଥିଲେ ଯେ, ବିଦ୍ୟୁତ୍ ଆଜିର ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ । ତେଣୁ ବିଦ୍ୟୁତ୍ ବ୍ୟବହାର ସହିତ ଉପଭୋକ୍ତାଙ୍କ ଅଧିକାର, ଦାୟିତ୍ୱ ଓ ଉପଲବ୍ଧ ସେବା ସମ୍ପର୍କରେ ସଚେତନ ରହିବା ଆବଶ୍ୟକ । ଏଭଳି ସଚେତନତା କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ସୂଚନାସମ୍ପନ୍ନ କରିବା ସହ ସେମାନଙ୍କ ମାଧ୍ୟମରେ ସମାଜରେ ମଧ୍ୟ ଉପଭୋକ୍ତା ସଚେତନତା ବୃଦ୍ଧି କରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଟିପିଏନ୍‌ଓଡିଏଲ୍‌ର କଷ୍ଟମର କେୟାର ରିଲେସନ୍ ଅଫିସର ବିଷ୍ଣୁପ୍ରିୟା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପଭୋକ୍ତାଙ୍କ ସହ କମ୍ପାନୀର ସୁସମ୍ପର୍କ, ଗ୍ରାହକ ସେବାର ବିଭିନ୍ନ ଦିଗ ଏବଂ ଅଭିଯୋଗ ନିରାକରଣ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ । ଉପଭୋକ୍ତାମାନେ ନିଜ ବିଦ୍ୟୁତ୍ ବିଲ୍ ନିୟମିତ ଯାଞ୍ଚ କରିବା ସହ ବିଲ୍ କିମ୍ବା ବିଦ୍ୟୁତ୍ ସେବା ସମ୍ପର୍କିତ କୌଣସି ସମସ୍ୟା ଦେଖାଦେଲେ ଉପଯୁକ୍ତ ମାଧ୍ୟମରେ ଅଭିଯୋଗ କରି ତାହାର ସମାଧାନ ପାଇପାରିବେ ବୋଲି ସେ କହିଥିଲେ । ମୁଖ୍ୟବକ୍ତା ଭାବେ ଟିପିଏନ୍‌ଓଡିଏଲ୍‌ର ନିଡ୍ ଇଞ୍ଜିନିୟର ପ୍ରକାଶ ଚନ୍ଦ୍ର ସାହୁ ଯୋଗଦେଇ ପାଓ୍ୱାରପଏଣ୍ଟ ପ୍ରେଜେଣ୍ଟେସନ୍ ମାଧ୍ୟମରେ ବିଦ୍ୟୁତ୍ ବିଲ୍ ପ୍ରସ୍ତୁତି ଓ ବିଲିଂ ପ୍ରକ୍ରିୟାର ବିଭିନ୍ନ ଦିଗ ବୁଝାଇଥିଲେ । ଏଥିସହ ଡିଜିଟାଲ୍ ମାଧ୍ୟମରେ ବିଦ୍ୟୁତ୍ ବିଲ୍ ପୈଠ, ଗ୍ରାହକ ସେବା ଏବଂ ସୌର ଶକ୍ତି ସମ୍ପର୍କିତ ପିଏମ୍ ସୂର୍ଯ୍ୟ ଘର ଯୋଜନା ବିଷୟରେ ମଧ୍ୟ ସେ ବିସ୍ତୃତ ସୂଚନା ଦେଇଥିଲେ । ଡିଜିଟାଲ୍ ବ୍ୟବସ୍ଥାରେ ବିଦ୍ୟୁତ୍ ବିଲ୍ ପୈଠ କଲେ ସମୟ ଓ ଶ୍ରମ ଉଭୟ ସଞ୍ଚୟ ହେବା ସହ ଏହା ଅଧିକ ସୁବିଧାଜନକ ବୋଲି ସେ କହିଥିଲେ । ସେହିପରି ଘରର ଛାତ ଉପରେ ସୌର ପ୍ୟାନେଲ୍ ସ୍ଥାପନ କରି ସୌର ଶକ୍ତିର ଉପଯୋଗ କରିବାର ସୁଯୋଗ ଏବଂ ପିଏମ୍ ସୂର୍ଯ୍ୟ ଘର ଯୋଜନା ଅଧୀନରେ ମିଳୁଥିବା ସରକାରୀ ସୁବିଧା ସମ୍ପର୍କରେ ସେ ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ ପ୍ରଶ୍ନୋତ୍ତର ପର୍ବ ଆୟୋଜିତ ହୋଇଥିଲା । ଏଥିରେ ଛାତ୍ରଛାତ୍ରୀମାନେ ବିଦ୍ୟୁତ୍ ବିଲିଂ, ଡିଜିଟାଲ୍ ପେମେଣ୍ଟ, ଗ୍ରାହକ ସେବା, ଅଭିଯୋଗ ନିରାକରଣ ଓ ସୌର ଶକ୍ତି ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ଉଠାଇଥିବାବେଳେ ଅତିଥିମାନେ ସେଗୁଡ଼ିକର ସ୍ପଷ୍ଟ ଉତ୍ତର ଦେଇଥିଲେ । କାର୍ଯ୍ୟକ୍ରମରେ ଅତିଥି ପରିଚୟ ପ୍ରଦାନ କରିଥିଲେ ବାଣିଜ୍ୟ ବିଭାଗର ମୁଖ୍ୟା ସବିତାରାଣୀ ଦାଶ । ଶେଷରେ ଆଇନ ବିଭାଗର ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକ-ଅଧ୍ୟାପିକା, ଛାତ୍ରଛାତ୍ରୀଙ୍କ ସମେତ ଟିପିଏନ୍‌ଓଡିଏଲ୍‌ର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।




# ଫେରାର ଦୁଇ ଅପରାଧୀ ଗିରଫ, ମାରଣାସ୍ତ୍ର ଜବତ

ବ୍ରହ୍ମପୁର, (ସବ୍ୟୁ): ହତ୍ୟା ଉଦ୍ୟମ ମାମଲାରେ ସମ୍ପୃକ୍ତ ଥିବା ଦୁଇଜଣ ଫେରାର ଅପରାଧୀଙ୍କୁ ସଦର ଥାନା ପୋଲିସ ବାନ୍ଧିଛି । ଗିରଫ ଦୁଇଜଣଙ୍କ ମଧ୍ୟରୁ ଜଣେ ପେଶାଦାର ଅପରାଧିକ ଗ୍ୟାଙ୍ଗ ପରିଚାଳନା କରୁଥିବା ପୋଲିସ କହିଛି । ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଗୋଟିଏ ବନ୍ଧୁକ, ଦୁଇଟି ଜୀବନ୍ତ ଗୁଳି, ଗୋଟିଏ ବାଲେନୋ କାର, ବୁଲେଟ ଗାଡ଼ି ଓ ଖଣ୍ଡା ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଦକ୍ଷିଣପୁର ଗାଁର ରାମକୃଷ୍ଣ ନାହାକ ଓରଫ ବୁଲୁ (୩୯) ଏବଂ ଦିଗପହଣ୍ଡି ଥାନା ଅନ୍ତର୍ଗତ ଚଙ୍ଗଡ଼ାପଲ୍ଲୀ ଗାଁର ପରେଶ ଲେଙ୍କା ଓରଫ ପାପୁ (୨୫) । ରାମକୃଷ୍ଣ ଜଣେ ପେସାଦାର ଅପରାଧୀ ବୋଲି ପୋଲିସ କହିଛି । ମାମଲା ନଂ ୧୪୧/୨୬ ରେ ଉଭୟଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି । ପୂର୍ବରୁ ରାମକୃଷ୍ଣ ନାହାକ ଓରଫ ବୁଲୁଙ୍କୁ ଗିରଫ କରାଯାଇଥିଲା । ତାଙ୍କ ନିକଟରୁ ଗୋଟିଏ ବନ୍ଧୁକ ଓ ଦୁଇଟି ଜୀବନ୍ତ ଗୁଳି ଓ ବୁଲେଟ ଜବତ କରାଯାଇଥିଲା । ଘଟଣାରୁ ପ୍ରକାଶ ଯେ, ଗତ ମାର୍ଚ୍ଚ ମାସରେ ନୀଳମାଧବ ସାହୁ ଓରଫ ଭବାନୀ ଏବଂ ତାଙ୍କ ବନ୍ଧୁ ଅମୀର କୁଣ୍ଡୁ ଦକ୍ଷିଣପୁର ନିକଟ ଏସ୍‌ଏଚ୍-୧୭ ମୁଖ୍ୟ ରାସ୍ତାରେ ଯାଉଥିବା ବେଳେ ଅଭିଯୁକ୍ତମାନେ ସେମାନଙ୍କୁ ଅଟକାଇଥିଲେ । ପୂର୍ବ ଶତ୍ରୁତା ଓ ଅଞ୍ଚଳରେ ଭାଇଗିରିକୁ ନେଇ ବିବାଦ କାରଣରୁ ଅଭିଯୁକ୍ତମାନେ ଖଣ୍ଡା ଓ ଚପରରେ ଉଭୟଙ୍କୁ ଆକ୍ରମଣ କରିଥିଲେ । ଏଥିସହ ସେମାନଙ୍କ ମୋଟରସାଇକେଲକୁ ଏକ କାରରେ ଧକ୍କା ଦେଇଥିଲେ । ଏହି ସମୟରେ କାରଟି ଅନ୍ୟ ଏକ ମୋଟରସାଇକେଲକୁ ମଧ୍ୟ ଧକ୍କା ଦେବାରୁ ସେଥିରେ ଥିବା ଜଣେ ନିରୀହ ମହିଳା ପଛରେ ବସିଥିବା ଯାତ୍ରୀଙ୍କ ମୃତ୍ୟୁ ଘଟଣାସ୍ଥଳରେ ହୋଇଥିଲା । ଆକ୍ରମଣରେ ନୀଳମାଧବ ଓ ଅମୀର ଗୁରୁତର ହୋଇଥିଲେ । ଆହତ ମାନଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଘଟଣା ପରେ ଅଭିଯୁକ୍ତମାନେ ଅଞ୍ଚଳରୁ ଏକ ମୋଟରସାଇକେଲ ନେଇ ଫେରାର ହୋଇଯାଇଥିଲେ । ପୋଲିସ ଅଭିଯୋଗ ପରେ ପୋଲିସ ଏସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା ।



# ମୁଣ୍ଡାରୀ ଭାଷା ବିଭାଗ ଖୋଲିବା ଦାବିରେ ଭାଷା ଆନ୍ଦୋଳନ

ବାରିପଦା, (ସବ୍ୟୁ) : ମୁଣ୍ଡାରୀ ଭାଷାର ସୁରକ୍ଷା, ପ୍ରସାର ଓ ଉଚ୍ଚଶିକ୍ଷାରେ ଏହାର ପାଠ୍ୟକ୍ରମ ପ୍ରଚଳନ ଦାବିରେ ଓଡ଼ିଶା ମୁଣ୍ଡା ଛାତ୍ର ସଂଗଠନ ନେତୃତ୍ୱରେ ଭାଷା ଆନ୍ଦୋଳନ ଆରମ୍ଭ ହୋଇଛି । ରଙ୍ଗାମାଟିଆସ୍ଥିତ ବିର୍ସା ମୁଣ୍ଡା ଓ ମୁଣ୍ଡାରୀ ଲିପିର ସ୍ରଷ୍ଟା ଅଲଗୁରୁ ପଣ୍ଡିତ ରହିଦାସ ସିଂ ନାଗଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପଦଯାତ୍ରା ମାଧ୍ୟମରେ ଏହି ଆନ୍ଦୋଳନର ଶୁଭାରମ୍ଭ କରାଯାଇଥିଲା । ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ କଲେଜଗୁଡ଼ିକରେ ମୁଣ୍ଡାରୀ ଭାଷାର ପାଠ୍ୟକ୍ରମ ଓ ବିଭାଗ ଖୋଲିବା ସହ ବନଭୂମି କଲେଜରେ ମଧ୍ୟ ମୁଣ୍ଡାରୀ ଭାଷା ବିଭାଗ ଖୋଲିବାକୁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି । ମାତୃଭାଷାରେ ଉଚ୍ଚଶିକ୍ଷାର ସୁଯୋଗ ସୃଷ୍ଟି ସହ ଭାଷା ଓ ଲିପିର ସୁରକ୍ଷା ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି ରଖିଛନ୍ତି । ଛାତ୍ରନେତା ମଙ୍ଗଲ ସିଂଙ୍କ ସଭାପତିତ୍ୱରେ ଆୟୋଜିତ ପଦଯାତ୍ରାରେ କଲେଜ ଛାତ୍ରଛାତ୍ରୀ ସୋମା ସିଂ, ସତ୍ୟଜିତ୍ ସିଂ, ବାବୁଲା ସିଂ, ଦଳବନ୍ଧୁ ସିଂ ଓ ଚିନ୍ମୟ ସିଂଙ୍କ ସମେତ ମୁଣ୍ଡାରୀ ସାଂସ୍କୃତିକ ସାଓ୍ୱାର ଗୁଡ଼ଗାମ୍‌ର ସଭାପତି ନିରଞ୍ଜନ ସିଂ, ଜଗେଶ୍ୱର ସିଂ, ମୋ ମୟୂରଭଞ୍ଜ ସଂଗଠନର ସଭାପତି ଧର୍ମପଦ ସିଂ, ଭାରତ ମୁଣ୍ଡା ସମାଜର ସଭାପତି ରବୀନ୍ଦ୍ରନାଥ ସିଂ, ସମାଜସେବୀ କରମଜିତ୍ ସିଂ, ମୁଣ୍ଡା ଶାସନ ଗୁଡ଼ଗାମ୍‌ର ମନୋରଞ୍ଜନ ସିଂ, ଜଗନ୍ନାଥ ସିଂ, ରାମଚନ୍ଦ୍ର ସିଂ ଓ ଅନ୍ନପୂର୍ଣ୍ଣା ସିଂ ପ୍ରମୁଖ ଯୋଗଦେଇଥିଲେ । ବନଭୂମି କଲେଜ ଅଧ୍ୟକ୍ଷ ହରିଷଚନ୍ଦ୍ର ମହାନ୍ତ ମୁଣ୍ଡାରୀ ଭାଷା ସମ୍ପର୍କିତ ଦାବି ଉପରେ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି । ଶେଷରେ ରାମଚନ୍ଦ୍ର ସିଂ ଓ ଅନ୍ନପୂର୍ଣ୍ଣା ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

## ନନ୍ଦନକାନନରେ ମା' ହେଲା ସିଂହୀ ମାୟା : ଜନ୍ମ ହେଲେ ୨ ଛୁଆ

ବାରଙ୍ଗ, (ସବ୍ୟୁ): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ସୋମବାର ଦିନ ଖୁସି ମିଶା ଦୁଃଖର ଖବର ଆସିଛି । ସିଂହୀ 'ମାୟା' ଦୁଇଟି ଶାବକକୁ ଜନ୍ମ ଦେଇଛି । ମାତ୍ର ସେଥିମଧ୍ୟରୁ ଗୋଟିଏ ମୃତ ଜନ୍ମ ହୋଇଥିବା ବେଳେ ଅନ୍ୟଟି ଜୀବିତ ଅଛି । ପ୍ରଥମ ଥର ମା' ହୋଇଥିବାରୁ ମାୟା ଭିତରେ ମାତୃସୁଲଭ ଭାବ ଦେଖିବାକୁ ମିଳୁନାହିଁ । ସେ ଶାବକର ଯନି ନେବାରେ ଅସମର୍ଥ ହେଉଛି । ତେଣୁ ଜୀବିତ ଶାବକକୁ ଏଚ ଆର ସି ଅର୍ଥାତ୍ ଶିଶୁ ଲାଳନପାଳନ କେନ୍ଦ୍ରକୁ ସ୍ଥାନାନ୍ତର କରି ବୋତଲ ସାହାଯ୍ୟରେ ଯନି ନିଆଯାଉଛି ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ଅନୁସାରେ, ପ୍ରାୟ ସାଢେ ୩ ମାସ ତଳେ ସିଂହ 'ଶିବମ' ସହିତ ସିଂହୀ 'ମାୟା'ର ମିଳନ କରାଯାଇଥିଲା । ଗତ ମେ ୧୬ ଓ ୧୭ ତାରିଖରେ ଉଭୟଙ୍କ ମଧ୍ୟରେ ମିଳନ ଦେଖିବାକୁ ମିଳିଥିଲା । ମିଳନ ପରଠାରୁ ମାୟାକୁ ୨୯(ଏ) ଖୁଆଡ ପଛପଟେ କପଡା ଘେର ଭିତରେ ରଖାଯାଇଥିଲା । ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ସବୁପ୍ରକାର ଦେଖାରଖା ସହ ଭିଟାମିନ ଦିଆଯାଉଥିଲା । ସିସିଟିଭି ମାଧ୍ୟମରେ ୨୪ ଘଣ୍ଟିଆ ନଜର ରଖାଯାଇଥିଲା । ୧୧୨ ଦିନର ଗର୍ଭକାଳ ପରେ ରବିବାର ବହୁବିଳମ୍ବିତ ରାତି ୨ଟା ୪୧ ମିନିଟରେ ମାୟା ଏକ ମୃତ ଶାବକ ଏବଂ ସୋମବାର ସକାଳ ୫ଟା ୪୯ ରେ ଏକ ଜୀବିତ ଶାବକକୁ ଜନ୍ମ ଦେଇଛି ।

# ପୋଲିସର ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ବୁଗୁଡ଼ା, (ସବ୍ୟୁ): ମାସିକ ଶୂନ୍ୟ ମୃତ୍ୟୁ ସପ୍ତାହର ଅଂଶ ସ୍ୱରୂପ ବୁଗୁଡ଼ା ପୋଲିସ ଥାନା ପକ୍ଷରୁ ବାଲିପଦର ଠାରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୋଟର ଚାଳକ, ଆରୋହୀ ଏବଂ ସାଧାରଣ ଲୋକଙ୍କୁ ସୁରକ୍ଷିତ ରାସ୍ତା ବ୍ୟବହାର ଅଭ୍ୟାସ ସମ୍ପର୍କରେ ସଚେତନ କରିବା ପାଇଁ ଏକ ସଡ଼କ ସୁରକ୍ଷା ସଚେତନତା ଅଭିଯାନ କରାଯାଇଥିଲା । ଲୋକମାନଙ୍କୁ ଟ୍ରାଫିକ ନିୟମର କଠୋର ପାଳନ, ହେଲମେଟ୍ ଏବଂ ସିଟ୍ ବେଲ୍ଟ ପିନ୍ଧିବା, ଦ୍ରୁତ ଗତି ଏବଂ ବିପଦପୂର୍ଣ୍ଣ ଗାଡ଼ି ଚାଳନାରୁ ନିବୃତ୍ତ ରହିବା, ମଦ୍ୟପାନ କରି ଗାଡ଼ି ନଚଳାଇବା, ଗାଡ଼ି ଚାଳନା ସମୟରେ ମୋବାଇଲ୍ ଫୋନର ବ୍ୟବହାର ନକରିବା ଆଦି ଦିଗରେ ଯନିବାନ ହେବା ନିମନ୍ତେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ଏହି ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ବୁଗୁଡା ଥାନା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା, ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡିଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀମାନେ ସାମିଲ ଥିଲେ ।

## ନିୟମିତ ରକ୍ତଦାତା ଡଃ ନିରୋଜ କୁମାର ପୋଥାଲ ମିଥିଳାରେ ସମ୍ମାନିତ

ବାରିପଦା, (ସବ୍ୟୁ) : ବିହାରର ଦରଭଙ୍ଗା ମିଥିଳା ଅଞ୍ଚଳରେ ସୋସିଆଲ ଆକଫିଭିଷ୍ଟ ଓ୍ୱେଲଫେୟାର ଆସୋସିଏସନ୍ ଅଫ୍ ଭାରତ ପକ୍ଷରୁ ରାଷ୍ଟ୍ରୀୟ ରକ୍ତଦାନ ଶିବିର, ରାଷ୍ଟ୍ରୀୟ ରକ୍ତଦାତା ସମ୍ମିଳନୀ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ରାଷ୍ଟ୍ରୀୟ ସମ୍ମିଳନୀରେ ଦେଶର ବିଭିନ୍ନ ରାଜ୍ୟରୁ ନିୟମିତ ରକ୍ତଦାତାମାନେ ଯୋଗଦେଇଥିଲେ । ଏହି ଅବସରରେ ସମାଜସେବା ଓ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ରକ୍ତଦାତାମାନଙ୍କୁ ମାନପତ୍ର, ଟ୍ରଫି ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ସଭାରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଡଃ ଦୀପକ କୁମାର ମହାଥା ସଭାପତିତ୍ୱ କରିଥିବା ବେଳେ ରାଷ୍ଟ୍ରୀୟ ପେଟ୍ରୋନ୍ ସୁମନ କୁମାର ମହାସେଠ ମଞ୍ଚ ପରିଚାଳନା କରିଥିଲେ । ସମ୍ମାନନୀୟ ଅତିଥି ଭାବେ କ୍ୟାପଟେନ୍ ସୁରେଶ କୁମାର ସାଇନି, ଗୋପାଳ ସିଂହ ଓ ରଞ୍ଜିତ ମିଶ୍ର ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ବାରିପଦାର ନିୟମିତ ରକ୍ତଦାତା ତଥା ସମାଜସେବୀ ଡଃ ନିରୋଜ କୁମାର ପୋଥାଲଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯାଇ ସମ୍ମାନିତ କରାଯାଇଥିଲା । ଡଃ ପୋଥାଲ ଏପର୍ଯ୍ୟନ୍ତ ୧୩୯ ଥର ରକ୍ତଦାନ କରିବା ସହିତ ବିଭିନ୍ନ ସମୟରେ ରକ୍ତଦାନ ଶିବିର ଆୟୋଜନ କରି ଅସହାୟ ଓ ଆବଶ୍ୟକତାପୂର୍ଣ୍ଣ ରୋଗୀମାନଙ୍କୁ ରକ୍ତ ଯୋଗାଇ ଆସୁଛନ୍ତି । ରକ୍ତଦାନକୁ ଏକ ମହତ୍ ସାମାଜିକ ସେବା ଭାବେ ଗ୍ରହଣ କରି ଦୀର୍ଘଦିନ ଧରି ତାଙ୍କର ନିରନ୍ତର ସେବା ପାଇଁ ତାଙ୍କୁ ଏହି ରାଷ୍ଟ୍ରୀୟ ମଞ୍ଚରେ ସମ୍ମାନିତ କରାଯାଇଥିଲା ।

# ଶ୍ରୀମଦ୍ ଭାଗବତ ଗୀତା ବିଦ୍ୟା ମନ୍ଦିରରେ ଗୁରୁ ଦିବସ



ଭୁବନେଶ୍ୱର, (ସବ୍ୟୁ) : ଶ୍ରୀମଦ ଭାଗବତ ଗୀତା ବିଦ୍ୟା ମନ୍ଦିର ପରିସରରେ ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ପୁଣ୍ୟ ଜନ୍ମ ତିଥି ଅବସରରେ ଗୁରୁଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ମାନଙ୍କର ଉଦ୍ୟମ ଏବଂ ସମସ୍ତଙ୍କର ସହଯୋଗ ଯୋଗୁଁ କାର୍ଯ୍ୟକ୍ରମ ଅତି ସରସ ଓ ସୁନ୍ଦର ହୋଇପାରିଲା । କାର୍ଯ୍ୟକ୍ରମରେ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସତ୍ୟ ଦର୍ଶନ ମାହୁନ୍ତ, ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ଅନଙ୍ଗ ଚରଣ ଦାସ ତଥା ବିଦ୍ୟାଳୟ ପରିଚାଳନା ସମିତିର ସଭାପତି କିଶୋର ଚନ୍ଦ୍ର ମହାପାତ୍ର, ସମ୍ପାଦକ ସମରେନ୍ଦ୍ର ଜେନା ତଥା ସମସ୍ତ ଗୁରୁଜୀ, ଗୁରୁମା ଉପସ୍ଥିତ ଥିଲେ । ଦିବସର ମହତ୍ତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀମାନେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଛାତ୍ରଛାତ୍ରୀମାନେ ଏହି ଦିବସ ଅବସରରେ ଗୁରୁ ପୂଜନ କରିଥିଲେ । ଗୁରୁଜୀ, ଗୁରୁମା ମାନେ ଛାତ୍ରଛାତ୍ରୀମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଗୁରୁଜୀ, ଗୁରୁମାଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲ ।

# ଆରାବଳୀ କମିଟିକୁ ଅଧିକ ସମୟ ଦେଲେନି ସୁପ୍ରିମକୋର୍ଟ



ନୂଆଦିଲ୍ଲୀ: ଆରାବଳୀ ପାହାଡ଼ର ପରିଭାଷା ଓ ସୁରକ୍ଷା ସମ୍ପର୍କିତ ରିପୋର୍ଟ ଦାଖଲ ପାଇଁ ଉଚ୍ଚ-କ୍ଷମତାପ୍ରାପ୍ତ କମିଟିକୁ ଆଉ ୬ ମାସ ସମୟ ଦେବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। କମିଟି ଫେବୃଆରି ୨୮, ୨୦୨୭ ପର୍ଯ୍ୟନ୍ତ ସମୟ ମାଗିଥିଲା। ତେବେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଭି. ମୋହନାଙ୍କ ଖଣ୍ଡପୀଠ ନଭେମ୍ବର ୩୦ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।କମିଟିର ଅଧିକ ସମୟ ଦେବା ଅନୁରୋଧରେ ଅସନ୍ତୋଷ ପ୍ରକାଶ କରି ପ୍ରଧାନ ବିଚାରପତି କହିଥିଲେ, କମିଟି ଯେପରି ତାଙ୍କ ଅବସରକୁ ଅପେକ୍ଷା କରୁଛି। ଜଷ୍ଟିସ ସୂର୍ଯ୍ୟକାନ୍ତ ୯ ଫେବ୍ରୁଆରି ୨୦୨୭ରେ ଅବସର ନେବେ। ଖଣ୍ଡପୀଠ କହିଛନ୍ତି, କମିଟି ଆବଶ୍ୟକ ହେଲେ ଦିନରାତି କାମ କରି ରିପୋର୍ଟ ଦେଉ। ନିର୍ଦ୍ଧାରିତ ସମୟରେ ରିପୋର୍ଟ ଦେଇ ନ ପାରିଲେ ନୂଆ କମିଟି ଗଠନ କରାଯିବ। ଏହାପରେ ଆଉ ସମୟ ବଢ଼ାଯିବ ନାହିଁ ବୋଲି ମଧ୍ୟ ଅଦାଲତ ସ୍ପଷ୍ଟ କରିଛନ୍ତି। କମିଟିକୁ ରାଜସ୍ଥାନ ଓ ଗୁଜରାଟର ଆଦିବାସୀ ସମୁଦାୟ ସମେତ ସମସ୍ତ ପକ୍ଷଙ୍କ ମତ ଶୁଣିବାକୁ କୁହାଯାଇଛି। ତୁରନ୍ତ ଫଇସଲା ଆବଶ୍ୟକ ଥିବା କୌଣସି ପ୍ରସଙ୍ଗରେ କମିଟି ପୃଥକ୍ ଅନ୍ତରୀଣ ରିପୋର୍ଟ ଦେଇପାରିବ। ଆରାବଳୀର ପରିଭାଷାକୁ ନେଇ ବିବାଦ ପରେ ସୁପ୍ରିମ୍କୋର୍ଟ ୨୦୨୫ ଡିସେମ୍ବରରେ ସ୍ୱତଃସ୍ଫୂର୍ତ୍ତ ଭାବେ ମାମଲା ଗ୍ରହଣ କରିଥିଲେ। ଏହା ପୂର୍ବରୁ ୨୦୨୫ ନଭେମ୍ବର ୨୦ର ରାୟରେ ୧୦୦ ମିଟର କିମ୍ବା ତା'ଠାରୁ ଅଧିକ ସ୍ଥାନୀୟ ଉଚ୍ଚତା ଥିବା ଭୂଭାଗକୁ ଆରାବଳୀ ପାହାଡ଼ ଏବଂ ଏଭଳି ଦୁଇ କିମ୍ବା ଅଧିକ ପାହାଡ଼ ୫୦୦ ମିଟର ମଧ୍ୟରେ ଥିଲେ ତାହାକୁ ଆରାବଳୀ ରେଞ୍ଜ ଭାବେ ପରିଭାଷିତ କରାଯାଇଥିଲା। ଏହି ରାୟକୁ ନେଇ ପରିବେଶବିତ୍ଙ୍କ ଆପତ୍ତି ପରେ ୨୦୨୫ ଡିସେମ୍ବର ୨୯ରେ ସୁପ୍ରିମକୋର୍ଟ ଏହାକୁ ସ୍ଥଗିତ ରଖିଥିଲେ।

# ମେଟ୍ରୋ ରେଲରେ ଆମେରିକାକୁ ଟପିବ ଭାରତ

ନୂଆଦିଲ୍ଲୀ: ଗତ କିଛି ବର୍ଷ ମଧ୍ୟରେ ଭାରତରେ ମେଟ୍ରୋରେଲ ନେଟ୍ୱର୍କରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି। ଖୁବ୍ଶୀଘ୍ର ଏହା ଆମେରିକାକୁ ଅତିକ୍ରମ କରି ବିଶ୍ୱର ଦ୍ୱିତୀୟ ବୃହତ୍ ନେଟୱର୍କ ହେବାକୁ ଯାଉଛି। ଆସନ୍ତା ଦୁଇ ବର୍ଷରେ ଭାରତ ଏହି ଉପଲବ୍ଧି ହାସଲ କରିବାକୁ ଯାଉଛି ବୋଲି ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ କହିଛନ୍ତି। ଆମେରିକାରେ ବର୍ତ୍ତମାନ ୧୩୮୬ କିଲୋମିଟରର ମେଟ୍ରୋ ରେଲ ନେଟ୍ୱର୍କ ରହିଛି। ଭାରତରେ ତାହା ୧୧୭୦ କିମି ଅଛି। ଆମେରିକାଠାରୁ ଭାରତ ଆଉ ମାତ୍ର ୨୧୬ କିମି ପଛରେ ରହିଛି। ଆସନ୍ତା ଦୁଇ ବର୍ଷରେ ଆମେ ଆମେରିକାକୁ ଅତିକ୍ରମ କରିବା ସହ ଚୀନ ପଛକୁ ଦ୍ୱିତୀୟ ସ୍ଥାନରେ ରହିବା ବୋଲି ସେ ଆଶା ପ୍ରକଟ କରିଛନ୍ତି। ୧୯୮୪ରେ ଭାରତରେ ମେଟ୍ରୋ



ରେଲ ପ୍ରକଳ୍ପ ଆରମ୍ଭ ହୋଇଥିଲା। ୨୦୧୪ ସୁଦ୍ଧା ମାତ୍ର ପାଞ୍ଚଟି ସହରରେ ୨୪୫ କିମିର ମେଟ୍ରୋ ନେଟ୍ୱର୍କ ରହିଥିଲା। ତାପରଠାରୁ ଏହି ନେଟ୍ୱର୍କ ଦ୍ରୁତ ଗତିରେ ବିସ୍ତାର ହୋଇଛି। ବର୍ତ୍ତମାନ ୨୬ଟି ସହରରେ ୧୧୭୦ କିମିର ନେଟ୍ୱର୍କ ରହିଛି। ଅର୍ଥାତ ଏକ ଦଶନ୍ଧି ମଧ୍ୟରେ ମେଟ୍ରୋ ରେଲ ନେଟୱର୍କରେ ଚାରି ଗୁଣା ବୃଦ୍ଧି ହୋଇଛି। ବର୍ତ୍ତମାନ ଭାରତ ହେଉଛି ବିଶ୍ୱର ତୃତୀୟ ବଡ଼ ମେଟ୍ରୋ ନେଟ୍ୱର୍କ। ୨୦୧୪ ପରେ ୩.୪୪ ଲକ୍ଷ କୋଟି ଟଙ୍କା ନିବେଶର ୧୦୫୧ କିଲୋମିଟର ବିଶିଷ୍ଟ ୩୮ଟି ମେଟ୍ରୋ ରେଲ ପ୍ରକଳ୍ପ ମଞ୍ଜୁର କରାଯାଇଥିଲା। ୨୦୧୩-୧୪ରେ ମେଟ୍ରୋ ପାଇଁ ବାର୍ଷିକ ବଜେଟ୍ ୫୭୯୮ କୋଟି ଟଙ୍କା ଥିଲା। ୨୦୨୫-୨୬ରେ ତାହା ୨୯,୫୫୦ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା।

## ଏୟାର ଇଣ୍ଡିଆ ଏକ୍ସପ୍ରେସ ବିମାନର ଜରୁରୀ ଅବତରଣ

କୋଚି: ଲଗାତାର ବିମାନ ଯାତ୍ରା ସମୟରେ ବିଭିନ୍ନ ତ୍ରୁଟି ସାମ୍ନାକୁ ଆସିବାରେ ଲାଗିଛି। ସୋମବାର ଦିନ ସେଭଳି ଏକ ଭୟଙ୍କର ବିମାନ ଯାତ୍ରା ଦେଖିବାକୁ ମିଳିଛି। ରିପୋର୍ଟ ଅନୁସାରେ, କୋଚିରୁ ଆବୁଧାବି ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସର ବିମାନର ଏକ ଇଞ୍ଜିନରେ ହଠାତ୍ ଇନ୍ଧନ ସରିଯାଇଥିଲା। ମଝି ଆକାଶରେ ଥିବା ସମୟରେ ଇନ୍ଧନ ଦ୍ରୁତ ଗତିରେ ସରିବା ଦେଖି ଇଞ୍ଜିନ-୧କୁ ବନ୍ଦ କରିଦିଆଯାଇଥିଲା।ପରେ ବିମାନଟି କୋଚି ଅନ୍ତର୍ଜାତୀୟ ବିମାନବନ୍ଦରରେ ସୁରକ୍ଷିତ ଭାବରେ ଅବତରଣ କରିଥିଲା। ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଫ୍ଲାଇଟ୍ ଆଇଏକ୍ସ-୪୧୫ କୋଚିରୁ ଆବୁଧାବି ଯାତ୍ରା କରୁଥିଲା। କିନ୍ତୁ, ବିମାନଟି ଅଧାବାଟରୁ କୋଚିକୁ ଫେରିବାକୁ ବାଧ୍ୟ ହୋଇଥିଲା। ଉଡ଼ାଣ ସମୟରେ ବୋଇଂ ୭୩୭ ବିମାନଟି କର୍ମଚାରୀମାନେ ଦେଖିଲେ ଯେ ଇଞ୍ଜିନ-୧ ରେ ଇନ୍ଧନ ସ୍ତର ଦ୍ରୁତ ଗତିରେ ହ୍ରାସ ପାଉଛି।ଏୟାର ଇଣ୍ଡିଆ ଏକ୍ସପ୍ରେସ ଉଡ଼ାଣ ଆରମ୍ଭ କରିବାର ପ୍ରାୟ ୫୦ ମିନିଟ୍ ପରେ, ପାଇଲଟ୍ ଏବଂ କୋ-ପାଇଲଟ୍ ଏହା ଲକ୍ଷ୍ୟ କରିଥିଲେ। ସେତେବେଳେ ବିମାନଟି ୩୬ ହଜାର ଫୁଟ ଉଚ୍ଚତାରେ ଉଡୁଥିଲା।

## ଜାତିସଂଘର କାଶ୍ମୀର ମାନଚିତ୍ର ନେଇ ପାକିସ୍ତାନ ଆତଙ୍କିତ

ଇସଲାମାବାଦ:ଜାତିସଂଘର ଜମ୍ମୁ-କାଶ୍ମୀର ମାନଚିତ୍ର ଉପରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ବିବୃତିରେ କ୍ରୋଧିତ ହୋଇ ପାକିସ୍ତାନ ସୋମବାର ପୁଣି ଏକ ଉତ୍ତେଜନାମୂଳକ କାର୍ଯ୍ୟ କରି ନୂଆଦିଲ୍ଲୀର ଦାବିକୁ ଭିତ୍ତିହୀନ ବୋଲି କହିଛି। ବିଶ୍ୱ ମାନଚିତ୍ରକୁ ସନ୍ତୁଳିତ କରିବା ପାଇଁ ଆଫ୍ରିକୀୟ ୟୁନିଅନର ପ୍ରସ୍ତାବକୁ ସମର୍ଥନ କରିବା ପରେ ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କାଶ୍ମୀର ଏବଂ ଲଦାଖ ସମ୍ପର୍କରେ ସ୍ପଷ୍ଟୀକରଣ ଜାରି କରିବାର ଗୋଟିଏ ଦିନ ପରେ ଏହି ବିବୃତି ଆସିଛି। ମହାଦେଶୀୟ ଭୂଖଣ୍ଡକୁ ଅଧିକ ସଠିକ୍ ଭାବରେ ପ୍ରତିଫଳିତ କରିବା ପାଇଁ ବିଶ୍ୱ ମାନଚିତ୍ରକୁ ସଂଶୋଧନ କରିବା ପାଇଁ ଏକ ପ୍ରସ୍ତାବ ସପକ୍ଷରେ ଜାତିସଂଘ ସାଧାରଣ ସଭାରେ ଭୋଟ୍ ଦେବାର ଦୁଇ ଦିନ ପରେ ନୂଆଦିଲ୍ଲୀ ପକ୍ଷରୁ ବିବୃତି ଜାରି କରାଯାଇଥିଲା। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଥିଲେ ଯେ, ଭାରତ ମାନଚିତ୍ର ସପକ୍ଷରେ ଭୋଟ୍ ଦେଇଛି।

## ଦିଲ୍ଲୀରେ କୋଠା ଭୁଶୁଡ଼ିବା ଘଟଣା

# ସବୁ ପିଜି ହଷ୍ଟେଲ ଯାଞ୍ଚ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ

ନୂଆଦିଲ୍ଲୀ: ଦକ୍ଷିଣ ଦିଲ୍ଲୀର ସତ୍ୟନିକେତନରେ ରବିବାର ଏକ ୫ ମହଲା କୋଠା ଭୁଶୁଡ଼ି ୭ ଜଣଙ୍କ ମୃତ୍ୟୁ ଘଟଣାକୁ ନେଇ ଦିଲ୍ଲୀ ହାଇକୋର୍ଟ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସୋମବାର ମାମଲାର ଶୁଣାଣି କରି ହାଇକୋର୍ଟ ଦିଲ୍ଲୀ ନଗର ନିଗମ (ଏମ୍ସିଡି)କୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ କହିଛନ୍ତି। ଭୁଶୁଡ଼ିଥିବା କୋଠା ଆବଶ୍ୟକ ଅନୁମତି ନେଇ ନିର୍ମାଣ ହୋଇଥିଲା କି ନାହିଁ, ତାହା ଯାଞ୍ଚ କରିବା ସହ ନିୟମ ଉଲ୍ଲଙ୍ଘନ ହୋଇଥିଲେ ଦାୟୀ ଅଧିକାରୀଙ୍କ ଉତ୍ତରଦାୟିତ୍ୱ ଧାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।ଏହି ମାମଲାରେ ସତ୍ୟ ନିକେତନର ପେଇଂ ଗେଷ୍ଟ୍ (ପିଜି) ବ୍ୟବସ୍ଥା ଉପରେ ମଧ୍ୟ ହାଇକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଦିଲ୍ଲୀର ସମସ୍ତ ପିଜି ହଷ୍ଟେଲ୍ର ଯାଞ୍ଚ କରି ସେଗୁଡ଼ିକର ନିର୍ମାଣ ନିୟମ ଓ ଅନୁମତି ଅନୁସାରେ ହୋଇଛି କି ନାହିଁ, ତାହାର ରିପୋର୍ଟ ଦେବାକୁ ଏମ୍ସିଡିକୁ କୁହାଯାଇଛି। ଏହାସହ ପିଜିରେ କେତେ ଛାତ୍ର ରହୁଛନ୍ତି, ସେ ସମ୍ପର୍କିତ ତଥ୍ୟ ମଧ୍ୟ ମଗାଯାଇଛି। ଶୁଣାଣି ବେଳେ ଅଦାଲତ କହିଛନ୍ତି, ଛାତ୍ରମାନେ ଫ୍ଲାଟ୍ ଭଡ଼ା ନେଇ ମଧ୍ୟ ରହୁଛନ୍ତି। ତେଣୁ କେଉଁ ଭଡ଼ା ଘର ପିଜି ଭାବେ ବ୍ୟବହାର ହେଉଛି,



ତାହା କିପରି ଚିହ୍ନଟ କରାଯିବ ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ପିଜି ପାଇଁ ନିର୍ଦ୍ଦିଷ୍ଟ ନିୟମ ନ ଥିଲେ ସରକାର ତାହା ପ୍ରସ୍ତୁତ କରିବା ଉଚିତ ବୋଲି କୋର୍ଟ କହିଛନ୍ତି। ପିଜିର ଆକାର, ବିଦ୍ୟୁତ୍ ବ୍ୟବସ୍ଥା ଓ ସୁରକ୍ଷା ଭଳି ବିଷୟରେ ନିୟମ ରହିବା ଆବଶ୍ୟକ ବୋଲି ଅଦାଲତ ମତ ଦେଇଛନ୍ତି। ଅନୁମତିଠାରୁ ଅଧିକ ମହଲା ନିର୍ମାଣ କରାଯାଉଥିବା ନେଇ ମଧ୍ୟ କୋର୍ଟ ଚିନ୍ତା ପ୍ରକାଶ କରିଛନ୍ତି। ୨ ମହଲା ପାଇଁ ଅନୁମତି ନେଇ ୭ ମହଲା ନିର୍ମାଣ କରାଯିବା ଭଳି ଅଭିଯୋଗ ଯଦି ସତ ହୁଏ, ତେବେ ଏପରି ଅନିୟମିତତା ଦୁର୍ଘଟଣାର କାରଣ ହୋଇପାରେ। ଦେଶର ବିଭିନ୍ନ ସ୍ଥାନରୁ ଉଚ୍ଚଶିକ୍ଷା ପାଇଁ ଦିଲ୍ଲୀ ଆସୁଥିବା ଯୁବକଯୁବତୀଙ୍କ ପାଇଁ ଅଧିକ ହଷ୍ଟେଲ୍ ନିର୍ମାଣ ଉପରେ ନିବେଶ କରିବା ଦେଶର ଭବିଷ୍ୟତ ପାଇଁ ନିବେଶ ସଦୃଶ ବୋଲି ଅଦାଲତ କହିଛନ୍ତି। ସରକାରଙ୍କ ପକ୍ଷରୁ ଛାତ୍ରାବାସ ସୁବିଧା ବଢ଼ାଇବା ପାଇଁ ସଲିସିଟର ଜେନେରା କେନ୍ଦ୍ର ସରକାରଙ୍କ ନିକଟରେ ବିଷୟ ଉଠାଇବାକୁ କୁହାଯାଇଛି। ଘଟଣା ନେଇ କେନ୍ଦ୍ର, ଦିଲ୍ଲୀ ସରକାର, ଏମ୍ସିଡି ଓ ଜାତୀୟ ମାନବାଧିକାର କମିସନ୍ (ଏନ୍ଏଚ୍ଆର୍ସି)ଠାରୁ ରିପୋର୍ଟ ମଗାଯାଇଛି। ଉଦ୍ଧାର କାର୍ଯ୍ୟକୁ ଦୁଇଗୁଣ କରି ଅଧିକ ଜୀବନ ବଞ୍ଚାଇବାକୁ କୋର୍ଟ ଆଶା ପ୍ରକାଶ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୬ରେ ହେବ। ଏପର୍ଯ୍ୟନ୍ତ ଘଟଣାସ୍ଥଳରୁ ୧୨ ଜଣଙ୍କୁ ଉଦ୍ଧାର କରାଯାଇଛି। ଏମସିଡି ଦକ୍ଷିଣ ଜୋନର ଡେପୁଟି କମିସନର୍ ରାକେଶ କୁମାରଙ୍କ ସମେତ ୪ ଜଣ ଇଞ୍ଜିନିୟରଙ୍କୁ ନିଲମ୍ବିତ କରାଯାଇଛି। କୋଠାର ମାଲିକଙ୍କୁ ରାଜସ୍ଥାନର ଭିୱାଡ଼ିରୁ ପୁଲିସ ଗିରଫ କରିଛି।

## ଚୋରି ଭୟରେ ୨ ମହଲା ଛାତକୁ ଏସ୍ୟୁଭି ଉଠାଇଲେ ବିହାର ବ୍ୟକ୍ତି

ପାଟନା: ବିହାରରେ ଜଣେ ବ୍ୟକ୍ତି ନିକଟରେ ମହୀନ୍ଦ୍ରା ସ୍କର୍ପିଓ କ୍ଲାସିକ୍ ଗାଡ଼ି କିଣିଥିଲେ। ଏହି ଗାଡ଼ିଟି ଚୋରି ହୋଇଯିବା ଭୟରେ ସେ ଏହାକୁ ତାଙ୍କ ୨ ମହଲା ବିଶିଷ୍ଟ ଘରର ଛାତ ଉପରକୁ ଉଠାଇଛନ୍ତି। ଗାଡ଼ିଟିକୁ ଏକ କ୍ରେନ୍ ସାହାଯ୍ୟରେ ଉପରକୁ ଉଠାଇ ଏହାକୁ ଘରର ଛାତ ଉପରେ ରଖାଯାଉଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି। ମିଳିଥିବା ସୂଚନାନୁଯାୟୀ, ଏସ୍ୟୁଭିଟି ମନୋଜ ଯାଦବ ନାମକ ଜଣେ ବ୍ୟକ୍ତିଙ୍କର। ସେ ନିକଟରେ ଏହି ଗାଡ଼ିକୁ କିଣିଥିଲେ।ଯାଦବ ଇସ୍ରାଏଲରେ କାମ କରନ୍ତି ଏବଂ ସେ ଜଣେ ଡ୍ରାଇଭରଙ୍କ ହେପାଜତରେ ଗାଡ଼ିକୁ ଛାଡ଼ି ଯାଇଥିଲେ। କିନ୍ତୁ ପରେ ଡ୍ରାଇଭର ମଧ୍ୟ ଚାଲିଯିବାରୁ ତାଙ୍କ ଗାଡ଼ିର ସୁରକ୍ଷାକୁ ନେଇ ସେ ଚିନ୍ତା ପ୍ରକଟ କରିଥିଲେ। ପରେ ପରିବାର ସଦସ୍ୟ କାର୍କୁ ଘରର ଛାତ ଉପରକୁ ଉଠାଇବା ପାଇଁ ନିଷ୍ପତ୍ତି ନେଇଥିଲେ। କ୍ରେନ୍ ସାହାଯ୍ୟରେ କାର୍କୁ ଛାତ ଉପରକୁ ଉଠାଯାଇଛି।

# ଚନ୍ଦ୍ର ଅଭିଯାନରେ ଭାରତକୁ ସହଯୋଗ କରିବ ଆମେରିକା

ବେଙ୍ଗାଲୁରୁ:ଭାରତରେ ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗୋର୍ ଉଭୟ ଦେଶର ମହାକାଶ କାର୍ଯ୍ୟକ୍ରମର ଭବିଷ୍ୟତ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତି ଦେଇଛନ୍ତି। ସେ କହିଛନ୍ତି ଯେ, ଆମେରିକା ଚନ୍ଦ୍ରକୁ ପୁଣି ଯିବ, ଏବଂ ଆମେ ଚାହୁଁଛୁ ଯେ, ଯେତେବେଳେ ଏହା ଘଟିବ ସେତେବେଳେ ଭାରତ ଆମ ସହିତ ଥିବ। ସେ ଆହୁରି ମଧ୍ୟ କହିଛନ୍ତି ଯେ ନାସା ଇସ୍ରୋକୁ ଏହାର ଚନ୍ଦ୍ର ବେସ୍ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆନୁଷ୍ଠାନିକ ଭାବରେ ନିମନ୍ତ୍ରଣ କରିଛି। ବେଙ୍ଗାଲୁରୁ ସ୍ପେସ୍ ଏକ୍ସପୋ ୨୦୨୬ରେ ଭାଷଣ ଦେଇ ଗୋର୍ କହିଛନ୍ତି, ଭାରତ ଆର୍ଟେମିସ୍ ଚୁକ୍ତିନାମାର ଏକ ଗର୍ବିତ ସ୍ୱାକ୍ଷରକାରୀ ଦେଶ। ଆମେ ଚନ୍ଦ୍ରକୁ ପୁଣି ଯିବୁ। ଆମେ ଚାହୁଁଛୁ ଯେ ଭାରତ ଚନ୍ଦ୍ର ପୃଷ୍ଠରେ ଆମ ସହିତ ରହୁ। ସର୍ଗିଓ ଗୋର୍ଙ୍କ ଏହି ମନ୍ତବ୍ୟ ଏପରି ଏକ ସମୟରେ ଆସିଛି ଯେତେବେଳେ ଆର୍ଟେମିସ୍ ମିଶନ ଅନ୍ତର୍ଗତ ନାସା ବୈଜ୍ଞାନିକ ଆବିଷ୍କାର, ଆର୍ଥିକ ଲାଭ ପାଇଁ ଏବଂ ମଙ୍ଗଳ ଗ୍ରହକୁ ପ୍ରଥମ କ୍ରୁ ମିଶନ ପାଇଁ ଭିତ୍ତିଭୂମି ସ୍ଥାପନ ପାଇଁ ଚନ୍ଦ୍ରର ଅଧିକ ଅଞ୍ଚଳରେ ଅନୁସନ୍ଧାନ କରିବା ପାଇଁ ମହାକାଶଚାରୀମାନଙ୍କୁ ବର୍ଦ୍ଧିତ ଚ୍ୟାଲେଞ୍ଜିଂ ମିଶନରେ ପଠାଇବ। ମହାକାଶ କ୍ଷେତ୍ରରେ ଭାରତ ଏବଂ ଆମେରିକା ମଧ୍ୟରେ ସହଯୋଗ ଉପରେ ଆଲୋକପାତ କରି ଗୋର୍ କହିଛନ୍ତି ନିସାର ମିଶନ ପ୍ରଦର୍ଶନ କରିଛି ଯେ କିପରି ମିଳିତ ପ୍ରଯୁକ୍ତିବିଦ୍ୟା ସିଧାସଳଖ ଜୀବନ ରକ୍ଷା



କରିବାରେ ସାହାଯ୍ୟ କରିପାରିବ। ଯେତେବେଳେ ଆମେ ନିସାରକୁ ଦେଖୁ, ଆମେ ଦେଖୁ ଯେ ନାସା ଏବଂ ଇସ୍ରୋ କେବଳ ବୈଜ୍ଞାନିକ ନୀତିର ଏକ ସ୍ମାରକୀ ସୃଷ୍ଟି କରିନଥିଲେ, ସେମାନେ ଏକ ଜୀବନ ରକ୍ଷାକାରୀ ଭାବନା ସୃଷ୍ଟି କରିଥିଲେ। ଦୁଇ ମାସ ପୂର୍ବେ, ଯେତେବେଳେ ଭେନେଜୁଏଲାରେ ଏକ ଭୟଙ୍କର ଭୂମିକମ୍ପ ଘଟିଥିଲା, ନିସାର ରାଡାର ତଥ୍ୟ ଘନ ମେଘ ଏବଂ ଧୂଳି ମଧ୍ୟ ଦେଇ ଭୂମି ଶୂନ୍ୟରେ ଜରୁରୀକାଳୀନ ପ୍ରତିକ୍ରିୟାକାରୀଙ୍କ ନିକଟରେ ସିଧାସଳଖ ସୂଚନା ପହଞ୍ଚାଇଥିଲା। ଗୋର୍ କହିଛନ୍ତି, ଏହା ଏକ ଉଦାହରଣ, ଯେତେବେଳେ ଆମେ ଏକାଠି କାମ କରୁ, କିପରି ଚମତ୍କାର ଘଟିଥାଏ। ଏହି ମିଳିତ ପ୍ରଯୁକ୍ତିବିଦ୍ୟା ଜୀବନ ବଞ୍ଚାଇବାରେ ସହାୟକ ହେଉଛି।ମାନବ ମହାକାଶ ଯାତ୍ରାରେ ଭାରତର ବର୍ଦ୍ଧିତ ଭୂମିକା ଏବଂ ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲାଙ୍କ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ ଗସ୍ତ ବିଷୟରେ କହି ଗୋର୍ କହିଛନ୍ତି, ଗତ ବର୍ଷ ଶୁକ୍ଲାଙ୍କ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ ଗସ୍ତ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଥିଲା, ଯାହା ଆମେରିକାର ସହଯୋଗ ଏବଂ ସହଭାଗୀତା ଦ୍ୱାରା ସମ୍ଭବ ହୋଇପାରିଥିଲା। ଆତ୍ମବିଶ୍ୱାସ କ୍ଷମତା ନିର୍ମାଣ କରେ। କ୍ଷମତା ମହତ୍ତ୍ୱାକାଂକ୍ଷା ନିର୍ମାଣ କରେ, ଏବଂ ମହତ୍ତ୍ୱାକାଂକ୍ଷା ଆମକୁ ଷ୍ଟ୍ରାଟୋସ୍ଫିୟର ବାହାରକୁ ନେଇଯାଏ। ଆକ୍ସିଓମ୍-୪ ମିଶନ ଏବଂ ପାଞ୍ଚଟି ମିଳିତ ବିଜ୍ଞାନ ଅନୁସନ୍ଧାନ ପରେ, ଆମେ ଏବେ ଡକିଂ ମାନକ, ଆନ୍ତଃକାର୍ଯ୍ୟକ୍ଷମତା ଏବଂ ମହାକାଶଚାରୀ ତାଲିମ ଉପରେ ଧ୍ୟାନ ଦେଉଛୁ ବୋଲି ଗୋର୍ କହିଛନ୍ତି।

## ଉତ୍ତରପ୍ରଦେଶରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ୧୨ ମୃତ

ଲକ୍ଷ୍ନୌ: ଉତ୍ତରପ୍ରଦେଶର ବାଗପତ ଜିଲ୍ଲାରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୨ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୩୨ ଜଣ ଆହତ ହୋଇଛନ୍ତି। ସେମାନେ ରାଜସ୍ଥାନରୁ ଏକ ପିକ୍ଅପ୍ ଗାଡ଼ିରେ ବଦାୟୁଁ ଯାଉଥିବାବେଳେ ବାଟରେ ସେମାନଙ୍କ ଗାଡ଼ି ଏକ ରୋଡ୍ ଡିଭାଇଡର୍ରେ ପିଟି ହୋଇ ଓଲଟି ପଡ଼ିଥିଲା। ଫଳରେ ୧୨ ଜଣଙ୍କର ମୃତ୍ୟୁ ହୋଇଯାଇଛି। ସିଏମ୍ଓ (ମୁଖ୍ୟ ମେଡିକାଲ ଅଫିସର) ଡା. ତୀର୍ଥ ଲାଲ୍ ଏହି ଦୁର୍ଘଟଣାରେ ୧୨ ଜଣଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ କରିଛନ୍ତି। ମିଳିଥିବା ସୂଚନାନୁଯାୟୀ ଖେକରା ଥାନା ଅଞ୍ଚଳ ଅଧୀନରେ ଗତକାଲି ରାତି ୧୨ଟା ୩୦ ସମୟରେ ଏହି ଦୁର୍ଘଟଣା ହୋଇଥିଲା।

## ପ.ବଙ୍ଗରେ ଦୁର୍ଗାପୂଜା ପାଇଁ ମାର୍ଗଦର୍ଶିକା ଜାରି

# ମହାଷ୍ଟମୀରେ ମଦ ବିକ୍ରି ବନ୍ଦ, ଡିଜେ ସଂପୂର୍ଣ୍ଣ ନିଷିଦ୍ଧ

କୋଲକାତା : ଚଳିତ ବର୍ଷ ଦୁର୍ଗା ପୂଜା ପାଇଁ ଜାରି ହୋଇଛି ଗାଇଡଲାଇନ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଗାଇଡଲାଇନ ଜାରି କରିଛନ୍ତି। ନୂଆ ନିର୍ଦ୍ଦେଶନାମା ଅନୁସାରେ ମହାଷ୍ଟମୀ ଦିନ ରାଜ୍ୟରେ କୌଣସି ପ୍ରକାରର ମଦ ବିକ୍ରି ହୋଇପାରିବ ନାହିଁ। ସେହିପରି ମା'ଙ୍କ ଭସାଣ ଉତ୍ସବରେ କେହି ବି କୌଣସି ପରିସ୍ଥିତିରେ ଡିଜେର ବ୍ୟବହାର କରିପାରିବେ ନାହିଁ ବୋଲି ଘୋଷଣା କରିଛନ୍ତି। ଶୁଭେନ୍ଦୁ ଅଧିକାରୀଙ୍କ ପ୍ରଶାସନ ପୂର୍ବରୁ କ୍ଷମତାସୀମନ ମମତା ବାନାର୍ଜୀଙ୍କ ଲୋକପ୍ରିୟ ପୂଜା ପରବର୍ତ୍ତୀ ମହୋତ୍ସବ ଉପରେ ସଂପୂର୍ଣ୍ଣ ରୋକ ଲଗାଇ ଦେଇଛନ୍ତି। ଏହି ମହୋତ୍ସବରେ ପ୍ରବଳ ଭିଡ଼ ହେଉଥିଲା।ଏହାର ଲୋକପ୍ରିୟତା ମଧ୍ୟ ଯଥେଷ୍ଟ ଅଧିକ ରହିଥିଲା। କିନ୍ତୁ ମମତା କ୍ଷମତାରୁ ଯିବା ସହ ଏହି ମହୋତ୍ସବ ଉପରେ ରୋକ ଲଗା ଯାଇଛି।୨୦୧୬ରୁ କୋଲକାତାର ପୂଜା ପରବର୍ତ୍ତୀ ମହୋତ୍ସବ ଏକ ପ୍ରମୁଖ ଆକର୍ଷଣ ଥିଲା। ଏହାକୁ ସହରର ରେଡ୍ ରୋଡରେ ଆୟୋଜିତ କରାଯାଉଥିଲା।କୋଲକାତାର କିଛି ପ୍ରମୁଖ ଦୁର୍ଗାପୂଜା କମିଟି ଏଥିରେ ଅଂଶଗ୍ରହଣ କରି ବିସର୍ଜନ ପୂର୍ବରୁ ସେମାନଙ୍କ ମେଢ଼ ପ୍ରଦର୍ଶନ କରୁଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଶାସନକାଳ ସମୟରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ କୋଲକାତାର ଦୁର୍ଗାପୂଜା ଉତ୍ସବର ଏକ ପ୍ରମୁଖ ଅଂଶ ପାଲଟିଥିଲା।ଅନେକ ପ୍ରମୁଖ ପୂଜା କମିଟି ଏଥିରେ ଭାଗ ନେବା ପରେ ମା'ଙ୍କୁ ହୁଗଳୀ ନଦୀରେ ବିସର୍ଜନ କରୁଥିଲା। ଚଳିତ ବର୍ଷ ଠାରୁ ଏହାକୁ ବନ୍ଦ କରାଯାଉଥିବାରୁ କୋଲକାତାରେ ବର୍ଷ ବର୍ଷ ଧରି ଲୋକପ୍ରିୟତା ହାସଲ କରିଥିବା ଏକ ପୂଜା ପରବର୍ତ୍ତୀ ପରମ୍ପରାରେ ପରିବର୍ତ୍ତନ ଆସିବ। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି, "ମହାଷ୍ଟମୀ ଦିନ ଆମେ ଦେବୀଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରୁ। ସେହିଦିନ ବାର୍ ସମେତ ସମସ୍ତ ମଦ ଦୋକାନ ବନ୍ଦ ରହିବ। ଅଷ୍ଟମୀ ଦିନ ମଦ ବିକ୍ରି ହୋଇପାରିବ ନାହିଁ।" ବେଙ୍ଗଲରେ କୌଣସି ସରକାର ଦୁର୍ଗା ପୂଜା ସମୟରେ ସମ୍ପୂର୍ଣ୍ଣ ମଦ ବିକ୍ରି ବନ୍ଦ ପାଇଁ ନିର୍ଦ୍ଦେଶ ଦେବା ପ୍ରଥମ ଘଟଣା।

# ମହିଳାଙ୍କ ଯୋଗୁଁ ଜିତିଛି : ବିଜୟ



ଚେନ୍ନାଇ: ତାମିଲନାଡୁ ବିଧାନସଭା ଅଧିବେଶନ ସମୟରେ ସୋମବାର ମୁଖ୍ୟମନ୍ତ୍ରୀ ଯୋଶେଫ ବିଜୟ ବିରୋଧୀ ଦଳଗୁଡ଼ିକ ଉପରେ ବର୍ଷିଛନ୍ତି। ବିଜୟ ବିଧାନସଭାରେ କହିଛନ୍ତି, ଲୋକମାନେ ଆନ୍ନା, ଏମଜିଆର, ଏନଟିଆର ଏବଂ ବର୍ତ୍ତମାନ ବିଜୟଙ୍କ ଭଳି ନେତାଙ୍କୁ ଜନାଦେଶ ଦେଇଛନ୍ତି। ମହିଳାମାନେ ମୋ ବିଜୟର ମୁଖ୍ୟ କାରଣ ଏବଂ ମୁଁ ସେମାନଙ୍କ ବିରୋଧରେ ଅପମାନଜନକ ଭାଷାକୁ ସହ୍ୟ କରିବି ନାହିଁ। ରାଜନୈତିକ ସମାଲୋଚନା ତୀବ୍ର ହୋଇପାରେ, କିନ୍ତୁ ମହିଳାଙ୍କ ବିରୋଧରେ କୌଣସି ଅପମାନଜନକ ମନ୍ତବ୍ୟ ଦେବା ଉଚିତ୍ ନୁହେଁ। ସେ ଡିଏମକେ ବିରୋଧରେ ଗମ୍ଭୀର ଅଭିଯୋଗ ଆଣି କହିଛନ୍ତି, ପୂର୍ବତନ ମନ୍ତ୍ରୀ ସେନ୍ଥିଲ ବାଲାଜୀ ଏବଂ ତାଙ୍କ ସହଯୋଗୀମାନେ ତାମିଲନାଡୁ ରାଜ୍ୟ ମାର୍କେଟିଂ ନିଗମ(ଟାସମାକ୍)ର ପ୍ରତ୍ୟେକ ଦୋକାନରୁ ୧୦ ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ବଟି ଆଦାୟ କରୁଥିଲେ। ସେମାନେ କରୁର ଗ୍ୟାଙ୍ଗ ଭାବରେ ଜଣାଶୁଣା ଥିଲେ। ସେମାନେ ଯୋଜନାବଦ୍ଧ ଭାବରେ ଦୁର୍ନୀତି କରୁଥିଲେ। ଡିଏମକେ ଯେଉଁଠାରେ ରହିବ ସେଠାରେ ଖରାପ ହେବା ନିଶ୍ଚିତ। ଡିଏମକେ ମୋତେ ୩ଟି ବିଭାଗର ଫାଇଲ ଖୋଲିବାକୁ ଚ୍ୟାଲେଞ୍ଜ କରିଛି। ମୁଁ ଏ ବିଷୟରେ କହିଥିଲି ଯେ ଡିଏମକେ ସରକାର ସମୟରେ ଏଥିରେ ଦୁର୍ନୀତି ହୋଇଥିଲା। ତଥାପି, ଏହା ପୂର୍ବରୁ ମୁଁ ୧୯୮୮ ମସିହାରେ ଗଠିତ ସରକାରିଆ କମିସନର ରିପୋର୍ଟ ପଢ଼ିବାକୁ ଚାହୁଁଛି, ଯାହା ଡିଏମକେ ସରକାରଙ୍କ ଦୁର୍ନୀତି ଉପରେ ଗଠିତ ହୋଇଥିଲା। କମିସନ ଅଭିଯୋଗ କରିଥିଲେ ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ କରୁଣାନିଧି ମୁଖ୍ୟମନ୍ତ୍ରୀ ଭାବରେ ତାଙ୍କ ପଦବୀର ଅପବ୍ୟବହାର କରିଥିଲେ। ଇଡି ଏହା ମଧ୍ୟ ଅଭିଯୋଗ କରିଛି ଯେ, ଡିଏମକେ ଦଳୀୟ ପାଣ୍ଠି ମାଧ୍ୟମରେ ଦୁର୍ନୀତିରେ ଲିପ୍ତ ଥିଲା। ଇଡି କହିଛି ଯେ ପୂର୍ବ ସରକାରରେ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ, ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ ଏବଂ ମନ୍ତ୍ରୀ ସେନ୍ଥିଲ ବାଲାଜୀ ଦଳୀୟ ପାଣ୍ଠି ନାମରେ ଟଙ୍କା ସଂଗ୍ରହ କରିଥିଲେ।

## ବିଧାନସଭା ନିର୍ବାଚନ ୨୦୨୭

# ୟୁପି, ପଞ୍ଜାବ ସମେତ ୫ ରାଜ୍ୟରେ ନିର୍ବାଚନ ପାଇଁ କାଉଣ୍ଟଡାଉନ୍

ନୂଆଦିଲ୍ଲୀ: ଆସନ୍ତା ବର୍ଷ, ୨୦୨୭ରେ ପାଞ୍ଚଟି ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଫଳସ୍ୱରୂପ, ନିର୍ବାଚନ ହେବାକୁ ଥିବା ଏହି ରାଜ୍ୟଗୁଡ଼ିକ ମଧ୍ୟରୁ ୪ ରାଜ୍ୟ ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ ଏବଂ ଗୋଆରେ ଜନଗଣନା ପ୍ରକ୍ରିୟା ଦ୍ରୁତ ଗତିରେ ଆଗକୁ ବଢ଼ିଛି। ଏହି ସମୟରେ, ପଞ୍ଚମ ରାଜ୍ୟ ମଣିପୁରରେ ଜନଗଣନାର ପ୍ରଥମ ପର୍ଯ୍ୟାୟ ସ୍ଥଗିତ ରଖାଯାଇଛି। ଏହି ପାଞ୍ଚଟି ରାଜ୍ୟର ପରବର୍ତ୍ତୀ ବିଧାନସଭା ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ପ୍ରାୟତଃ ଚୂଡ଼ାନ୍ତ ହୋଇଥିବା କୁହାଯାଉଛି। ଉତ୍ତର ପ୍ରଦେଶ ଏବଂ ପଞ୍ଜାବ ସମେତ ଏହି ପାଞ୍ଚଟି ରାଜ୍ୟରେ ବିଧାନସଭା ନିର୍ବାଚନ ଆସନ୍ତା ବର୍ଷ ଫେବ୍ରୁଆରି-ମାର୍ଚ୍ଚରେ ହୋଇପାରେ।ଯେଉଁ ପାଞ୍ଚଟି ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି, ସେମାନଙ୍କ ମଧ୍ୟରୁ ମଣିପୁର ବିଧାନସଭାର କାର୍ଯ୍ୟକାଳ ୧୩ ମାର୍ଚ୍ଚ, ୨୦୨୭ରେ ଶେଷ ହେବ। ଗୋଆ ବିଧାନସଭାର କାର୍ଯ୍ୟକାଳ ୧୪ ମାର୍ଚ୍ଚ, ୨୦୨୭ରେ ଶେଷ ହେବ। ପଞ୍ଜାବ ବିଧାନସଭାର କାର୍ଯ୍ୟକାଳ ୧୬ ମାର୍ଚ୍ଚ, ଉତ୍ତରାଖଣ୍ଡର କାର୍ଯ୍ୟକାଳ ୨୮ ମାର୍ଚ୍ଚ। ସେହିପରି ଉତ୍ତର ପ୍ରଦେଶ ବିଧାନସଭାର କାର୍ଯ୍ୟକାଳ ମେ' ୨୨ରେ ସରିବ।। ଗତ ୨୦୨୨ ନିର୍ବାଚନରେ, ୟୁପି ଏବଂ ପଞ୍ଜାବ ସମେତ ସମସ୍ତ ପାଞ୍ଚଟି ରାଜ୍ୟରେ ଏକକାଳୀନ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା।ଏହି ରାଜ୍ୟଗୁଡ଼ିକରେ ୨୦୨୭ ନିର୍ବାଚନ ମଧ୍ୟ ଏକକାଳୀନ ଅନୁଷ୍ଠିତ ହେବ। ତେଣୁ ନିର୍ବାଚନ କମିସନ ବିଧାନସଭା କାର୍ଯ୍ୟକାଳର ଶେଷ ମାର୍ଚ୍ଚ ୧୩ ପୂର୍ବରୁ ନିର୍ବାଚନ ସମାପ୍ତ କରିବାର ପାରମ୍ପରିକ ପଦ୍ଧତି ଗ୍ରହଣ କରିବାର ସମ୍ଭାବନା ଅଛି।

## ଗୁଆହାଟୀରେ ବର୍ବର ହତ୍ୟାକାଣ୍ଡ

# ଫ୍ରିଜରୁ ମିଳିଲା ମହିଳାଙ୍କ କଟାମୁଣ୍ଡ, ଅଭିଯୁକ୍ତ ସ୍ୱାମୀ ଗିରଫ

ଗୁଆହାଟୀ : ଗୁଆହାଟୀରେ ଅତି ଭୟଙ୍କର କାଣ୍ଡ ଘଟିଛି। ଜଣେ ୨୫ ବର୍ଷୀୟା ମହିଳାଙ୍କ ମୃତଦେହ ତାଙ୍କ ଆପାର୍ଟମେଣ୍ଟ ଘରୁ ମିଳିଛି। ଉକ୍ତ ମହିଳା ଜଣକ ଗତ କିଛି ମାସ ତଳେ ବିବାହ କରିଥିଲେ। ତାଙ୍କ ସ୍ୱାମୀ ତାଙ୍କୁ ହତ୍ୟା କରି ତାଙ୍କ ମର ଶରୀରକୁ ଏହି ଘରେ ରଖିବା ସହ ତାଙ୍କ ମୁଣ୍ଡକୁ କାଟି ଫ୍ରିଜ୍ରେ ରଖିଥିଲା। ଅଙ୍ଗୁଳିଗୁଡ଼ିକ ବି ସେ କାଟି ଦେଇଥିଲା। ତେବେ



୨ ଦିନ ପର୍ଯ୍ୟନ୍ତ ପାଖ ପଡ଼ୋଶୀ ଉଭୟ ମହିଳା ଓ ତାଙ୍କ ସ୍ୱାମୀଙ୍କୁ ଘରୁ ବାହାରକୁ ନ ବାହାରିବା ଦେଖି ପୁଲିସରେ ଜଣାଇଥିଲେ। ସେମାନେ ମଧ୍ୟ ଦମ୍ପତିଙ୍କୁ ଫୋନ୍ ଲଗାଇଥିଲେ କିନ୍ତୁ ସେମାନଙ୍କ ଫୋନ୍ ଲାଗିନଥିଲା। ଘରୁ ପଚା ଗନ୍ଧ ବାହାରିବା ପରେ ସେମାନେ ପୁଲିସରେ ଜଣାଇଥିଲେ। ପୁଲିସ ଆପାର୍ଟମେଣ୍ଟରେ ପହଞ୍ଚିବାପରେ ଘର କବାଟ ଭାଙ୍ଗି ମହିଳାଙ୍କ ମର ଶରୀର ପାଇଥିଲା। ମର ଶରୀରଟି ପଚି ଆସିବା ସହ ଅଙ୍ଗୁଳିଗୁଡ଼ିକ ଅଧା କଟିଥିଲା। ତାଙ୍କ ମୁଣ୍ଡ ନ ଥିଲା। ପୁଲିସ ପରେ ଘରେ ଥିବା ଫ୍ରିଜ୍ରେ ଏକ ପଲିଥିନ୍ରୁ ମହିଳାଙ୍କ ମୁଣ୍ଡ ପାଇଥିଲା। ମହିଳାଙ୍କୁ ରିୟା ତାଲୁକ୍ଦାର ଭାବେ ଚିହ୍ନଟ କରାଯାଇଛି। ମହିଳାଙ୍କ ସ୍ୱାମୀ ରାମାନୁଜନ ଗୋସ୍ୱାମୀ ପ୍ରଥମେ ଫେରାର୍ ଥିଲା। ତେବେ ରବିବାର ସେ ପୁଲିସ ନିକଟରେ ଆତ୍ମସମର୍ପଣ କରିଛି। ପୁଲିସ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରଖିବା ସହ ଅଭିଯୁକ୍ତ ସ୍ୱାମୀକୁ ଜେରା କରୁଛି।

## ଓଡ଼ିଶା ଟି-୨୦ ଲିଗ୍ ୨୦୨୬ ସିଏମ୍ ଟ୍ରଫି

# ୬ଟି ଦଳର ସ୍କ୍ୱାଡ୍ ଚୂଡ଼ାନ୍ତ

ଭୁବନେଶ୍ୱର, ୭।୯ (ସବ୍ୟୁ) : ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ଓଡ଼ିଶା ଟି-୨୦ ଲିଗ୍ ୨୦୨୬ - ସିଏମ୍ ଟ୍ରଫି ପାଇଁ ଖେଳାଳି ଡ୍ରାଫ୍ଟ ଆୟୋଜିତ ହୋଇଛି। ଏହା ସହିତ ଆଗାମୀ ସିଜନ୍ ପାଇଁ ସମସ୍ତ ୬ଟି ଫ୍ରାଞ୍ଚାଇଜର ସ୍କ୍ୱାଡ୍ ଚୂଡ଼ାନ୍ତ ହୋଇଛି। ପ୍ରତ୍ୟେକ ଫ୍ରାଞ୍ଚାଇଜ୍ ଡ୍ରାଫ୍ଟ ମାଧ୍ୟମରେ ମୋଟ ୧୬ ଜଣ ଖେଳାଳିଙ୍କୁ ଚୟନ କରିଛି। ଏହା ଫଳରେ ଆଗାମୀ ସଂସ୍କରଣ ପୂର୍ବରୁ ସମସ୍ତ ଦଳର ସ୍କ୍ୱାଡ୍ ସମ୍ପୂର୍ଣ୍ଣ ହୋଇଛି। ଏହି ଡ୍ରାଫ୍ଟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଅନେକ ପ୍ରତିଭାଶାଳୀ କ୍ରିକେଟର୍ ଅଂଶଗ୍ରହଣ କରିଥିଲେ। ଏହା ଖେଳାଳିମାନଙ୍କୁ ଏକ ପେସାଦାର ମଞ୍ଚରେ ପ୍ରତିଯୋଗିତା କରିବା ସହିତ ନିଜ କ୍ୟାରିୟରରେ ଆଉ ଏକ ପାଦ ଆଗକୁ ବଢ଼ିବାର ସୁଯୋଗ ପ୍ରଦାନ କରିଛି।ଭାରତର ପୂର୍ବତନ କ୍ରିକେଟର୍ ସୁରେଶ ରୈନା ଏବଂ ଦେବାଶିଷ ମହାନ୍ତି ଙ୍କୁ ମଧ୍ୟ ଲିଗର ବ୍ରାଣ୍ଡ ଆମ୍ବାସଡର୍ ଭାବେ ଘୋଷଣା କରାଯାଇଛି। ଏହା ଲିଗରେ ଅଭିଜ୍ଞତା ଓ ଗୁରୁତ୍ୱ ଆହୁରି ବଢ଼ାଇଛି। ଏହି ଅବସରରେ ଓସିଏର ସମ୍ମାନନୀୟ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି ଯେ, ଖେଳାଳି ଡ୍ରାଫ୍ଟ ସମ୍ପନ୍ନ ହେବା ନୂଆ ସିଜନ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସେ ଓଡ଼ିଶାର କ୍ରିକେଟରମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବାରେ ଲିଗର ଭୂମିକାକୁ ମଧ୍ୟ ଗୁରୁତ୍ୱ ଦେଇଥିଲେ।

"ଓଡ଼ିଶା ଟି-୨୦ ଲିଗ୍ ୨୦୨୬ ସିଏମ୍ ଟ୍ରଫିର ଦ୍ୱିତୀୟ ସଂସ୍କରଣକୁ ଆଗେଇ ନେଉଥିବା ବେଳେ, ସମସ୍ତ ଦଳର ମାଲିକ, କୋଚ୍, ଟିମ୍ ମ୍ୟାନେଜର୍ ଏବଂ ଓଡ଼ିଶା କ୍ରିକେଟ୍ ଆସୋସିଏସନର ସମସ୍ତ ସଦସ୍ୟଙ୍କୁ ତାଙ୍କର ନିରନ୍ତର ସମର୍ଥନ ପାଇଁ ଧନ୍ୟବାଦ ଜଣାଉଛି। ଫ୍ରାଞ୍ଚାଇଜ୍ ମାଲିକ ଓ ନିବେଶକମାନଙ୍କ ମଧ୍ୟରେ ଦେଖାଯାଇଥିବା ଉତ୍ସାହଜନକ ଆଗ୍ରହ ଲିଗର ବାଣିଜ୍ୟିକ ବିକାଶ ପାଇଁ ଏକ ସକାରାତ୍ମକ ସଙ୍କେତ। ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଟୁର୍ଣ୍ଣାମେଣ୍ଟ ଆମ ଖେଳାଳିମାନଙ୍କ ପାଇଁ ଏକ ଦୃଢ଼ ମଞ୍ଚ ସୃଷ୍ଟି କରିବା ଏବଂ ସେମାନଙ୍କୁ ପରବର୍ତ୍ତୀ ସ୍ତରକୁ ଆଗେଇ ନେବା ପାଇଁ ଏକ ପଥ ତିଆରି କରିବା ଉଦ୍ଦେଶ୍ୟରେ ଆୟୋଜିତ ହେଉଛି। ଆମେ ଲିଗକୁ ଆହୁରି ସୁଦୃଢ଼ କରିବା, ଆମ କ୍ରିକେଟରମାନଙ୍କୁ ଅଧିକ ସୁଯୋଗ ଦେବା ଏବଂ ଓଡ଼ିଶା କ୍ରିକେଟକୁ ଆଗକୁ ନେବା ପାଇଁ ନିରନ୍ତର ପ୍ରୟାସ କରିବୁ।"

ଏହି ସମାରୋହରେ ଉପସ୍ଥିତ ଥିବା ପ୍ରମୁଖ ଅତିଥିମାନଙ୍କ ମଧ୍ୟରେ ଓସିଏର ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, ଉପସଭାପତି ଜଗମୋହନ ପଟ୍ଟନାୟକ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଏବଂ ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ ଉପସ୍ଥିତ ଥିଲେ।

### ଭୁବନେଶ୍ୱର ଟାଇଗର୍ସ

- ମୁଖ୍ୟ କୋଚ୍ : ସୁବିତ ବିଶ୍ୱାଳ
- ସହକାରୀ କୋଚ୍: ବିଭୁଦତ୍ତ ପଣ୍ଡା

ସ୍କ୍ୱାଡ୍: ସ୍ୱସ୍ତିକ ସାମଲ (ଅଧିନାୟକ), ରାଜେଶ ମହାନ୍ତି, ଶ୍ରେୟାଂଶ ଭାରଦ୍ୱାଜ, ବାଦଲ ବିଶ୍ୱାଳ, ଆଶୁତୋଷ ଛୁରିଆ, ସମ୍ବିତ ବେଜା, ଏମ୍ଡି ସୋହେଲ ଖାନ୍, ଦିନେଶ କୁମାର ମାଝୀ, ଜ୍ଞାନ ରଞ୍ଜନ ନାୟକ, ରୁଦ୍ର ପ୍ରସାଦ ମଲ୍ଲିକ, ଜନମ ଜୟ ଜେନା, ସ୍ୱୟମ୍ଭୁ ପଲାଇ, ରିତେଶ ପ୍ରିୟରଞ୍ଜନ, ରାକେଶ ପଟ୍ଟନାୟକ, ଉମେଶ କୁମାର ଗୌତମ, ଶଶିକାନ୍ତ ଯାଦବ।

### ପୁରୀ ଟାଇଟାନ୍ସ

- ମୁଖ୍ୟ କୋଚ୍: ପ୍ରୀତମଜିତ ଦାସ
- ସହକାରୀ କୋଚ୍: ଆଶିଷ ସାବିତା

ସମ୍ପୂର୍ଣ୍ଣ ସ୍କ୍ୱାଡ୍: ଆଦିତ୍ୟ ରାଉତ (ଅଧିନାୟକ), ନିହାର ବି ଭୂୟାଁ, ଦୀପକ ତିୱାରୀ, ଶ୍ରୀୟାଂଶୁ ପଟ୍ଟନାୟକ, ଆୟୁଷ ସୁତାର, ସ୍ୱୟମ୍ ଶ୍ରୀବାସ୍ତବ, ଚାନ୍ଦୀପ ରିଆର୍, ଅନିଲ ପରିଡ଼ା, କୃଷ୍ଣ ମହାନ୍ତି, ସୁନୀଲ ରାଉଳ, ପନକାଳା ଶଶାଙ୍କ, ଆଦିତ୍ୟ ଆନନ୍ଦ, ସୁମିତ ଶର୍ମା, ଆଶୀର୍ବାଦ ସ୍ୱାଇଁ, ସର୍ବେଶ୍ୱର ମହାନ୍ତି, ତରଣୀ ସା।

### କେନ୍ଦୁଝର ମାଇନର୍ସ

- ମୁଖ୍ୟ କୋଚ୍: ସୂର୍ଯ୍ୟକାନ୍ତ ପ୍ରଧାନ
- ସହକାରୀ କୋଚ୍: ଗିରିଜା ରାଉତ

ସମ୍ପୂର୍ଣ୍ଣ ସ୍କ୍ୱାଡ୍: ରାଜେଶ ଧୁପାର, ସୁଭ୍ରାଂଶୁ ସେନାପତି (ଅଧିନାୟକ), ଦେବବ୍ରତ ପ୍ରଧାନ, ଜମାଲା ମହାପାତ୍ର, ସୁଜଳ ସିଂହ, ପ୍ରୟାଶ କୁମାର ସିଂହ, ବାଗୀଶ ଶର୍ମା, ଆୟୁଷ ବାରିକ, ବିମଳ କୁମାର, ଯୋଗେଶ୍ୱର ବାଗ, ସ୍ୱାଗତ ସୌରଭ ମିଶ୍ର, ଅର୍ଣ୍ଣବ ପଟ୍ଟନାୟକ, ମୟଙ୍କ ପଟ୍ଟନାୟକ, କ୍ଷମା ସାଗର ବଳ, ରାକେଶ ବିଶ୍ୱାଳ, ସୋୟାଂଶୁ ପଟ୍ଟନାୟକ।

### ରାଉରକେଲା ସୁପରଷ୍ଟାର୍ସ

- କୋଚ୍: ସଞ୍ଜୟ ରାଉଳ
- ସହକାରୀ କୋଚ୍: ପ୍ରଶାନ୍ତ ସାହୁ

ସମ୍ପୂର୍ଣ୍ଣ ସ୍କ୍ୱାଡ୍: ଗୋବିନ୍ଦ ପୋଦ୍ଦାର (ଅଧିନାୟକ), ସମ୍ବିତ ବରାଳ, ସାୱନ ପାହାରିଆ, ବିଶ୍ୱଜିତ ପ୍ରଧାନ, ଆଶୁତୋଷ ମାର୍ଣ୍ଡି, ପପ୍ପୁ ରାୟ, ସନ୍ଦୀପ ପଟ୍ଟନାୟକ, ବିବାଶ ଶ, ଆକାଶ ମହାପାତ୍ର, ଶୁଭମ ପ୍ରିୟଦର୍ଶୀ, ପ୍ରୟାନ ସାମଲ, ଶୋଭନ ଦେବ ବେହେରା, ଦିବ୍ୟମ ଛପାଡ଼ିଆ, ଅଭିଷେକ କୁମାର ଯାଦବ, ସୌଭାଗ୍ୟ ରାଉତ, ଓମକାର ମହାନ୍ତି।

### ସମ୍ବଲପୁର ୱାରିୟର୍ସ

- ମୁଖ୍ୟ କୋଚ୍: ବସନ୍ତ ମହାନ୍ତି
- ସହକାରୀ କୋଚ୍: ରାକେଶ ମହାନ୍ତି

ସମ୍ପୂର୍ଣ୍ଣ ସ୍କ୍ୱାଡ୍: ଗୌରବ ଚୌଧୁରୀ (ଅଧିନାୟକ), ସ୍ମୃପ ସମିଥ ଭୂୟାଁ, ବିକ୍ରମ କିଶୋର ସାମଲ, ଅଙ୍କିତ ଯାଦବ, ଦେବବ୍ରତ ପ୍ରଧାନ ଜୁନିୟର୍, ମହେଶ ସାହୁ, ବୈଭବ ମହାନ୍ତି, ସାର୍ଥକ ପଣ୍ଡା, ପନକାଳା ମୋକ୍ଷିତ, ଶାନ୍ତନୁ ମିଶ୍ର, ଏମ୍ଡି ଦାନିଶ, ସାଇଦୀପ ମହାପାତ୍ର, ପ୍ରଦୀପ ପ୍ରଧାନ, ସୟଦ ତୁଫାଇଲ ଅହମଦ, ଓମ୍ ଟି ମୁଣ୍ଡେ, ସୌମ୍ୟ ରଞ୍ଜନ ଲେଙ୍କା।

### କଟକ ପାନ୍ଥର୍ସ

- ମୁଖ୍ୟ କୋଚ୍: ପ୍ରବଞ୍ଜନ ମଲ୍ଲିକ
- ସହକାରୀ କୋଚ୍: ଦୀପକ ମଙ୍ଗରାଜ

ସମ୍ପୂର୍ଣ୍ଣ ସ୍କ୍ୱାଡ୍: ବିପ୍ଲବ ସାମନ୍ତରାୟ (ଅଧିନାୟକ), ଡି ଆୟୁଷ, ଏମ୍ ଗୌତମ ଗୋପାଳ, ସୌମ୍ୟ ରଞ୍ଜନ ବିଶ୍ୱାଳ, ଶିବୁନ ନନ୍ଦା, ଅଭିରୂପ ଦାସ, ସାର୍ଥକ ଏସ୍ ପ୍ରକାଶ, ସୁଭାସିଷ ମଲ୍ଲିକ, ରାଜ ଯାଦବ, ପ୍ରିୟାଂଶୁ ମହାନ୍ତି, ପିୟୁଷ ମନ୍ତ୍ରୀ, ଅଭିଷେକ ସିଂହ, ପ୍ରଶାନ୍ତ ରଣା, କାର୍ତ୍ତିକ ବିଶ୍ୱାଳ, ସୌରଭ ଗୌଡ଼ା, ଶୁଭମ ଶତ୍ରୁଜିତ।ସମସ୍ତ ସ୍କ୍ୱାଡ୍ ଚୂଡ଼ାନ୍ତ ହେବା ସହିତ ୬ଟି ଫ୍ରାଞ୍ଚାଇଜ୍ ନୂଆ ସିଜନ୍ ପାଇଁ ପ୍ରସ୍ତୁତ। ଓଡ଼ିଶା ଟି-୨୦ ଲିଗ୍ ୨୦୨୬ - ସିଏମ୍ ଟ୍ରଫି ଆଉ ଏକ ପ୍ରତିଯୋଗିତାମୂଳକ କ୍ରିକେଟ୍ ସିଜନ୍ ପାଇଁ ପ୍ରସ୍ତୁତ ହେଉଥିବା ବେଳେ, ରାଜ୍ୟର ଉଦୀୟମାନ ପ୍ରତିଭାମାନଙ୍କୁ ଏକ ଦୃଢ଼ ମଞ୍ଚ ପ୍ରଦାନ କରିବା ଉପରେ ଏହାର ଗୁରୁତ୍ୱ ଜାରି ରହିବ।



# ପାକିସ୍ତାନ ଅଧିନାୟିକା ଫତିମାଙ୍କୁ ଜରିମାନା

ଦୁବାଇ, ୭।୯ (ଏଜେନ୍ସି) : ଭାରତ ବିପକ୍ଷ ମହିଳା ଏସିଆ କପ୍ ଟ୍ୱେଣ୍ଟି-୨୦ ମ୍ୟାଚ୍ ବେଳେ ଖରାପ ଆଚରଣ ଲାଗି ପାକିସ୍ତାନ ଅଧିନାୟିକା ଫତିମା ସାନାଙ୍କୁ ଜରିମାନା ହୋଇଛି। ଭାରତୀୟ ଓପନର୍ ଶେଫାଳି ବର୍ମାଙ୍କୁ ଆଉଟ୍ କରିବା ପରେ ଫତିମା ତାଙ୍କୁ ଆଙ୍ଗୁଠି ଦେଖାଇ ପ୍ୟାଭିଲିୟନକୁ ଫେରିଯିବାକୁ ଇଶାରା ଦେଇଥିଲେ। ଏଥିପାଇଁ ଆଇସିସି ଆଚରଣବିଧି ଲେବଲ୍-୧ ଉଲ୍ଲଂଘନ ଯୋଗୁଁ ତାଙ୍କ ମ୍ୟାଚ୍ ପାଉଣାର ୧୦ ପ୍ରତିଶତ କଟାଯିବା ସହ ଗୋଟିଏ ଡିମେରିଟି ପଏଣ୍ଟ ମିଳିଛି। ଫଳରେ ଗତ ୨୪ ମାସ ମଧ୍ୟରେ ତାଙ୍କ ଡିମେରିଟ୍ ପଏଣ୍ଟ ସଂଖ୍ୟା ୨ରେ ପହଞ୍ଚିଛି। ପଡ଼ିଆ ଅମ୍ପାୟାର ନିମାଳି ପେରେରା, ଶଥିରା ଜାକିର ଜେସି ଓ ତୃତୀୟ ଅମ୍ପାୟାର ରୋକେୟା ସୁଲତାନ ଓ ଚତୁର୍ଥ ଅମ୍ପାୟାର ରବାବ ଏହସାନଙ୍କ ଅଭିଯୋଗ ପରେ ରେଫରି ସୁପ୍ରିୟା ରାଣୀ ଦାସ ଏହି ଦଣ୍ଡ ଶୁଣାଇଛନ୍ତି। ସେ ନିଜ ଦୋଷ ଓ ଦଣ୍ଡ ସ୍ୱୀକାର କରି ନେଇଥିବାରୁ ପରବର୍ତ୍ତୀ ଶୁଣାଣିର ଆବଶ୍ୟକତା ରହିନି। "ଖେଳାଳି ଓ ଖେଳାଳିଙ୍କ ସମ୍ପୃକ୍ତ ଅଧିକାରୀଙ୍କ ପାଇଁ ଥିବା ଆଇସିସି ଆଚରଣ ବିଧିର ଧାରା ୨.୫ (ଅନ୍ତର୍ଜାତୀୟ ମ୍ୟାଚ୍ ବେଳେ ଆଉଟ୍ କରିବା ପରେ ବ୍ୟାଟର୍ଙ୍କୁ ଖରାପ ଭାଷା, ବ୍ୟବହାର କରିବା କିମ୍ବା ଆକ୍ରମଣାତ୍ମକ କାର୍ଯ୍ୟ କରିବା) କୁ ଫତିମା ଉଲ୍ଲଂଘନ କରିଛନ୍ତି। ତେଣୁ ଦଣ୍ଡ ଭାବେ ଗୋଟିଏ ଡିମେରିଟ୍ ପଏଣ୍ଟ ଫତିମାଙ୍କ ଶୃଙ୍ଖଳାଗତ ଖାତାରେ ଯୋଡ଼ା ଯିବା ସହ ମ୍ୟାଚ୍ ପାଉଣାର ୧୦ ପ୍ରତିଶତ କାଟି ଦିଆଯାଇଛି। ୨୪ ମାସ ମଧ୍ୟରେ ଏହା ତାଙ୍କର ଦ୍ୱିତୀୟ ଦୋଷ ହୋଇଥିବାରୁ ଡିମେରିଟ୍ ପଏଣ୍ଟ ୨ରେ ପହଞ୍ଚିଛି" ବୋଲି ଆଇସିସି ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ଗତବର୍ଷ ଅଗଷ୍ଟ ୬ ତାରିଖରେ ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚରେ ଖରାପ ଆଚରଣ ପାଇଁ ଫତିମାଙ୍କୁ ଗୋଟିଏ ଡିମେରିଟ୍ ପଏଣ୍ଟ ମିଳିଥିଲା।

## ୟୁଏସ୍ ଓପନ୍

# କ୍ୱାର୍ଟରରେ ୨୦୨୫ର ଚାମ୍ପିଅନ ଆଲକାରାଜ, ସାବାଲେଙ୍କା

ନ୍ୟୁୟର୍କ, ୭।୯ (ଏଜେନ୍ସି) : ଆହତ ହୋଇ ଦୀର୍ଘଦିନ ପରେ କୋର୍ଟକୁ ଫେରିଥିବା ଡିଫେଣ୍ଡିଂ ଚାମ୍ପିଅନ୍ କାର୍ଲୋସ୍ ଆଲକାରାଜ ୟୁଏସ୍ ଓପନରେ ଚମତ୍କାର ପ୍ରଦର୍ଶନ ଜାରି ରଖିଛନ୍ତି।ରବିବାରସେଆମେରିକାରଟମିପଲଙ୍କୁସିଧାସଳଖ ୬-୪, ୬-୩, ୬-୪ ସେଟରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ସିଡ୍ ଆଲକାରାଜ ଏପ୍ରିଲରେ ଡାହାଣ ହାତର ମଣିବନ୍ଧ ଆହତ ହେବା ପରେ ପ୍ରଥମ ଥର ପାଇଁ କୌଣସି ଟୁର୍ଣ୍ଣାମେଣ୍ଟରେ ଖେଳୁଛନ୍ତି। ୟୁଏସ୍ ଓପନରେ ଏହା ତାଙ୍କର ଏପର୍ଯ୍ୟନ୍ତ ସବୁଠାରୁ ପ୍ରଭାବଶାଳୀ ବିଜୟ। ମହିଳା ଏକକରେ ଆରିନା ସାବାଲେଙ୍କା ୨୦ତମ ସିଡ୍ ଟମି ପଲ୍ ଏପର୍ଯ୍ୟନ୍ତ ଆଲକାରାଜଙ୍କୁ ସବୁଠାରୁ କଠିନ ଚ୍ୟାଲେଞ୍ଜ୍ ଦେଇଥିଲେ ମଧ୍ୟ ସ୍ପେନର ଏହି ତାରକା ତିନି ସେଟରେ ମ୍ୟାଚ୍ ଜିତି ନେଇଥିଲେ। କ୍ୱାର୍ଟର ଫାଇନାଲରେ ଆଲକାରାଜଙ୍କ ମୁକାବିଲା ଆମେରିକାର ବେନ୍ ସେଲ୍ଟନଙ୍କ ସହ ହେବ। ସେଲ୍ଟନ ୬-୨,୬-୩, ୬-୪ରେ ଷ୍ଟେଫାନୋଜ୍ ସିଟସିପାଜଙ୍କୁ ପରାସ୍ତ କରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ସେହିପରି ଆମେରିକାର ଆଲେକ୍ସ ମାଇକେଲସେନ ଆର୍ଜେଣ୍ଟିନାର ଟି.ଏଚେଭେରିଙ୍କୁ ୭-୬,୬-୪,୬-୪ରେ ପରାସ୍ତ କରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ୭ ନମ୍ବର ମାନ୍ୟତାପ୍ରାପ୍ତ ଡାନିଲ୍ ମେଦଭେଦେଭ୍ ଆମେରିକାର ଫ୍ରାନ୍ସିସ ଟିଆଫୋଏଙ୍କଠାରୁ ୬-୭,୪-୬,୬-୭ରେ ପରାସ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ମହିଳା ଏକକରେ ଡିଫେଣ୍ଡିଂ ଚାମ୍ପିଅନ୍ ଆରିନା ସାବାଲେଙ୍କା ମଧ୍ୟ ୟୁଏସ୍ ଓପନର ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ଶେଷ ଆଠରେ ତାଙ୍କର ମୁକାବିଲା ୱିମ୍ବଲଡନ୍ ଜୟିନୀ ଲିଣ୍ଡା ନୋସ୍କୋଭାଙ୍କ ସହ ହେବ। ୩ ନମ୍ବର ମାନ୍ୟତାପ୍ରାପ୍ତ ଜେସିକା ପେଗୁଲା ରୋମାନିଆର ସୋରାନା ସିରଷ୍ଟିଆଙ୍କୁ ସିଧାସଳଖ ୬-୩,୬-୪ରେ ପରାସ୍ତ କରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ସେହପରି ଆମେରିକାର ଏମା ନାଭାରୋ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ରୁଷିଆର ଆନ୍ନା କାଲିନ୍ସକାୟାଙ୍କୁ ସିଧାସଳଖ ୬-୪, ୬-୨ ସେଟରେ ପରାସ୍ତ କରିଥିଲେ।

# ଭଣ୍ଡାରିପୋଖରୀ ଉଚ୍ଚବିଦ୍ୟାଳୟରେ ଜୋନସ୍ତରୀୟ କ୍ରିଡ଼ା

ଭଣ୍ଡାରିପୋଖରୀ, ୭।୯ (ସବ୍ୟୁ): ଭଣ୍ଡାରିପୋଖରୀ ସରକାରୀ ଉଚ୍ଚବିଦ୍ୟାଳୟରେ ଜୋନସ୍ତରୀୟ କ୍ରିଡ଼ା ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି କ୍ରୀଡ଼ାଉତ୍ସବକୁ ବିଦ୍ୟାଳୟ ପ୍ରଧାନଶିକ୍ଷକ ରତିକାନ୍ତ ବେହେରା ଉଦଘାଟନ କରିଥିଲେ । ଯଶୋଟିକିର ସୁବର୍ଣ୍ଣମୁଖି ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଜୟ କୁମାର ନନ୍ଦ ମୁଖ୍ୟ ଅତିଥି,ଅବସରର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ମହାରଣା ମୁଖ୍ୟବକ୍ତା,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରୟାସ କାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଥିଲେ । ବଯାଡମିଣ୍ଟନ, କବାଡି, ଭଲିବଲ, ଖୋ-ଖୋ, ଯୋଗ, ଚେସ୍ ଇତଯାଦି ଖେଳ ଅନୁଷ୍ଠିତ ହୋଇଥିଲା । ଜୋନାଲ ସମ୍ପାଦକ ମାନସ କୁମାର ସାହୁ ସମସ୍ତ ଖେଳକୁ ପରିଚାଳନା କରିଥିଲେ । ଜୋନର ବ୍ଲକ କ୍ରୀଡ଼ା ସମ୍ପାଦକ ଜୀତେନ୍ଦ୍ର କୁମାର ସାହୁ, ଜାତୀୟସ୍ତରର ଖେଳାଳି ମାନି ସୀମା ରାଉତ, ଶିକ୍ଷା ସଂଯୋଜକ କ୍ଷୀରୋଦ କୁମାର ଜେନା, ବିକସି ସାହୁ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ବ୍ଲକର ସମସ୍ତ କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀ ବିଚାରକ ଭାବେ କାର୍ଯ୍ୟ କରିଥିଲେ । ତପଜା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ, ବିଷ୍ଣୁପ୍ରିୟା ଯେନା ଧନ୍ୟବାଦ ଅର୍ପଣ କରିଥିଲେ । ଚନ୍ଦନ କୁମାର ସାମଲ,ମାନସ ପଣ୍ଡା, ମହାମାୟା ମହାପାତ୍ର, ଚନ୍ଦ୍ରଶେଖର ପାତ୍ର,ଜୋସ୍ନାରାଣୀ ସାହୁ,ଉର୍ମିଳା କୁମାରୀ ନାୟକ, ମନ୍ଦୋଦରୀ ସାହୁ ପ୍ରମୁଖ ଶିକ୍ଷକ ଉତ୍ସବ ପରିଚାଳନା କରିଥିଲେ ।

# ହାଫ୍ ମାରାଥନରେ ଦୌଡ଼ୁଥିବା ବେଳେ ବୈଜ୍ଞାନିକଙ୍କ ମୃତ୍ୟୁ

ସାତାରା, ୭।୯ (ଏଜେନ୍ସି) : ମହାରାଷ୍ଟ୍ରର ସାତାରା ଜିଲ୍ଲାରେ ହାଫ୍ ମାରାଥନରେ ଦୌଡ଼ୁଥିବା ବେଳେ ହୃଦଘାତରେ ୬୫ ବର୍ଷୀୟ ଅବସରପ୍ରାପ୍ତ ବୈଜ୍ଞାନିକଙ୍କ ମୃତ୍ୟୁ ଘଟିଛି। ମୃତକ ସଞ୍ଜୟ କଦମ ପୁଣେର ବାସିନ୍ଦା ଥିଲେ। ସେ ସେଣ୍ଟର ଫର୍ ଡେଭେଲପମେଣ୍ଟ ଅଫ୍ ଆଡଭାନ୍ସଡ୍ କମ୍ପ୍ୟୁଟିଂ (ସି-ଡାକ୍)ରେ କାର୍ଯ୍ୟ କରି ଅବସର ନେଇଥିଲେ। ରବିବାର ଆୟୋଜିତ ସାତାରା ହିଲ୍ ହାଫ୍ ମାରାଥନକୁ ଦେଶର ଅନ୍ୟତମ କଠିନ ହାଫ୍ ମାରାଥନ୍ ଭାବେ ବିବେଚନା କରାଯାଏ। ପଶ୍ଚିମଘାଟର ଉଚ୍ଚ ଚଢ଼ାଇ ଓ ତୀବ୍ର ଢାଲୁ ରାସ୍ତା ଦେଇ ଏହି ୨୧.୧ କିଲୋମିଟର ଦୌଡ଼ ଆୟୋଜିତ ହୋଇଥିଲା। ଏଥିରେ ପ୍ରାୟ ୭,୭୦୦ ଜଣ ଧାବକ ଦୌଡ଼ ଶେଷ କରିଥିଲେ। ଆୟୋଜକଙ୍କ ସୂଚନା ଅନୁସାରେ, ପ୍ରଥମ ଥର ପାଇଁ ଏହି ଦୌଡ଼ରେ ଭାଗ ନେଇଥିବା କଦମ ରବିବାର ସକାଳ ପ୍ରାୟ ୯ଟା ୩୦ରୁ ୧୦ଟା ମଧ୍ୟରେ ପାୱାରହାଉସ୍ ଅଞ୍ଚଳ ନିକଟରେ ତଳକୁ ଦୌଡ଼ୁଥିବା ବେଳେ ଅସୁସ୍ଥ ଅନୁଭବ କରିଥିଲେ। ଏହାପରେ ସହଧାବକମାନେ ତୁରନ୍ତ ତାଙ୍କୁ ସିପିଆର୍ ଦେଇଥିଲେ। ଦୌଡ଼ ମାର୍ଗରେ ନିୟୋଜିତ ଏକ କାର୍ଡିଆକ୍ ଆମ୍ବୁଲାନ୍ସ ମଧ୍ୟ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ଚିକିତ୍ସା କର୍ମୀମାନେ ଜରୁରୀ ଚିକିତ୍ସା ଦେବା ସହ ସିପିଆର୍ ଜାରି ରଖି ତାଙ୍କୁ ପଲ୍ସ ହସ୍ପିଟାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଜିମ୍ବାୱେକୁ ହରାଇ ଦକ୍ଷିଣ ଆଫ୍ରିକା ଜିତିଲା ତ୍ରିରାଷ୍ଟ୍ରୀୟ ଟ୍ରଫି

ୱିଣ୍ଡୋକ, ୭।୯ (ଏଜେନ୍ସି) : ଜୋର୍ଡାନ ହର୍ମାନଙ୍କ ଧୂଆଁଧାର ୫୩ ରନ୍ ବଳରେ ଫାଇନାଲରେ ଜିମ୍ବାୱେକୁ ୪୮ ରନରେ ହରାଇ ତ୍ରିରାଷ୍ଟ୍ରୀୟ ଟ୍ରଫି ଜିତିଛି ଦକ୍ଷିଣ ଆଫ୍ରିକା। ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୫ ୱିକେଟରେ ୨୦୫ ରନ୍ କରିଥିଲା। ଜୋର୍ଡାନ୍ ହର୍ମାନ୍ ୨୯ ବଲରୁ ୫୩ ରନ୍ କରିଥିଲେ। ସେହିପରି କନର ଇଷ୍ଟରହୁଇଜେନ ଓ ଦେୱାଲ୍ଡ ବ୍ରେଭିସ୍ ୩୨ ରନ୍ ଲେଖାଏଁ କରିଥିଲେ। ଜିମ୍ବାୱେ ପକ୍ଷରୁ ବ୍ରାଡ୍ ଇଭାନ୍ସ ଓ ନ୍ୟୁମ୍ୟାନ ନ୍ୟାମୁରି ୨ ଲେଖାଏଁ ୱିକେଟ୍ ନେଇଥିଲେ। ୧୫୭ ରନରେ ଅଲଆଉଟ୍ ଜବାବରେ ଜିମ୍ବାୱେ ୧୮ ଓଭରରେ ୧୫୭ ରନରେ ଅଲଆଉଟ୍ ହୋଇଥିଲା। ଦଳ ପକ୍ଷରୁ ବ୍ରାଡ୍ ଇଭାନ୍ସ ୩୧ ବଲରୁ ଅପରାଜିତ ୫୬ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ବିଜୋର୍ନ ଫର୍ଟୁଇନ୍ ଓ ଡୁଆନ୍ ଜାନସେନ୍ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଆୟୋଜକ ନାମିବିଆ ତୃତୀୟ ଦଳ ଭାବେ ଏହି ଶୃଙ୍ଖଳା ଖେଳିଥିଲେ ମଧ୍ୟ ଫାଇନାଲରେ ପହଞ୍ଚିପାରିନଥିଲା। ଜୋର୍ଡାନ ହର୍ମାନଙ୍କୁ ମ୍ୟାଚର ଏବଂ ଦେୱାଲ୍ଡ ବ୍ରେଭିସଙ୍କୁ ଶୃଙ୍ଖଳାରେ ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା।

# ଜାତୀୟ କନିଷ୍ଠ ଟିଂ ଟେନିସ୍ : ୧୬ଜଣିଆ ଓଡ଼ିଶା ଦଳର ଉତ୍ତରପ୍ରଦେଶ ଯାତ୍ରା

ଭୁବନେଶ୍ୱର, ୭।୯ (ସବ୍ୟୁ) : ଉତ୍ତରପ୍ରଦେଶର ବାଲିଆ ଠାରେ ଆୟୋଜିତ ହେବାକୁ ଥିବା ତୃତୀୟ ଜାତୀୟ କନିଷ୍ଠ ଟିଂ ଟେନିସ୍ ପ୍ରତିଯୋଗିତା ଲାଗି ୧୬ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ବାଳକ ଦଳରେ ସତ୍ୟ ସ୍ୱରୂପ ପ୍ରତାପ ପଣ୍ଡା, ଶୁଭମ ଶୁଭ୍ରାଂଶୁ ପାଣିଗ୍ରାହୀ , ଅର୍ଣ୍ଣବ ନାୟକ , ଡି.ଏନ. ଅସମିନ୍ ତନ୍ତି,ସାଇଗୋପେଶ ଦାସ, ନିଶକାମ୍ ଦେବଦୂତ ସାହୁ ବିଶ୍ୱଜିତ୍ ରାଉତ , ଅନୁରାଗ ସ୍ୱାଇଁ ରହିଛନ୍ତି। ସେହିପରି ବାଳିକାରେ ଥିବା ଖେଳାଳିମାନେ ହେଲେ ଆରଧ୍ୟା ସାହୁ, ସଂଜିତା ଦାସ, ପୂର୍ଣ୍ଣିମା ସାହୁ, ସଂପୂର୍ଣ୍ଣା ପରିଡ଼ା, କିରନମୟୀ ସାହୁ, ସ୍ୱର୍ଣ୍ଣ ରଶ୍ମି ପରିଡ଼ା। ଏମାନଙ୍କ ଛଡ଼ା ସଞ୍ଜିବ କୁମାର ପଣ୍ଡା ଓ ଶୁଚିସ୍ମିତା ପଣ୍ଡା ପ୍ରବନ୍ଧକ ଭାବେ ଦଳ ସହ ଯାତ୍ରା କରିବେ। ସେହିପରି ନାରାୟଣ ବେହେରା ପ୍ରଶିକ୍ଷକ ଦାୟିତ୍ୱ ତୁଲାଇବେ। ଜାତୀୟ ରେଫରି ଡକ୍ଟର ବସନ୍ତ କୁମାର ଦୀକ୍ଷିତ ଓ ଅକ୍ଷୟ କୁମାର ସାହୁ ରେଫରି ନିଯୁକ୍ତ ହେବା ମଧ୍ୟ ରାଜ୍ୟ ପାଇଁ ଆଉ ଏକ ଗର୍ବ ଓ ଗୌରବର ବିଷୟ ହୋଇଛି ବୋଲି ଟିଂ ଟେନିସ୍ ଆସୋସିଏସନ୍ ଅଫ୍ ଓଡ଼ିଶାର ମହାସଚିବ ଅରୁଣ କୁମାର ନାୟକ ଜଣାଇଛନ୍ତି।



# ମହିଳା ଏସିଆ କପରେ ପୁଣି ଟ୍ରଫି ବିବାଦ ଆଶଙ୍କା

ନୂଆଦିଲ୍ଲୀ, ୭।୯ (ଏଜେନ୍ସି) : ମହିଳା ଏସିଆ କପ୍ ଫାଇନାଲ୍ରେ ପୁଣି ଟ୍ରଫି ବିବାଦ ଦେଖାଦେବା ଆଶଙ୍କା ରହିଛି। କାରଣ ଏସିଆନ୍ କ୍ରିକେଟ୍ ପରିଷଦ (ଏସିସି) ଓ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଅଧ୍ୟକ୍ଷ ମୋହସିନ୍ ନକ୍ଭୀ ସେପ୍ଟେମ୍ବର ୧୩ରେ ହେବାକୁ ଥିବା ଫାଇନାଲରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ସମ୍ଭାବନା ରହିଛି। ଭାରତ ଯଦି ଚାମ୍ପିଅନ ହୁଏ ତେବେ ପୁଣି ପୁରୁଷ ଏସିଆ କପ୍ ପରି ବିବାଦ ଦେଖିବାକୁ ମିଳିପାରେ। ୨୦୨୫ ପୁରୁଷ ଏସିଆ କପ୍ ଫାଇନାଲରେ ନକଭୀଙ୍କ ହାତରୁ ସୂର୍ଯ୍ୟକୁମାର ଯାଦବ ନେତୃତ୍ୱାଧୀନ ଭାରତୀୟ ଦଳ ଟ୍ରଫି ନେଇନଥିଲା। ପରେ ନକଭୀ ଟ୍ରଫିକୁ ନିଜ ସହ ନେଇଯାଇଥିଲେ। ଏହି ଟ୍ରଫି ଏବେବି ଭାରତ ହାତକୁ ଆସିନାହିଁ। ଚଳିତ ଟୁର୍ଣ୍ଣାମେଣ୍ଟରେ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତ ସେମିଫାଇନାଲରେ ପହଞ୍ଚିଛି ଏବଂ ଟାଇଟଲ୍ ଦାବିଦାର ରହିଛି। ଏପରି ସ୍ଥିତିରେ ଭାରତ ଫାଇନାଲରେ ଜିତିଲେ ନକଭିଙ୍କ ହାତରୁ ଟ୍ରଫି ଗ୍ରହଣ କରିବ କି ନାହିଁ, ଯଦି ଗ୍ରହଣ ନ କରେ ତେବେ ପୁଣି ଥରେ କ'ଣ ନକଭୀ ଟ୍ରଫି ନିଜ ସହ ନେଇଯିବେ? ଏସବୁ ପ୍ରଶ୍ନକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଶନିବାର ହୋଇଥିବା ଭାରତ-ପାକିସ୍ତାନ ମ୍ୟାଚରେ ହରମନପ୍ରୀତ ଓ ପାକିସ୍ତାନ ଅଧିନାୟିକା ସାନା ମୀର ପରସ୍ପର ସହ ହାତ ମିଳାଇନଥିଲେ।

# ଜୋନ ସ୍ତରୀୟ ଖେଳକୁଦ ପ୍ରତିଯୋଗୀତା

ଆଗରପଡ଼ା,(ସବ୍ୟୁ):ସ୍ଥାନୀୟ କୃଷ୍ଣଚରଣ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଜୋନସ୍ତରୀୟ ଖେଳକୁଦ ପ୍ରତିଯୋଗୀତା ଆରମ୍ଭ ହୋଇଛି । ହାଇସ୍କୁଲ ପ୍ରଧାନଶିକ୍ଷକ ତଥା ଜୋନ ସଭାପତି ଶରତ ଜେନା ଓ ପରିଚାଳନା କମିଟି ସଭାପତି ମନୋଜ ବେହେରା ମିଳିତ ଭାବେ ଏହି ପ୍ରତିଯୋଗୀତାକୁ ଉଦଘାଟନ କରିଥିଲେ । ଏଥିରେ ୧୪ ଓ ୧୭ବର୍ଷ ବୟସରୁ କମ ଥିବା ଅପର ପ୍ରାଇମେରୀ ଓ ହାଇସ୍କୁଲ ଦୁଇ ବିଭାଗର ୩୮୧ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ଭଲିବଲ, ଫୁଟବଲ,ଖୋକ,ବ୍ୟାଡ଼ମିଣ୍ଟନ, ଯୋଗ,ଚେସ,କବାଡ଼ି ଆଦି ପ୍ରତିଯୋଗୀତା ହେଉଛି । ଏହା ଦୁଇଦିନ ଧରି ଚାଲିବ ଓ ଆସନ୍ତା ୯ତାରିଖରେ ଏହିଠାରେ ବ୍ଲକସ୍ତରୀୟ ପ୍ରତିଯୋଗୀତା ହେବ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାର ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ପେମେଣ୍ଟ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ପେମେଣ୍ଟ କରି ପେମେଣ୍ଟ ରସିଦ୍ ବିଜ୍ଞାପନ ସହ ୭୯୭୮୫୩୩୧୨୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୨୪ରେ ଯୋଗାଯୋଗ କରନ୍ତୁ।

## ୩୯ତମ ରାଜ୍ୟ ଯୁବ ବାସ୍କେଟ୍ ବଲ ପ୍ରତିଯୋଗିତା ଉଦ୍‌ଯାପିତ

# ବାଳକ ବିଭାଗରେ ଗଞ୍ଜାମ ଓ ବାଳିକା ବିଭାଗରେ କିସ୍(ଭୁବନେଶ୍ୱର )ଦଳ ଚାମ୍ପିୟନ

ଭୁବନେଶ୍ୱର, ୭।୯ (ସବ୍ୟୁ) : ସ୍ଥାନୀୟ ଗୋଠପଟଣାସ୍ଥିତ ଟାଇମ୍ସ ସ୍କଲାର୍ସ' ଗୁରୁକୁଳ ସ୍କୁଲ୍ ପରିସରରେ ଗତ ୩ ତାରିଖରୁ ଚାଲିଥିବା ୩୯ତମ ରାଜ୍ୟ ଯୁବ ବାସ୍କେଟବଲ୍ ପ୍ରତିଯୋଗିତା ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ବାସ୍କେଟବଲ୍ ଆସୋସିଏସନ୍ ଏବଂ ଟାଇମ୍ସ ସ୍କଲାର୍ସ' ଗୁରୁକୁଳର ମିଳିତ ସହଯୋଗରେ ଦୀର୍ଘ ଚାରି ଦିନ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଉଭୟ ବାଳକ ଓ ବାଳିକା ବିଭାଗରେ ପ୍ରାୟ ୭୫୦ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଚାରି ଦିନ ଧରି ଚାଲିଥିବା ଏହି କ୍ରୀଡ଼ା ମହୋତ୍ସବରେ ଯୁବ ଖେଳାଳିମାନେ ନିଜର ପ୍ରତିଭା ଓ କ୍ରୀଡ଼ା ଦକ୍ଷତା ପ୍ରଦର୍ଶନ କରିଥିଲେ।ବାଳକ ବିଭାଗର ଫାଇନାଲ୍ ମ୍ୟାଚରେ ଗଞ୍ଜାମ ଦଳ ଶ୍ରେଷ୍ଠ ପ୍ରଦର୍ଶନ କରି ଚାମ୍ପିଅନ ହୋଇଥିବା ବେଳେ ସେଲଟିକ୍ସ (କଟକ )ଦଳ ଉପବିଜେତା ହୋଇଥିଲା। ସେହିପରି ବାଳିକା ବିଭାଗରେ କିସ୍(ଭୁବନେଶ୍ୱର )ଦଳ ଚମତ୍କାର ପ୍ରଦର୍ଶନ କରି ଚାମ୍ପିଅନ ହୋଇଥିବା ବେଳେ କେଡିବିଏ(ଖୋର୍ଦ୍ଧା )ଦଳ ଉପବିଜେତା ହୋଇଥିଲା। ଉଭୟ ବିଭାଗର ଚାମ୍ପିଅନ ଦଳକୁ ୧୦,୦୦୦.. ଟଙ୍କାରଅର୍ଥରାଶି, ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ବେଳେ ଉପବିଜେତା ଦଳଗୁଡ଼ିକୁ ୫୦୦୦ ଟଙ୍କା ଅର୍ଥରାଶି, ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ସମସ୍ତ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ବାଳକ ବିଭାଗର ଫାଇନାଲର ଶ୍ରେଷ୍ଠ ଖେଳାଳି ଭାବେ .ଆଲୋକ ରଞ୍ଜନ ଲାକ୍ରା (ଗଞ୍ଜାମ ଦଳ) ଏବଂ ବାଳିକା ବିଭାଗର ଫାଇନାଲରେ ଶ୍ରେଷ୍ଠ ଖେଳାଳି ଭାବେ ଯମୁନା ହାଁସଦା (କିସ୍) ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଟିଟିଲାଗଡ଼ର ପୂର୍ବତନ ବିଧାୟିକା ତଥା ବିଜୁ ଜନତା ଦଳର ବରିଷ୍ଠ ନାରୀନେତ୍ରୀ ଟୁକୁନି ସାହୁ ଯୋଗଦେଇ କୃତୀ ପ୍ରତିଯୋଗୀ ଓ ଦଳଗୁଡ଼ିକୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ଓଡିଶା ହକି ଆସୋସିଏସନର ଓ ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଡ. ଦିଲ୍ଲୀପ ତୀର୍କି , ଆନ୍ତର୍ଜାତୀୟ ଧାବିକା ତଥା ଓଡ଼ିଶାର ପ୍ରଥମ ମହିଳା ଅଲମ୍ପିଆନ ତଥା ଏସିଆନ୍ ଆଥଲେଟିକ୍ ଚାମ୍ପିଅନସିପ୍ ପଦକ ବିଜେତା ଅନୁରାଧା ବିଶ୍ୱାଳ, ପୂର୍ବତନ ଭୁବନେଶ୍ୱର ଲୋକସଭା ସାଂସଦ ତଥା ବରିଷ୍ଠ ରାଜନେତା ଡ଼.ପ୍ରସନ୍ନ କୁମାର ପାଟସାଣୀ, ଓଡ଼ିଶା ବାସ୍କେଟବଲ୍ ଆସୋସିଏସନର ସଭାପତି ଜ୍ଞାନରଞ୍ଜନ ପରିଡ଼ା, ସମ୍ପାଦକ ଅଶୋକ କୁମାର ସାହୁ, ଟାଇମ୍ସ ସ୍କଲାର୍ସ' ଗୁରୁକୁଳର ପ୍ରତିଷ୍ଠାତା ଡ. ଶାରଦା ପ୍ରସାଦ ମିଶ୍ର ଏବଂ ଅଧ୍ୟକ୍ଷା ରଞ୍ଜିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତା ଦେଖିବା ପାଇଁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଅଭିଭାବକ, କ୍ରୀଡ଼ାପ୍ରେମୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ ଯୋଗଦେଇଥିବା ଖେଳାଳି, ପ୍ରଶିକ୍ଷକ ଓ ଅତିଥିମାନଙ୍କ ପାଇଁ ବିଦ୍ୟାଳୟ ପକ୍ଷରୁ ରହିବା, ଖାଇବା ସମେତ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା ସୁଚାରୁ ଭାବେ କରାଯାଇଥିଲା। ଏହି ପ୍ରତିଯୋଗିତାରୁ ଚୟନ ହେବାକୁ ଥିବା ଶ୍ରେଷ୍ଠ ଯୁବ ଖେଳାଳିମାନେ ଆଗାମୀ ଜାତୀୟ ଯୁବ ବାସ୍କେଟବଲ୍ ଚାମ୍ପିଅନସିପରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ।



ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod IOS
Download Now: https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି